
# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-242 ♦FRIDAY ♦27 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୪୨ ♦ଶୁକ୍ରବାର ♦୨୭ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଫୁଟବଲ କ୍ଲବ୍ କିଣିଲେ ରୋନାଲ୍ଡୋ

▶ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 28 ଫେବୃଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍ସହିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉପରେ । ପ୍ରଯୁଜ୍ୟ ଅଫରସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସହିତ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293• **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979

ସକାଳ THE SAKALA



### ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ

# ନବୀନ ନେବେ ରାଜ୍ୟସଭା ପ୍ରାର୍ଥୀ ନିଷ୍ପତ୍ତି



ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟସଭା ପ୍ରାର୍ଥିତ୍ୱ ସମ୍ପର୍କରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ନବୀନ ନିବାସରେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏପରି ନିଷ୍ପତ୍ତି ହୋଇଛି ଏବଂ ନବୀନ ଯାହା ନିଷ୍ପତ୍ତି ନେବେ, ସେହି ଅନୁଯାୟୀ ଆମର ବିଧାୟକମାନେ ଭୋଟଦାନ କରିବେ ବୋଲି

### ପ୍ରତିମାସରେ ଗୋଟିଏ ଲେଖାଏଁ ସମସ୍ୟାକୁ ସ୍ୱର କରିବ ଦଳ

ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ପିଏସି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ଆମ ନେତାଙ୍କୁ ପ୍ରାର୍ଥୀ ଚୂଡ଼ାନ୍ତ କରିବା ପାଇଁ ଆମେ ଅନୁରୋଧ କରିଛୁ। ସେ ଯାହା ଚୂଡ଼ାନ୍ତ କରିବେ, ତାହା ଆମ ପାଇଁ ସର୍ବମାନ୍ୟ ବୋଲି ସେ କହିଛନ୍ତି।

ସେହିପରି ବୈଠକର ଅନ୍ୟ ଆଲୋଚନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ କ୍ଷମତାକୁ ଆସିବା ପୂର୍ବରୁ ରାଜ୍ୟ ସରକାର ଅନେକ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ଏବେ ତାହାକୁ ପାଳନ କରୁନାହାନ୍ତି। ବିଶେଷକରି ଚାଷୀମାନେ ରାଜ୍ୟବ୍ୟାପୀ ଯନ୍ତ୍ରଣାରେ ଜର୍ଜରିତ ହେଉଥିବା ବେଳେ ବିଜେଡି ଏନେଇ ରାଜ୍ୟବାପୀ ବିକ୍ଷୋଭ, ଆନ୍ଦୋଳନ କରିସାରିଛି। ଏବେ ବିଜେଡି ହାତରେ ଆଇନ ଶୃଙ୍ଖଳା, ଭତ୍ତା, ମହିଳା ସୁରକ୍ଷା, ମହାନଦୀ ପରି ରାଜ୍ୟସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ରହିଛି। ଆଗାମୀ ଦିନରେ ବିଜେଡି କେଉଁ ସମସ୍ୟାକୁ ନେଇ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିବ, ସେନେଇ ବୈଠକରେ ବିଶଦ୍ ଭାବରେ ଆଲୋଚନା ହୋଇଛି। ପ୍ରତି ମାସରେ କିପରି ଗୋଟିଏ ଲେଖାଏଁ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ବିଜେଡି ଲୋକଙ୍କ ସ୍ୱର ପାଲଟିବ, ସେନେଇ ବୈଠକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ସେହିପରି ସଂଗଠନକୁ ସୁଦୃଢ଼ ସହ ଯୁବ, ଛାତ୍ର ଓ ମହିଳା ସଂଗଠନକୁ କିପରି କ୍ରିୟାଶୀଳ ହେବ ସେନେଇ ଆଲୋଚନା ହୋଇଥିବା ଶ୍ରୀମତି ମଲ୍ଲିକ ସୂଚନା ଦେଇଛନ୍ତି। ବୈଠକରେ ନବୀନଙ୍କ ରାଜନୈତିକ ସଚିବ ଡ. ସଂନ୍ତୃପ୍ତ ମିଶ୍ର, ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ଡ. ସସ୍ମିତ ପାତ୍ର, ବିକ୍ରମ କେଶରୀ ଆରୁଖ ଓ ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ବିଜେଡିର ସର୍ବୋଚ୍ଚ ନେତା ଯେତେବେଳେ ବି ରାଜ୍ୟସଭା କଥା ଚିନ୍ତା କରିଛନ୍ତି, ସେତେବେଳେ ସେ ପ୍ରଥମେ ଓଡ଼ିଶାର ହିତ କଥା ଚିନ୍ତା କରିଛନ୍ତି। ଓଡ଼ିଶାର ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସେ ସବୁବେଳେ ଉଚିତ୍ ପଦକ୍ଷେପ ନେଇଛନ୍ତି। ଆଜି ମଧ୍ୟ ସେ ଯାହାକୁ ରାଜ୍ୟସଭା ପଠାଇବାକୁ ନିଷ୍ପତ୍ତି ନେବେ, ନିଶ୍ଚିତ ଭାବେ ସଠିକ୍ ନିଷ୍ପତ୍ତି ନେବେ। ଯିଏ ଓଡ଼ିଶାର ସ୍ୱାର୍ଥ ଏବଂ ହିତକୁ ଦୃଷ୍ଟିରେ ରଖି କାମ କରିପାରୁଥିବ, ସେହିପରି ବ୍ୟକ୍ତିବିଶେଷଙ୍କୁ ସେ ରାଜ୍ୟସଭା ପଠାଇବେ ବୋଲି ଶ୍ରୀମତୀ ଛୁରିଆ ସୂଚନା ଦେଇଛନ୍ତି।

# ବିଜେଡି ନେଲା ୬ ସେଟ୍ ନାମାଙ୍କନପତ୍ର ଫର୍ମ

### ହାଇଦରାବାଦର କାନ୍ତେ ସାୟାନ୍ନାଙ୍କ ନାମାଙ୍କନ

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି ପ୍ରକାଶର ପ୍ରଥମ ଦିନରେ ବିଜେଡି ନେଇଛି ୬ ସେଟ୍ ନାମାଙ୍କନ ପତ୍ର। ରିଟର୍ଣ୍ଣିଂ ଅଫିସରଙ୍କ ଉପସ୍ଥିତିରେ ଦଳର ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ନାମାଙ୍କନ ପତ୍ର ଆଣିଛନ୍ତି। ରାଜ୍ୟରେ ଖାଲି ହେବାକୁଥିବା ୪ ରାଜ୍ୟସଭା ଆସନ ମଧ୍ୟରୁ ବିଜେଡି ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଓ ଏହା ପରେ ଦଳ ନିକଟରେ ୧୬ଟି ବଳକା ପ୍ରଥମ ପସନ୍ଦ ଭୋଟ ରହିବ। ଏହା ସତ୍ତ୍ୱେ ଦଳ ପକ୍ଷରୁ ୬ ସେଟ୍ ପ୍ରାର୍ଥୀପତ୍ର ନିଆଯିବାକୁ ନେଇ କଳ୍ପନାଜଳ୍ପନା ଜୋର ଧରିଛି। ବିଜେଡି ରାଜ୍ୟସଭା ନିର୍ବାଚନ ପାଇଁ ଦୁଇ ଜଣଙ୍କୁ ପ୍ରାର୍ଥୀ କରିପାରେ ବୋଲି ଅନେକ ରାଜନୈତିକ ସମୀକ୍ଷକ ମନେ କରୁଛନ୍ତି। ନବୀନ ସବୁବେଳେ ପ୍ରତିପକ୍ଷ ରାଜନୈତିକ ଦଳକୁ ଆଶ୍ଚର୍ଯ୍ୟ କରିବା ପରି ପଦକ୍ଷେପ ନେଇଥାଆନ୍ତି, ତେଣୁ ଆଗାମୀ ଦିନରେ ସେ କେଉଁ ପଦକ୍ଷେପ ନେବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ସେହିପରି ହାଇଦ୍ରାବାଦର କାନ୍ତେ ସାୟାନ୍ନା ନାମକ ନାମକ ଜଣେ ନିର୍ଦ୍ଦଳୀୟ ବ୍ୟକ୍ତି ଗୋଟିଏ ସେଟ୍ ଫର୍ମ ନେବା ସହ ଆଜି ନାମାଙ୍କନ କରିଛନ୍ତି। ବିନା କୌଣସି ପ୍ରସ୍ତାବକଙ୍କ ଦସ୍ତଖତରେ ସେ ନାମାଙ୍କନ ଭରିଥିବା ଜଣାପଡ଼ିଛି।

# ରାଜ୍ୟସଭା ପ୍ରାର୍ଥୀ ପ୍ରସଙ୍ଗରେ ଦିଲ୍ଲୀ ଯିବେ ଭକ୍ତ

### କଂଗ୍ରେସ ଏହି ନିର୍ବାଚନରେ ସକ୍ରିୟ ଭୂମିକା ଗ୍ରହଣ କରିବ

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟର ଖାଲି ପଡୁଥିବା ୪ଟି ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳମାନେ ସଜବାଜ ଆରମ୍ଭ କରିଥିବା ବେଳେ ଚତୁର୍ଥ ଆସନକୁ ନେଇ ଏବେ ବି କଳ୍ପନାଜଳ୍ପନା ଲାଗି ରହିଛି। ତେବେ ଆବଶ୍ୟକ ସଂଖ୍ୟା ନ ଥାଇ ମଧ୍ୟ ନିର୍ବାଚନ ରେସ୍‌ରେ ନିଜର ଉପସ୍ଥିତି ଜାହିର କରିବାକୁ କଂଗ୍ରେସ ଜୋରଦାର ଉଦ୍ୟମ କରୁଛି। ତେଣୁ ବିଜେପିକୁ ଚତୁର୍ଥ ଆସନଠାରୁ ଦୂରେଇ ରଖିବାକୁ ଦଳ ସତ ଚେଷ୍ଟା କରୁଛି। ଏହି କ୍ରମରେ ରାଜ୍ୟସଭା ନିର୍ବଚନକୁ ନେଇ କଂଗ୍ରେସର ରଣନୀତି ସମ୍ପର୍କରେ ଦିଲ୍ଲୀରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ସ୍ଥିର ହୋଇଛି। ଅନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେବା ସହିତ ଦିଲ୍ଲୀରେ ଚୂଡାନ୍ତ ନିଷ୍କର୍ଷ ବାହାରିବ ବୋଲି କହିଛନ୍ତି।

ଭକ୍ତ କହିଛନ୍ତି, ୨୮ ତାରିଖ ସୁଦ୍ଧା ରାଜ୍ୟସଭା ନିର୍ବାଚନରେ ପାର୍ଥୀ ଦେବା ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ। ଆମେ ଦିନେ କି ଦୁଇ ଦିନ ଭିତରେ ଦିଲ୍ଲୀ ଯିବୁ। ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ଆମେ ନିଷ୍ପତ୍ତି ନେବୁ। କଂଗ୍ରେସ ଦଳ ରାଜ୍ୟସଭା ନିର୍ବାଚନରେ ସକ୍ରିୟ ଭୂମିକା ଗ୍ରହଣ କରିବ। ରାଜ୍ୟସଭା ପାର୍ଥୀ ଆମେ ଦଳରୁ ଦେବୁ କି ବାହାରୁ ଦେବୁ ତାହା ଦିଲ୍ଲୀରେ ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ସ୍ପଷ୍ଟ ହେବ। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାକୁ ନେଇ ଏବେ ବି ଭକ୍ତ ଆଶାବାଦୀ ଥିବା ଜଣାପଡ଼ିଛି। ତେବେ କଂଗ୍ରେସ ଏ ନିର୍ବାଚନରେ ଶକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ଭକ୍ତ ଦୃଢ଼ତାର ସହ କହିଛନ୍ତି।

# ସଂସଦୀୟ ବୋର୍ଡ ହାତରେ ବିଜେପି ଚାବି

ଭୁବନେଶ୍ୱର,୨୬।୨(ସମିସ): ଗୁରବାରଠାରୁ ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଦିନେ ଦୁଇଦିନ ମଧ୍ୟରେ ବିଜେପି ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ। ଏନେଇ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର।

ଶ୍ରୀ ତୋମାର କହିଛନ୍ତି ଯେ ଆମର ଦଳରେ ପ୍ରାର୍ଥୀ ଚୟନ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ରହିଛି। ନିକଟରେ ବସିଥିବା କୋର୍ କମିଟି ବୈଠକରେ ପ୍ରସ୍ତାବିତ ନାମକୁ ବିଜେପି ସଂସଦୀୟ ବୋର୍ଡ ନିକଟକୁ ପଠାଇ ଦିଆଯାଇଛି। ଆଜି କିମ୍ବା କାଲି ସଂସଦୀୟ ବୋର୍ଡର ବୈଠକ ବସିପାରେ। ବୈଠକରେ ହିଁ ପ୍ରାର୍ଥିତ୍ୱ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଜଣାଇ ଦିଆଯିବ ବୋଲି ଶ୍ରୀ ତୋମାର କହିଛନ୍ତି। ଅପରପକ୍ଷେ ୪ ଆସନରୁ ବିଜେପିର ୨ଟି ଆସନରେ ବିଜୟ ସୁନିଶ୍ଚିତ ଥିବାବେଳେ ରେସରେ ରାଜ୍ୟସଭା ଦୌଡ଼ରେ ସୁଜିତ୍ କୁମାର ଏବଂ ପୂର୍ଣ୍ଣିମା କେର୍କେଟାଙ୍କ ନାମ ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ବିଶେଷକରି ଆଜି ରାଜ୍ୟ ବିଜେପି ନେତୃବୃନ୍ଦଙ୍କ ସୁଜିତ୍ କୁମାରଙ୍କ ଘଣ୍ଟାଧିକ କାଳ ଆଲୋଚନା ଏହି ଚର୍ଚ୍ଚାକୁ ବଳ ଦେଇଛି। ଗୁରବାର ସୁଜିତ କୁମାରଙ୍କୁ ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଡକରା ଆସିଥିବା ବେଳେ ବିଜେପି ସଭାପତି ମନମୋହନ ସାମଲ, ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ

- ଚର୍ଚ୍ଚା ବଢ଼ାଇଲା ଆର୍‌ଆଇଟିଇଏସ୍‌ରୁ ପୂର୍ଣ୍ଣିମାଙ୍କ ଇସ୍ତଫା
- ରାଜ୍ୟସଭା ଯିବାକୁ ଅରାଜି ହେଉଛନ୍ତି ମନମୋହନ

ସହ ସେ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଆଲୋଚନା ସମାପ୍ତ ପରେ ତାଙ୍କ ହାବଭାବରୁ ସେ ବେଶ୍ ଉତ୍ସାହିତ ଥିବା ଜଣାପଡୁଥିଲା।

ଅପରପକ୍ଷେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେର୍କେଟା ଦିନକ ତଳେ ରେଳ ମନ୍ତ୍ରାଳୟ ଅନ୍ତର୍ଗତ ଆରଆଇଟିଇଏସର ସ୍ୱାଧୀନ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟସଭା ସାଂସଦ ନିର୍ବାଚନ ଏବଂ ତାଙ୍କର ଇସ୍ତଫାକୁ ଏବେ ରାଜନୈତିକ ସମୀକ୍ଷକମାନେ ଯୋଡ଼ି ଦେଖୁଛନ୍ତି। ପୂର୍ଣ୍ଣିମା ବିଜେପିରେ ଦୀର୍ଘ ସମୟ ଧରି କାମ କରିଆସିଥିବା ବେଳେ ସେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମଙ୍କ ଘନିଷ୍ଠ ବୋଲି କୁହାଯାଉଛି। ବର୍ତ୍ତମାନ ସେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାନେତ୍ରୀ ମଧ୍ୟ ଅଛନ୍ତି। ଏହି ଦୃଷ୍ଟିରୁ ରାଜ୍ୟସଭା ପାଇଁ ତାଙ୍କ ନାମକୁ ଦଳ ବିଚାର କରିପାରେ ବୋଲି ସୂଚନା ମିଳିଛି। ସେହିପରି କୋର କମିଟି ରାଜ୍ୟ ବିଜେପି ସଭାପତି ମନମୋହନଙ୍କ ନାମ ସୁପାରିସ କରିଥିଲେ ହେଁ ସେ ରାଜ୍ୟସଭାକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିବା ତାଙ୍କ ନିକଟତମ ମହଲରେ ଚର୍ଚ୍ଚା ହେଉଛି। ତେଣୁ ଦଳ ଯଦି ତୃତୀୟ ପାର୍ଥୀ ଦେବାକୁ ବିଚାର କରେ, ତେବେ ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି।

# ବାଣପୁର ବ୍ଲକ ବିଜେଡି ଯୁବ ସଭାପତିଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ

ବାଣପୁର,୨୬।୨(ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଭେଷରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ରାସ୍ତାରେ ଅଟକାଇ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଆହତ ଯୁବକ ଜଣକ ହେଲେ ବାଣପୁର ବ୍ଲକ ବିଜେଡି ଯୁବ ସଭାପତି କୈଳାଶ ମହାପାତ୍ରଙ୍କ ବଡ଼ ଭାଇ ପ୍ରକାଶ ମହାପାତ୍ର ବୋଲି ଜଣା ପଡିଛି। ଆକ୍ରମଣ ଫଳରେ ଗୁରୁତର ଆହତ ହୋଇ ପ୍ରକାଶ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



ବାଣପୁର ଥାନା ଅନ୍ତର୍ଗତ ଭେଷରୀ ଗ୍ରାମର ଯାନିଯାତ୍ରାକୁ ନେଇ କିଛି ଦିନ ପୂର୍ବେ ପ୍ରକାଶ ଓ ଉକ୍ତ ଭେଷରୀ ଗ୍ରାମର ତଥା ନନ୍ଦପୁର ଗ୍ରାମପଞ୍ଚାୟତର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆଙ୍କ ସହ କଥା କଟାକଟି ଲାଗି ଥିବାବେଳେ ପୁଷ୍ପମିତ୍ର ପ୍ରକାଶଙ୍କୁ ଧମକ ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏପରିସ୍ଥଳେ ଗୁରୁବାର ସକାଳେ ପ୍ରକାଶ ନିଜ ଗାଡି ଯୋଗେ ଅଲାଇଡିହ ଛକରୁ ଗ୍ରାମକୁ ଫେରୁଥିବା ସମୟରେ ରାସ୍ତାରେ ପୁଷ୍ପମିତ୍ରଙ୍କ ସହ ଭେଷରୀ ଗ୍ରାମର ପ୍ରଶାନ୍ତ ଜେନା, ସମିର ଖୁଣ୍ଟିଆ, ରାଜା ପ୍ରଧାନ, ସାଗର ଜେନା, ରାମ ଖୁଣ୍ଟିଆ ଓ ପ୍ରତାପ ଗ୍ରାମର କହ୍ନେଇ ନାମକ ଯୁବକ ମିଳିତ ଭାବେ ଗାଡିକୁ ଅଟକାଇ ପ୍ରକାଶଙ୍କୁ ଗାଡିରୁ ଟାଣି ନେଇ ମାରପିଟ କରିବା ସହ ଏକ ମାରଣାସ୍ତ୍ରରେ ପ୍ରକାଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରକାଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେ ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡିଯାଇଥିଲେ। ପାଟିତୁଣ୍ଡ ଶୁଣି କୈଳାଶ ଓ ଗ୍ରାମର କିଛି ଲୋକ ଘଟଣା ସ୍ଥଳରେ ପହଁଚି ଯିବାରୁ ଆକ୍ରମଣକାରୀ ମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ସେ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ପ୍ରକାଶଙ୍କ ଭାଇ କୈଳାଶ ବାଣପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି।

# ରାଜଧାନୀର ୫ଟି ସ୍ଥାନରେ ଇଡି ଚଢ଼ଉ

ଭୁବନେଶ୍ୱର, ୨୬।୨(ସମିସ): ଅର୍ଥ ହେରଫେର ଏବଂ ଜମି ଜାଲିଆତି ମାମଲାରେ ଇଡି ତଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏକ ଟ୍ରଷ୍ଟ ଉପରେ ଚଢ଼ଉ କରିଛି। ଭୁବନେଶ୍ୱର ସହିଦନଗର କାର୍ଯ୍ୟାଳୟ ଉପରେ କୋଲକାତା ଇଡି ପକ୍ଷରୁ ରେଡ କରାଯାଇଛି। ମୁମ୍ବାଇ ଲିଙ୍କ୍ ନେଇ ଖୋଳତାଡ଼ କରାଯାଉଛି। ବ୍ରହ୍ମପୁରରେ ସାହାରା ଇଣ୍ଡିଆ ଜମି ଜାଲିଆତି କରି ଜମି କିଣିଥିବା ନେଇ ଅଭିଯୋଗ ପରେ ଇଡି ପକ୍ଷରୁ ଚଢ଼ଉ କରାଯାଇଛି। ଟ୍ରଷ୍ଟର ମୁଖ୍ୟଙ୍କ ଉପରେ ଏହି ରେଡ୍ କରାଯାଇଛି। ଚାରିଟେବୁଲ ଟ୍ରଷ୍ଟର ସହିଦନଗର କାର୍ଯ୍ୟାଳୟ, ଏକ ଘରୋଇ ହସ୍ପିଟାଲ ସମେତ ୫ଟି ସ୍ଥାନରେ ରେଡ୍ କରାଯାଉଛି ବୋଲି ଇଡି ପକ୍ଷରୁ ସୂଚନା ମିଳିଛି। ଚଢ଼ଉ ସମୟରେ ଏକାଧିକ ଦସ୍ତାବିଜ୍ ଜବତ କରି ଛାନ୍‌ଭିନ୍ କରୁଛି। ଏଥିସହ ସଂସ୍ଥାର କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ତେବେ ରେଡ୍ ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଓଲଟିଲା ବୋର୍‌ୱେଲ୍ ଗାଡ଼ି; ୨ ଶ୍ରମିକ ମୃତ

ବ୍ରହ୍ମପୁର,୨୬।୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡ଼ଙ୍କୁଲିରୁ ଗୁରୁଣ୍ଟି, ବଡ଼ କୁଶସ୍ଥଳୀ ଯିବା ରାସ୍ତାରେ ଏକ ବୋର୍‌ୱେଲ ଗାଡ଼ି ଗୁରୁବାର ସନ୍ଧ୍ୟାରେ ଓଲଟି ପଡ଼ିବାରୁ ୨ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୭ରୁ ୮ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ମୟୂରଭଞ୍ଜର ରବି ନାୟକ ଓ ଫୁଲବାଣୀର ଶିବାଜୀ କହଁର। ଗୁରୁତରଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

### ସାଇକଲ ଆରୋହୀ ସମେତ ୮ ଗୁରୁତର

ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ୨ଜଣ ସାଇକଲ ଆରୋହୀ ଝାଡ଼ଙ୍କୁଲି ଫାର୍ମହାଉସ୍ ଛକ ଦେଇ ଯାଉଥିଲେ। ଏହି ସମୟରେ ବ୍ରହ୍ମପୁର ଆଡ଼କୁ ଦ୍ରୁତ ଗତିରେ ଆସୁଥିବା ଏକ ବୋରୱେଲ ଗାଡ଼ି ଝାଡ଼ଙ୍କୁଲି ଛକ ବୁଲାଣିରେ ସାଇକଲ ଆରୋହୀଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଏହାପରେ ଗାଡ଼ିଟି ଭାରସାମ୍ୟ ହରାଇ ଗଛରେ ପିଟି ହେବା ପରେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବୋର୍‌ୱେଲ ଗାଡ଼ି ଉପରେ ବସିଥିବା ୭ରୁ ୮ ଜଣ ଶ୍ରମିକ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ରବି ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପାଇପ୍ ତଳେ ଚାପି ହୋଇ ରହିଥିବା ଶିବାଜୀ କହଁରଙ୍କୁ ଉଦ୍ଧାର ପରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ସେହିପରି ଗାଡି ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ହୋଇଥିବାବେଳେ ଏକାଧିକ ଶ୍ରମିକଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏମ୍‌କେସିଜିକୁ ପଠାଇଥିଲେ। ଦୁର୍ଘଟଣା ପରେ ବୋର୍‌ୱେଲ ଗାଡ଼ି ଚାଳକ ଚମ୍ପଟ ମାରିଥିଲେ। ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଗାଡ଼ି ଚାଳକଙ୍କ ମୋବାଇଲ ରିଙ୍ଗ ହେଉଛି। ସେ କେଉଁଠି ଅଛନ୍ତି ଜାଣିବାକୁ ପୁଲିସ ମୋବାଇଲ ଟ୍ରାକିଂ କରୁଛି। ଘଟଣାସ୍ଥଳରେ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ସମେତ ବହୁ ପୁଲିସ କର୍ମଚାରୀ ପହଞ୍ଚି ତଦନ୍ତ କରୁଛନ୍ତି।

### ଚୌଦ୍ୱାର ଜେଲ୍‌ରୁ କଏଦୀ ଫେରାର ଘଟଣା

# ତଦନ୍ତ ରିପୋର୍ଟରେ ସାଙ୍ଘାତିକ ତଥ୍ୟ

ଭୁବନେଶ୍ୱର, ୨୬।୨ (ସମିସ): ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣା ତଦନ୍ତ ରିପୋର୍ଟରେ ସାମ୍ନାକୁ ଆସିଛି ସାଂଘାତିକ ଓ ଚାଞ୍ଚଲ୍ୟକର ତଥ୍ୟ। ଡିଆଇଜି ଅନସୂୟା ଜେନା ବିଭାଗରେ ଦାଖଲ କରିଥିବା ରିପୋର୍ଟରେ ଜେଲରେ ଯାବତୀୟ ଅବ୍ୟବସ୍ଥା, ଅଧିକାରୀଙ୍କଠାରୁ ଆରମ୍ଭ କରି ୱାର୍ଡରଙ୍କ ଦାୟିତ୍ୱ ଅବହେଳା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି। କଏଦୀ ଫେରାର ଘଟଣାରେ ଡିଆଇଜିଙ୍କ ଚୌଦ୍ୱାର ଜେଲ୍‌ର ଖଇଚିଆ ବ୍ୟବସ୍ଥା ଓ କର୍ମଚାରୀ, ଅଧିକାରୀଙ୍କ ଦାୟିତ୍ୱହୀନତାର ଠାବ ହୋଇଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ ହୋଇଥିଲା। ଏସବୁ ଜବତ ହେବା ଅଭିଯୁକ୍ତମାନେ ଖସିଯିବାକୁ ଯୋଜନା କରୁଥିବା ଦର୍ଶାଉଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ସେଲକୁ ସ୍ଥାନାନ୍ତର କରାଯାଇ ନଥିଲା। ଯାହା କି ବରିଷ୍ଠ ଜେଲ୍ ଅଧୀକ୍ଷକଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ବରିଷ୍ଠ ଅଧୀକ୍ଷକ ସେପ୍ଟେମ୍ବର ୨୯ ଓ ୩୦ ତାରିଖ ଛୁଟିରେ ଥିବାବେଳେ ଅକ୍ଟୋବର ୧ ତାରିଖ ମଧ୍ୟାହ୍ନ ମଧ୍ୟରେ କାର୍ଯ୍ୟରେ ଯୋଗଦେବା

- ନିଲମ୍ବିତ ହୋଇଛନ୍ତି ୱାର୍ଡର, ମୁଖ୍ୟ ୱାର୍ଡର ଓ ଜେଲର୍
- କାହା ଛାୟାତଳେ ସୁରକ୍ଷିତ ସିନିଅର ସୁପରିଟେଣ୍ଡେଣ୍ଟ

କଥା; କିନ୍ତୁ ସେ ସେହିଦିନ ସନ୍ଧ୍ୟା ସାଢ଼େ ୫ଟା ପରେ ଜେଲକୁ ଆସିଥିଲେ। ସେହିପରି ୩ ତାରିଖରେ କଏଦୀ ଫେରାର ହେବାର ପୂର୍ବଦିନ ଅର୍ଥାତ୍ ୨ ତାରିଖରେ ବରିଷ୍ଠ ଅଧୀକ୍ଷକ ସକାଳ ୮ଟା ୩୪ରେ ଅଫିସ୍ ଆସି ୯ଟା ୩୦ରେ ଫେରି ଯାଇଥିଲେ। ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ଆଉଟ୍ ରେଜିଷ୍ଟରରେ ତାଙ୍କର ଦସ୍ତଖତର ସମୟ ମେଳ ଖାଇନଥିଲା। ସେ ନିୟମିତ ଜେଲକୁ ଆସୁ ନ ଥିଲେ, ଯାହାଦ୍ୱାରା ଜେଲ୍ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ଏଭଳି ଅଘଟଣ ଘଟିଲା। ଏମିତିକି କଏଦୀମାନଙ୍କର ଲକ୍ ଅପ୍ ଓ ତାଲା ଖୋଲିବା ସମୟରେ ବରିଷ୍ଠ ଅଧୀକ୍ଷକ ଅନୁପସ୍ଥିତ ରହୁଥିଲେ ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

ରାଜ୍ୟର ଅନ୍ୟତମ ପ୍ରମୁଖ ସୁରକ୍ଷିତ ଜେଲ୍ କୁହାଯାଉଥିବା ଚୌଦ୍ୱାରରୁ ହତ୍ୟା ଭଳି ଜଘନ୍ୟ କାଣ୍ଡ ଭିଆଇଥିବା ଅଭିଯୁକ୍ତ ଖସିଯିବା ପରେ ଜେଲ୍ ବିଭାଗ ନିନ୍ଦା ଅପବାଦ ମୁଣ୍ଡାଇଛି। ଅଭିଯୁକ୍ତମାନଙ୍କୁ ଧରିବାକୁ କମିସନରେଟ ପୁଲିସ ମଧ୍ୟ ନାକେଦମ୍ ହୋଇଛି। ଗୁମର ଖୋଲି ଦେଇଛି। ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ବେଳେ ୨ ଜଣଙ୍କୁ ଗୁଳି କରି ହତ୍ୟା ଅଭିଯୋଗରେ ଗିରଫ ମଧୁକାନ୍ତ ରଣା ଓ ରାଜା ସାହାଣୀକୁ ଚୌଦ୍ୱାର ଜେଲରେ ରଖାଯାଇଥିଲା। ଗତ ଅକ୍ଟୋବର ୩ ତାରିଖ ରାତିରେ ଜେଲ୍ ପାଚେରି ଡେଇଁ ମଧୁକାନ୍ତ ଓ ରାଜା ଫେରାର ହୋଇଯାଇଥିଲେ। ପ୍ରାୟ ୪ ମାସ ପରେ ଫେବୃଆରୀ ୧୪ ତାରିଖରେ କମିସନରେଟ ପୁଲିସ ମଧୁକାନ୍ତକୁ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଥିବା ବେଳେ ଏଯାଏଁ ରାଜାର ପତ୍ତା ମିଳିନାହିଁ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ଅନସୂୟା ଜେନା ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିଛନ୍ତି।

ସୂଚନା ଅନୁସାରେ ଡ଼ିଆଇଜିଙ୍କ ରିପୋର୍ଟରେ ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କ ଯାବତୀୟ ଦାୟିତ୍ୱହୀନତାକୁ ଉଲ୍ଲେଖ କରାଯାଇଛି। ମଧୁକାନ୍ତ ଓ ରାଜା ପୂର୍ବରୁ ମଧ୍ୟ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଛନ୍ତି। ମଧୁକାନ୍ତ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ

### ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ଓଡ଼ିଶା ଗସ୍ତ

ଝାରସୁଗୁଡ଼ା,୨୬।୨(ସମିସ): ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟ ମାନେ ଓଡ଼ିଶା ଗସ୍ତରେ ଆସି ଗୁରୁବାର ସନ୍ଧ୍ୟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଛନ୍ତି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ ତ୍ରିବେଦୀ, ସଦସ୍ୟ ଜଷ୍ଟିସ ଡ.ରବିରଞ୍ଜନ, ଜଷ୍ଟିସ ଇନ୍ଦରମିତ କୌର କୋଛର, ଭବ୍ୟା ପ୍ରିୟଦର୍ଶିନୀ, ଆସେସର ଏ.କେ ସିଂ, ଆସେସର କ୍ରିଷ୍ଣାନୁନ୍ନି ଏନଏମ, ରେଜିଷ୍ଟ୍ରାର ଚନ୍ଦନ ମୁଖାର୍ଜୀ, ପିପିଏସ ଅନିଲ ଦତ୍ତ ଶର୍ମା, ପିଏସ ସୁଜିତ ଗିରି, ଏସଓ ମନୋଜ ଗୁରୁବାର ଅପରାହ୍ନ ୫.୧୫ରେ ଦିଲ୍ଲୀରୁ ବିମାନ ଯୋଗେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିଥିଲେ। ଝାରସୁଗୁଡ଼ାରୁ ସମ୍ବଲପୁର ହୀରାକୁଦରେ ଥିବା ଅଶୋକ ନିବାସରେ ରାତ୍ରିଯାପନ କରି ଶୁକ୍ରବାର ହୀରାକୁଦ ଏବଂ ମହାନଦୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ଓଡ଼ିଶା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଭିଭିଆଇପି ଅତିଥିଙ୍କ ଗସ୍ତକୁ ନେଇ ଝାରସୁଗୁଡ଼ା ବିମାନ ବନ୍ଦର ହାଇଆଲର୍ଟରେ ରହିଥିଲା। ଆଇଜି ହିମାଂଶୁ ଲାଲଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଏସପି ଗୁଣ୍ଡାଲାରେଡ୍ଡୀ ରାଘବେନ୍ଦ୍ର ବିମାନ ବନ୍ଦରରେ ଉପସ୍ଥିତ ଥିଲେ।



# ଉଚ୍ଛେଦ ବେଳେ ବିଷ ପିଇଦେଲେ ଦୋକାନୀ

ବାଲିପାଟଣା,୨୬।୨(ସମିସ): ଜବରଦଖଲ ଉଚ୍ଛେଦ ବେଳେ ଆମଣାକୁଦ ପଞ୍ଚାୟତ ମାଣିକପୁର ଗ୍ରାମରେ ଜଣେ ଦୋକାନୀ ବିଷ ପିଇ ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ବ୍ୟକ୍ତି ହେଲେ ମାଣିକପୁର ଗ୍ରାମର ବିପିନ ସେଠୀ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ସୂଚନା ମୁତାବକ ବିପିନ ଗାଁ ନିକଟରେ ଥିବା ଏକ ସରକାରୀ ଜାଗାରେ ଦୀର୍ଘ ୩ ଦଶନ୍ଧି ହେଲା ଘର ତୋଳି ଦୋକାନ କରିଥିଲେ। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ତାଙ୍କ ପରିବାର ଗୁଜୁରାଣ ମେଣ୍ଟି ଯାଉଥିଲା। ସ୍ଥାନୀୟଲୋକେ ସରକାରୀ ଜାଗା ଜବରଦଖଲ ହୋଇଥିବା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ତହସିଲ ପ୍ରଶାସନ ତରଫରୁ ତଦନ୍ତ ପରେ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲା।

ଗୁରୁବାର ସକାଳେ ବାଲିପାଟଣା ତହସିଲଦାର ଓ ଟିମ୍ ଯାଇ ମାଣିକପୁରରେ ଉଚ୍ଛେଦ ପାଇଁ ଜେସିବି ପହଞ୍ଚିଥିଲା। ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଦୋକାନ ଉଚ୍ଛେଦ ପାଇଁ ଯୋଜନା ହୋଇଥିବା ବିପିନ ଅଭିଯୋଗ କରିଥିଲେ। ପ୍ରଶାସନ ନ ଶୁଣିବାରୁ ସେ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ସଙ୍ଗେ ସଙ୍ଗେ ଆଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆ ଯାଇଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ମଣ୍ଡି ଓ ମିଲ୍ ଯନ୍ତ୍ରଣା; ଆଖି ବୁଜିଲେ ଚାଷୀ

### ୧୬ ଜାନୁଆରୀରେ ଆସିଥିଲା ଟୋକନ, ୨୫ ଫେବୃଆରୀରେ ଦେଲେ ଧାନ

ରାଜନଗର,୨୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କୁଣଗଡି ଗାଁରେ ମଣ୍ଡି ଓ ମିଲରଙ୍କ ନିର୍ଯାତନା ସହି ନ ପାରି ଜଣେ ଚାଷୀ ଶେଷରେ ଆଖି ବୁଜିଛନ୍ତି। ଦୀର୍ଘ ୪୦ ଦିନ କାଳ ଦୌଡି ଦୌଡି ଅଣନିଃଶ୍ୱାସୀ ହୋଇପଡିଥିବା ଚାଷୀ ଶେଷରେ ଆଖି ବୁଜିଛନ୍ତି। ମୃତ ଚାଷୀ ତ୍ରିଲୋଚନ ନାୟକ (୫୩ ବର୍ଷ)। ୩ ଦିନ କାଳ ମିଲ ସାମ୍ନାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡି ରହି ଅସୁସ୍ଥ ହୋଇପଡିଥିଲେ। ମିଲ୍‌ରୁ ଫେରି ଘରେ ଗତକାଲି ରାତିରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଛି।



କୁଣଗଡି ଗାଁର ତ୍ରିଲୋଚନ ନାୟକଙ୍କର ୧୬ ଜାନୁଆରୀରେ ଧାନ ଦେବାକୁ ମେସେଜ ଆସିଥିଲା। ୧୫ ଫେବୃଆରୀରେ ଧାନ ଦେବାର ଶେଷ ତାରିଖ ଥିଲା। ତ୍ରିଲୋଚନ ଜାନୁଆରୀ ୧୬ ତାରିଖଠାରୁ ଈଶ୍ୱରପୁରସ୍ଥ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡି ଥକି ପଡିଥିଲେ ବି ଧାନ ଦେଇପାରି ନ ଥିଲେ। ଟୋକାନ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୧୪ ଫେବୃଆରୀରେ ତ୍ରିଲୋଚନ ଧାନ ଦେଇ ନ ଥିଲେ ମଧ୍ୟ ତାଙ୍କ ଆଖି ସ୍କାନ କରାଯାଇଥିଲା। ଫେବୃଆରୀ ୨୩ ତାରିଖ ଦିନ ତ୍ରିଲୋଚନ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁରୁଗାଁସ୍ଥ ରାମଚଣ୍ଡୀ ମିଲକୁ ଯାଇଥିଲେ। ରାମଚଣ୍ଡୀ ମିଲରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏଁ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ଅଖିଆ ଅପିଆ ପଡ଼ିରହିଥିଲେ। ଖୋଲା ଆକାଶ ତଳେ ତିନିଦିନ ଅଖିଆ ଅପିଆ ରହିବା ଯୋଗୁ ତ୍ରିଲୋଚନ ନିଜକୁ ଅସୁସ୍ଥ ଅନୁଭବ କରିଥିଲେ। ସନ୍ଧ୍ୟାରେ ତ୍ରିଲୋଚନଙ୍କୁ ଘରକୁ ବିଦା କରି ତାଙ୍କ ଭାଇ ଦୁର୍ଯ୍ୟୋଧନ ମିଲରେ ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ଅଧିକ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତ୍ରିଲୋଚନ ଅସୁସ୍ଥ ହୋଇ ପଡିବା ପରେ ଦୁର୍ଯ୍ୟୋଧନ ମିଲରଙ୍କୁ ତାଙ୍କ ଧାନ ଖାଲି କରିଦିଅନ୍ତୁ। ଭାଇ ମେଡିକାଲରେ ପଡିଛି ବୋଲି ବାରମ୍ବାର ନେହୁରା ହେବା ପରେ ରାମଚଣ୍ଡୀ ମିଲର ଶୋଷଣ କରିଥିଲେ। ଧାନ ଅନଲୋଡ କରିବା ପାଇଁ ୩ ହଜାର ଟଙ୍କା ଓ ଧାନ କ୍ୱିଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏଁ ଧାନ କାଟିବେ ବୋଲି ମୂଲଚାଲ କରିବା ପରେ ଧାନ ଅନଲୋଡ କରିଥିଲେ। ତ୍ରିଲୋଚନଙ୍କ ଭାଇ ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୨୩ରୁ ୨୫ ତାରିଖ ଯାଏଁ ଖରା ଓ କାକରରେ ଅଖିଆ ଅପିଆ ପଡି ରହିଥିଲୁ। କ୍ୱିଣ୍ଟାଲ ପିଛା ୯ କେଜି ଲେଖାଏଁ ମିଲରେ ଧାନ କାଟି ରଖିଥିଲେ। ମିଲରେ ଧାନ ଅନଲୋଡ ପାଇଁ ମିଲର ୩୦୦୦ ଟଙ୍କା ନେଇଛନ୍ତି ଓ ୨ ଟି ଟ୍ରାକ୍ଟର ଭଡା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ। ମିଲରଙ୍କ ନିର୍ଯାତନା ସହି ନ ପାରି ଭାଇଙ୍କ ଜୀବନ ଚାଲିଗଲା ବୋଲି କହିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ବଦଳିବ 'ଲାହୋର ୧୯୪୭'ର ଟାଇଟଲ୍

▶ଭିତର ପୃଷ୍ଠାରେ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-242 ◆FRIDAY ◆27 FEBRUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୪୨ ◆ଶୁକ୍ରବାର ◆୨୭ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଏନ୍‌ସିଇଆର୍‌ଟି ପୁସ୍ତକକୁ ନେଇ ସୁପ୍ରିମକୋର୍ଟ କଠୋର

## ପୁସ୍ତକର ମୁଦ୍ରଣ ଓ ବିତରଣ ଉପରେ ଲାଗିଲା ରୋକ୍, କପି ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି): 'ନ୍ୟାୟିକ ଦୁର୍ନୀତି' ଅଧ୍ୟାୟ ଥିବା ଏନ୍‌ସିଇଆରଟି ପୁସ୍ତକକୁ ନେଇ ବିବାଦ ଥମୁନାହିଁ। ଏହି ମାମଲାରେ ପ୍ରଧାନମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ଏନ୍‌ସିଇଆର୍‌ଟି ଆଜି କୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛି। ତଥାପି ମାମଲା ବିସ୍ଫୋରକ ହେବାରେ ଲାଗିଛି। ଏହି ପୁସ୍ତକକୁ ନେଇ କ୍ଷୁବ୍ଧ ଥିବା ସୁପ୍ରିମ କୋର୍ଟ ଆଜି ପୁଣି ବିରକ୍ତି ପ୍ରକାଶ କରିବା ସହିତ ଏନ୍‌ସିଇଆର୍‌ଟିର କ୍ଷମା ପ୍ରାର୍ଥନାକୁ ଗ୍ରହଣ କରିବା ଲାଗି ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ନ୍ୟାୟପାଳିକାକୁ ବଦନାମ କରିବା ଲାଗି ଏହା ଏକ ସୁଚିନ୍ତିତ



ଷଡ଼ଯନ୍ତ୍ର ହୋଇଥିବାରୁ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ। ଯିଏ ଲେଖିଛି, ତାହାକୁ ଯିଏ ମଞ୍ଜୁରୀ ପ୍ରଦାନ କରିଛି ଏବଂ ଯିଏ ଏହି ଦାୟିତ୍ୱରେ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ରୂପେ

■ କ୍ଷମା ପ୍ରାର୍ଥନା ଗ୍ରହଣ କରିବାକୁ ମନାକଲେ
■ ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଗ୍ରହଣ କରାଯିବ। ଏନ୍‌ସିଇଆର୍‌ଟି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କ୍ଷମା ପ୍ରାର୍ଥନା କରିବାରୁ କ୍ଷୁବ୍ଧ ପ୍ରଧାନ ବିଚାରପତି କହିଲେ ଯେ କ୍ଷମା ପ୍ରାର୍ଥନା କଲେ ଚଳିବ ନାହିଁ, ମୁଣ୍ଡ ଗଡ଼ିବା ଦରକାର।

ଏହାସହିତ ଏହି ପୁସ୍ତକ ଉପରେ ବ୍ୟାନ୍ ଲଗାଇଛନ୍ତି ସୁପ୍ରିମ କୋର୍ଟ। ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ମୁଦ୍ରଣ ଓ ବିତରଣ ଉପରେ ମଧ ରୋକ ଲଗାଇଛନ୍ତି। ପୂର୍ବରୁ ପଠାଯାଇଥିବା ବହିଗୁଡ଼ିକୁ ଫେରସ୍ତ ଆଣିବା ଓ ଡିଜିଟାଲ କପିଗୁଡ଼ିକ ହଟାଇବା ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଜି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହି ▶ପୃଷ୍ଠା-୭

## ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି ଜାରି

# ରାଜ୍ୟ ରାଜନୀତିରେ ହଲ୍‌ଚଲ୍

■ ଭୁବନେଶ୍ୱର,୨୬।୨(ସମିସ): ଓଡ଼ିଶାର ୪ ଆସନ ସମେତ ୧୦ ରାଜ୍ୟର ଖାଲି ହେଉଥିବା ୩୭ ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ଗୁରୁବାର ଭାରତୀୟ ନିର୍ବାଚନ କମିସନଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଏହି ନିର୍ବାଚନକୁ ପରିଚାଳନା କରିବା ପାଇଁ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ମାର୍ଚ୍ଚ ୫ ତାରିଖ ଯାଏଁ ସରକାରୀ ଛୁଟିଦିନ ବ୍ୟତୀତ ଯେ କୌଣସି ଦିନ ପୂର୍ବାହ୍ଣ ୧୧ଟା ଠାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପ୍ରସ୍ତାବକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିପାରିବେ। ୬ ତାରିଖରେ ମନୋନୟନ ପତ୍ର ଯାଞ୍ଚ ହେବ ଓ ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ ରହିଛି। ୧୬ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ।

ରାଜ୍ୟସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟରେ ଆରମ୍ଭ ହୋଇଛି ରାଜନୈତିକ ହଲଚଲ।

■ ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ
■ ଦିଲ୍ଲୀରେ ଦଳର ସଂସଦୀୟ କମିଟି ନିଷ୍ପତ୍ତିକୁ ଅପେକ୍ଷା କରିଛି ବିଜେପି
■ ଦଳର ଆଭିମୁଖ୍ୟ ଆଲୋଚନା ପାଇଁ ଦିଲ୍ଲୀ ଯିବେ ପିସିସି ସଭାପତି

ମାର୍ଚ୍ଚ ୧୬ ତାରିଖରେ ହେବାକୁଥିବା ରାଜ୍ୟସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି ଓ ପୂରା ରାଜ୍ୟବାସୀଙ୍କ ନଜର ଏହା ଉପରେ ନିବଦ୍ଧ ରହିଛି। ଅତୀତରେ ରାଜ୍ୟସଭା ନିର୍ବାଚନଗୁଡ଼ିକ ପ୍ରାୟତଃ ବିଜେଡି ନିୟନ୍ତ୍ରଣରେ ରହୁଥିଲା ଓ ଦଳ ଯାହାକୁ ପ୍ରାର୍ଥୀ କରୁଥିଲା, ସେମାନଙ୍କର ବିଜୟ ଅବଧାରିତ ଥିଲା। ମାତ୍ର ଦୀର୍ଘବର୍ଷ ପରେ ରାଜ୍ୟର ରାଜନୈତିକ ଗଣିତ ରାଜ୍ୟସଭା ନିର୍ବାଚନକୁ ରୋଚକ କରିଛି। ବିଜେପି କ୍ଷମତାରେ ଥିବା ସତ୍ତ୍ୱେ ଏକାକୀ ୪ଟି ଆସନ ଦଖଲ କରିବାକୁ ସକ୍ଷମ ନୁହେଁ ଓ ସଦସ୍ୟ ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଆସନରେ ବିଜୟୀ ହେବାକୁ ସାମର୍ଥ୍ୟ ରଖିଛି। ସେହିପରି ବିଜେଡି ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ। କଂଗ୍ରେସ ନିକଟରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂଖ୍ୟା ଅଭାବ ରହିଛି; ମାତ୍ର କଂଗ୍ରେସର ସମର୍ଥନ ୪ର୍ଥ ପ୍ରାର୍ଥୀଙ୍କ ବିଜୟ ପଥକୁ ସହଜ କରିପାରେ ବୋଲି କୁହାଯାଉଛି। ଏପରି ଏକ ଜଟିଳ ଗଣିତ ମଧ୍ୟରେ ଉଭୟ ବିଜେଡି ଓ ବିଜେପି ୪ର୍ଥ ରାଜ୍ୟସଭା ଆସନ ଦଖଲ ପାଇଁ ନଜର ରଖିଛନ୍ତି।

ଏହିକ୍ରମରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସରେ ଆରମ୍ଭ ହୋଇଛି ତତ୍ପରତା। ନବୀନ ନିବାସରେ ବିଜେଡି ରାଜନୈତିକ ବ୍ୟାପାର କମିଟି ଅନୁଷ୍ଠିତ ହୋଇଛି। କମିଟିର ସଦସ୍ୟମାନଙ୍କ ସହ ଦଳର ସୁପ୍ରିମୋ ପ୍ରାର୍ଥୀ ମନୋନୟନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ସେହିପରି ସଦସ୍ୟମାନେ ଦଳର ସଭାପତିଙ୍କ ▶ପୃଷ୍ଠା-୭


ଭିତର ପୃଷ୍ଠାରେ
■ ପାକ୍‌ର ୧୫ ସେନା ପୋଷ୍ଟ କବ୍‌ଜା କଲା ଆଫଗାନିସ୍ତାନ
■ ମାଲିକଙ୍କ ଘରେ ନକଲି ଇଡି ରେଡ୍ କରାଇଲା ଚାକରାଣୀ
■ ଇନ୍‌ଷ୍ଟାଗ୍ରାମ୍‌ରେ ମୋଦୀଙ୍କ ଫଲୋଅର୍ସ ସଂଖ୍ୟା ୧୦ କୋଟି








# ଅନ୍ନଦାତା ତ୍ରିଲୋଚନଙ୍କ ମୁଣ୍ଡ ଗଡ଼େଇଲା ମଣ୍ଡି ଯନ୍ତ୍ରଣା

ଭୁବନେଶ୍ୱର,୨୬।୨(ସମିସ): ମଣ୍ଡି ଠିକ୍ ଠାକ ଚାଲିଛି। ଧାନ କିଣା ବି ଠିକ୍ ଚାଲିଛି। ନିଜ ପିଠିକୁ ନିଜେ ଥାପୁଡ଼ାଇ ରାଜ୍ୟ ସରକାର ବାଃ ବାଃ ନେଉଥିଲେ। ରାଜ୍ୟରେ ଚାଷୀ ଖୁସୀ ଅଛନ୍ତି ବୋଲି ସବୁ ମନ୍ତ୍ରୀ ପ୍ରଚାରରେ କହି ବୁଲୁଥିଲେ। ହେଲେ ଆଜି କେନ୍ଦ୍ରାପଡ଼ା ଘଟଣା ପୂରା ସରକାରଙ୍କୁ ବିବସ୍ତ୍ର କରିଦେଇଛି। କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ଜୁନଗଡ଼ି ଗାଁର ତ୍ରିଲୋଚନ ନାୟକ ଜାନୁୟାରୀ ୨୨ରୁ ଟୋକନ୍ ପାଇଥିଲେ ବି ଧାନ ବିକ୍ରି ପାଇଁ ୪୦ ଦିନ କାଳ ଦୌଡ଼ି ଦୌଡ଼ି ଅକଥନୀୟ ଯନ୍ତ୍ରଣାରେ ପଡ଼ିଥିବା ବେଳେ ଶେଷରେ ନିରାଶ ହୋଇ ପ୍ରାଣ ହରାଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟରେ ମଣ୍ଡି ଅବ୍ୟବସ୍ଥା ଯେ ଚରମ ରୂପ ଧାରଣ କରିଛି, ତାହା ପଦାରେ ପଡ଼ିଛି।

ଏହି ଘଟଣାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିବା ସହ ଯୋଗାଣ ମନ୍ତ୍ରୀଙ୍କ ବରଖାସ୍ତ ଦାବି କରିଛି। ସଂଗଠନ ପକ୍ଷରୁ କୁହାଯାଇଛି, ତ୍ରିଲୋଚନ ଜାନୁୟାରୀ ୨୨ରୁ ଟୋକନ୍ ପାଇଥିଲେ ବି ଧାନ ବିକ୍ରି ପାଇଁ ୪୦ ଦିନ କାଳ ଦୌଡ଼ି ଦୌଡ଼ ଶେଷରେ ସମବାୟ ସମିତି ପରାମର୍ଶ ଦେଇଥିଲା ଯେ ମିଲର ଗାଡ଼ି ପଠାଉ ନ ଥିବାରୁ ସିଧାସଳଖ ମିଲ୍‌କୁ ଧାନ ନେଇଯାଅ। ଚାଷୀ ଜଣଙ୍କ ମିଲ୍‌କୁ ଧାନ ନେଲା ପରେ ମହରଗରୁ ଯାଇ କାନ୍ତାରରେ ପଡ଼ିଥିଲେ। ଉଭୟ ସଂପାଦକ ଓ ମିଲର କ୍ୱିଣ୍ଟାଲ ପିଛା ୬+୩

- ଯୋଗାଣ ମନ୍ତ୍ରୀଙ୍କ ବରଖାସ୍ତ ଦାବି କଲା ନବ ନିର୍ମାଣ କୃଷକ ସଂଗଠନ
- ଧାନ ନେବା ପୂର୍ବରୁ ୯ କିଲୋ କଟ୍‌ନୀଛଟ୍‌ନୀ ଓ ୩ ହଜାର ଲାଞ୍ଚ ନେଇଥିଲେ
- ୪୦ ଦିନ ଦୌଡ଼ିବା ପରେ ମିଲ୍‌କୁ ଧାନ ନେଇଯିବାକୁ କହିଥିଲା ସମବାୟ ସମିତି

ହିସାବରେ ୯ କେଜି କାଟି ନେଲା ପରେ ମଧ ମିଲର ଧାନ ଉଠାଇନଥିଲେ। ଏହା ପରେ ୩ ହଜାର ଟଙ୍କା କ୍ୟାସ୍ ଲାଞ୍ଚ ଦେଲା ପରେ ତାଙ୍କର ଧାନ ଉଠିଥିଲା। କଟ୍‌ନୀଛଟ୍‌ନୀ କିମ୍ବା ଲାଞ୍ଚ ଯେତେ ଗୁରୁତ୍ୱର ନ ଥିଲା, ତା'ଠାରୁ ଜଘନ୍ୟ ଥିଲା ତାଙ୍କୁ ତିନି ଦିନ କାଳ ଖରା କାକରରେ ମାନସିକ ଯନ୍ତ୍ରଣା ଦେବା। ଶେଷରେ ତିନି ଦିନ ଭୋକ ଉପାସ ମାନସିକ ଯନ୍ତ୍ରଣା ସହିଥିବା ତ୍ରିଲୋଚନ ମିଲରେ ଭାଇକୁ ଜଗାଇ ଘରକୁ ଆସିଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପାଖାପାଖି ସପ୍ତାହେ କାଳ ତାଙ୍କୁ ଧାଁ ଧପଡ଼ କରାଇ ତାଙ୍କ ଠାରୁ ୯ କେଜି କାଟ ଓ ୩ ହଜାର ଟଙ୍କା ଲାଞ୍ଚ ନେଇଥିବା ମିଲର ଓ ସମବାୟ ସଂପାଦକ ତାଙ୍କୁ ମୃତ୍ୟୁର ରାସ୍ତା ଦେଖାଇଦେଲେ।

ଅନ୍ୟପଟେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଠିକ୍‌ରେ ନିଜର ଦାୟିତ୍ୱ ନିର୍ବାହ ନ କରି କେବଳ ବୟାନବାଜି ଓ ରାଜନୀତିରେ ବ୍ୟସ୍ତ ରହି ନିଜର ସାମ୍ବିଧାନିକ ଦାୟିତ୍ୱକୁ ଭୁଲିଯାଇଛନ୍ତି ବୋଲି ସଂଗଠନ କହିଛି। ଏହାସହିତ ମନ୍ତ୍ରୀ, ସଚିବ କିମ୍ବା ଯୋଗାଣ ନିର୍ଦ୍ଦେଶକ ଯଦି ଜିଲ୍ଲାୱାରୀ ଧାନ କିଣାର ତଦାରଖ କରୁଥା'ନ୍ତେ, ତେବେ ଅମୂଲ୍ୟ ଅନ୍ନଦାତା ପ୍ରାଣ ହରାଇ ନ ଥା'ନ୍ତେ। ଏହି ଘଟଣାରେ ପ୍ରଥମେ କୃଷ୍ଣଚନ୍ଦ୍ର ପାତ୍ର ନିଜଆଡ଼ୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା କଥା। ନଚେତ୍ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଅବିଳମ୍ବେ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ। ନବ ନିର୍ମାଣ କୃଷକ ସଂଗଠନ କାର୍ଯ୍ୟାଳୟରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଯେ, ଜିଲ୍ଲା ସ୍ତରରେ ଧାନ କିଣା କିଭଳି ଚାଲିଛି ତାର ଅସଲ ଚିତ୍ର କେନ୍ଦ୍ରାପଡ଼ା ଘଟଣାରୁ ସ୍ପଷ୍ଟ ହୋଇଛି। ସଂଗଠନ ତରଫରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ଧାନ କିଣା ଅବ୍ୟବସ୍ଥା ନେଇ ଅବଗତ କଲା ପରେ ମଧ ଏପର୍ଯ୍ୟନ୍ତ ଧାନ କିଣା ଅଚଳ ଅବସ୍ଥା କିମ୍ବା ଅବ୍ୟବସ୍ଥା ଦୂର ହେଲା ନାହିଁ ବୋଲି ସେମାନେ କହିଛନ୍ତି। ଏହାର ପରିଣାମ ସ୍ୱରୂପ ତ୍ରିଲୋଚନଙ୍କ ଅମୂଲ୍ୟ ଜୀବନ ଚାଲିଗଲା। ତୁରନ୍ତ ଏହି ପରିବାରକୁ ୨୫ ଲକ୍ଷର କ୍ଷତି ପୂରଣ ଓ ତାଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ତୋଷାଳୀ ଭବନ ଲୋକାୟୁକ୍ତ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

# ରେକର୍ଡ ରୁମ୍‌ରେ ଜଳିଗଲା ଶହ ଶହ ଫାଇଲ୍

ଭୁବନେଶ୍ୱର, ୨୬।୨(ସମିସ): ରାଜଧାନୀ ଅନ୍ୟତମ ସରକାରୀ ଦପ୍ତର ତୋଷାଳୀ ଭବନରେ ଲାଗିଛି ନିଆଁ। ବି-୨ ତଳ ମହଲାରେ ଥିବା ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଗୁରୁବାର ସକାଳ ସମୟରେ ଘଟିଥିବା ଅଗ୍ନିକାଣ୍ଡରେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ରେକର୍ଡ ରୁମରେ ବ୍ୟାପକ କ୍ଷତି ହୋଇଛି। ନିଆଁରେ ଅନେକ ଜରୁରୀ କାଗଜପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଆଉ କିଛି ଦସ୍ତାବିଜ୍ ଅଧାପୋଡା ଅବସ୍ଥାରେ ରୁମ ଭିତରେ ପଡି ରହିଛି। ଯେଉଁ ଦସ୍ତାବିଜ୍ ନିଆଁରୁ ବର୍ତ୍ତି



ଯାଇଥିଲା, ପାଣିମାଡ଼ରେ ତାହା ବି ନଷ୍ଟ ହେବା ଅବସ୍ଥାରେ ରହିଛି। ଏହାସହ କିଛି ସିଲିଂ ଓ ରେକ୍ ପୋଡ଼ିଯାଇଥିବା ବେଳେ ଏକ କମ୍ପ୍ୟୁଟର ଓ ଏସି ମଧ କ୍ଷତିଗ୍ରସ୍ତ ହୋଇଛି। ପୋଡ଼ି ଯାଇଥିବା ଦସ୍ତାବିଜ୍ ସବୁ ସରକାରୀ କଳର ବହୁ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତିର ଯାଞ୍ଚ ଦସ୍ତାବିଜ୍ ହୋଇଥିବାରୁ ଅଗ୍ନିକାଣ୍ଡକୁ ନେଇ ସାଧାରଣରେ ବିଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏହି ନିଆଁ ସତରେ ଲାଗିଥିଲା ନା ତାହାକୁ ଲଗାଇ ଦିଆଯାଇଥିଲା, ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି।

ଅଗ୍ନିକାଣ୍ଡ ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେହିପରି ସୁରକ୍ଷାକୁ ନଜରରେ ରଖି ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର ଘଟଣାସ୍ଥଳରେ ପହଁଞ୍ଚିଥିଲେ। ସୁରକ୍ଷାକର୍ମୀମାନେ ମଧ ଫାୟାର ଏକ୍ସଟିଂଗ୍ୟୁସର ମାରି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏକ ବିଦ୍ୟୁତ ବୋର୍ଡକୁ ଲାଗି ଥିବା ରେକ୍‌ଟି ଜଳିଯାଇଥିଲା। ପୁରୁଣା ବିଦ୍ୟୁତ ତାରରୁ ସର୍ଟସର୍କିଟ୍ ହୋଇଥାଇପାରେ କିମ୍ବା ବିଦ୍ୟୁତ୍ ତାରରେ ଓଭର ଲୋଡରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅଗ୍ନିଶମ ବିଭାଗ ଅନୁମାନ କରୁଛି। ନିଆଁ ଲିଭାଇବାକୁ ଭୁବନେଶ୍ୱରର ଦୁଇଟି ଦମକଳ ଗାଡି ଓ ୧୦ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। କାହିଁକି ଏମିତି ଅଗ୍ନିକାଣ୍ଡ ଘଟିଲା ସେନେଇ ତଦନ୍ତ କରାଯିବ ବୋଲି ମନୋରାଞ୍ଜନ ରାଉତ କହିଛନ୍ତି। ଲୋକାୟୁକ୍ତଙ୍କ ଅଫିସରେ କାମ କରୁଥିବା ଜିତେନ୍ଦ୍ର ଦାସ କହିଛନ୍ତି, କାମ ଚାଲିଥିବା ସମୟରେ ଧୂଆଁ ବାହାରିଥିଲା। ଦୌଡ଼ି ଆସି ଦେଖିବାରୁ କବାଟ କଣରେ ନିଆଁ ବାହାରୁଥିଲା। ଏହାପରେ ଆମେ ସୁରକ୍ଷାକର୍ମୀଙ୍କୁ ଡାକିଥିଲୁ। ଆମେ ସମସ୍ତେ ନିଜସ୍ୱ ଉଦ୍ୟମରେ ପାଇପରେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲୁ। ରେକର୍ଡ ରୁମରେ ଭିତରେ କୌଣସି କର୍ମଚାରୀ ନ ଥିଲେ ବୋଲି ଜିତେନ୍ଦ୍ର କହିଛନ୍ତି।

### ପାଉଁଶ ହୋଇଗଲା ଦୁର୍ନୀତି ଯାଞ୍ଚ ଦସ୍ତାବିଜ୍

ଏସମ୍ପର୍କରେ ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ ନୂତନ ସରକାର ଆସିବା ପରେ ଲୋକାୟୁକ୍ତଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପଙ୍ଗୁ କରିସାରିଲେଣି। ପୂର୍ବ ସରକାର ଲୋକାୟୁକ୍ତଙ୍କ ନିଯୁକ୍ତି କରିଥିଲେ ହେଁ ନୂତନ ସରକାର ଲୋକାୟୁକ୍ତ ନିଯୁକ୍ତ କରୁନାହାନ୍ତି। ନୂତନ ସରକାର ଦୁର୍ନୀତିକୁ ନେଇ କେତେ ସଜାଗ ଆଉ ସମ୍ବେଦନଶୀଳ ତାହା ଏଥିରୁ ପ୍ରମାଣିତ। ଗୋଟିଏ ପଟେ ଦୁର୍ନୀତି ନିବାରଣର ଏକ ବୃହତ ଅନୁଷ୍ଠାନକୁ ପଙ୍ଗୁ କରିବା ଏବଂ ଅନ୍ୟପଟେ ସେହି ଅନୁଷ୍ଠାନର ରେକର୍ଡ ରୁମ୍‌ରେ ନିଆଁ ଲାଗିବା ସନ୍ଦେହ ସୃଷ୍ଟି କରିପାରେ। ଅଗ୍ନିକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ। କେମିତି ନିଆଁ ଲାଗିଛି। ରେକର୍ଡ ରମ୍‌ରେ ସିସିଟିଭି ଥିଲା କି ନାହିଁ। ଯଦି ଥିଲା ନିଆଁ ଲାଗିଲା ସମୟରେ କାମ କରୁଥିଲା ନାଁ, କରୁ ନଥିଲା। ଯଦି ସର୍ଟସର୍କିଟରୁ ଲାଗିଛି ତେବେ ଏଥିପାଇଁ ଉତ୍ତରଦାୟୀ କିଏ। ତଦନ୍ତକାରୀ ସଂସ୍ଥା ଏସବୁ ଜବାବ ଦେବା ଆବଶ୍ୟକବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି।

## ଖଣି ଅଧିକାରୀଙ୍କ ଘରେ ଟଙ୍କା ଖଣି

# ସରକାରଙ୍କୁ ଭୂଆଁ ବୁଲାଇବାକୁ ଋଣ

ଭୁବନେଶ୍ୱର,୨୬।୨(ସମିସ): ଖଣି ଅଧିକାରୀ ଦେବବ୍ରତ ମହାନ୍ତିଙ୍କ ମାମଲାରେ ନୂଆ ମୋଡ। ସେ ଟଙ୍କାର ପାହାଡ଼ ଉପରେ ବସି ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଥିଲା ବେଳେ ସରକାରଙ୍କ ପାଖରେ ନିଜକୁ ଜଣେ ଋଣଗ୍ରସ୍ତ ବାବୁ ବୋଲି ଦର୍ଶାଉଥିଲେ। ଦାଖଲ ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି ଯେ, ଘରର ପ୍ରତ୍ୟେକଟି ଉପକରଣକୁ ସେ ଋଣରେ କିଣିଛନ୍ତି। ବର୍ଷ ବର୍ଷ ଧରି ଋଣ କରି ପାରିବାରିକ ଆବଶ୍ୟକତାକୁ ପୂରଣ କରିଛନ୍ତି। କ୍ୟାମେରା ଠାରୁ କାର ପର୍ଯ୍ୟନ୍ତ

- କାର୍ ପାଇଁ ଶଳାଠାରୁ ୮୦ ହଜାର ହାତ ଉଧାରି
- ଭ୍ୟାକୁମ୍ କ୍ଲିନର, ୱାଶିଂ ମେସିନ, କ୍ୟାମେରା ପାଇଁ ଋଣ

ଗୋଟି ଗୋଟି ଗୃହ ଆସବାବପତ୍ର ଋଣରେ କିଣା ଯାଇଛି। ଗତ ମାସ ୨୬ ତାରିଖରେ ଦାଖଲ କରାଯାଇଥିବା ସମ୍ପତ୍ତି ତାଲିକାରେ ସେ ଏଭଳି ଦର୍ଶାଯାଇଛି। ଏପରିକି କିଛି ଦାମୀ ଉପକରଣ ଅନ୍ୟ ଦୟାରେ ଉପହାର ମିଳିଥିବା ମଧ ଦର୍ଶାଇଛନ୍ତି। ହେଲେ ଲାଞ୍ଚ କାରବାର ମାମଲାରେ ଧରାପଡ଼ି ତାଙ୍କ ଘରୁ ୪.୩୭ କୋଟି ଟଙ୍କା ମିଳିବା ସରକାରଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ବାବୁଙ୍କ ଦେଖାଇବା ଦାନ୍ତ ଅଲଗା ଆଉ ଖାଇବା ଦାନ୍ତ ସମ୍ପୂର୍ଣ୍ଣ ଅଲଗା। ଋଣ ଆଉ ଉପହାର ସରକାରଙ୍କ ଅଖିରେ ଧୂଳି ଫୋପାଡ଼ିବାକୁ ବାବୁମାନଙ୍କ ପାଇଁ ଏକ ଗଳାବାଟ ପାଲଟିଗଲାଣି।

ନିୟମ ଅନୁଯାୟୀ ପ୍ରତ୍ୟେକ ସରକାରୀ ବାବୁ ନିଜ ସମ୍ପତ୍ତି ତାଲିକା ସରକାରଙ୍କ ପାଖରେ ଦାଖଲ କରିବେ। ଏହି ନିୟମ ଅନୁଯାୟୀ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ ଦେବବ୍ରତ ମହାନ୍ତି ମଧ ନିଜର ଏବଂ ପତ୍ନୀଙ୍କ ସମ୍ପତ୍ତି ତାଲିକା ଦାଖଲ କଲେ। ଘରେ ପରିଷ୍କାର ପାଣି ପିଇବା ପାଇଁ ସେ ୨୦୧୫ ମସିହାରେ ଆରୋ ଫିଲଟର କିଣିଥିଲେ। ଯାହାର ମୂଲ୍ୟ ୧୮୫୦୦ ଟଙ୍କା। ବଜାଜ୍ ଫାଇନାନ୍ସ ତାଙ୍କୁ ଋଣ ଦେବାରୁ ଆରୋ କିଣିପାରିଲେ ବୋଲି ସରକାରଙ୍କୁ ଦର୍ଶାଇଥିଲେ। ଏହାର ଏକ ବର୍ଷ ପରେ ୧୭୦୦୦ ଟଙ୍କାରେ ଏକ ଇନ୍‌ଭର୍ଟର୍ କିଣିଲେ। ଏହାକୁ ବି ବଜାଜ୍ ଫାଇନାନ ଦୟା କରି ଋଣ ଦେବାରୁ ସେ କିଣି ପାରିଲେ। ନ ହେଲେ ବୋଧ ହୁଏ କିଣି ପାରି ନଥାନ୍ତେ। ସେହିପରି ୨୦୧୧ ମସିହାରେ କପଡା ସଫା ୱାସିଂ ମେସିନ୍, ୨୦୧୨ ମସିହାରେ ନିକନ୍ ଡିଜିଟାଲ କ୍ୟାମେରା, ୨୦୧୩ ମସିହାରେ କାର୍ ସେ ଋଣରେ କିଣିଛନ୍ତି। ଏପରିକି ୨୦୧୨ ମସିହାରେ ମାତ୍ର ୮୫୫୦ ଟଙ୍କାର ୟୁରୋ କିଣିବା ପାଇଁ ବି ସେ ଋଣ କରିଛନ୍ତି ବୋଲି ସରକାରଙ୍କୁ ଦର୍ଶାଇଛନ୍ତି। ଏହା ମଧ କହିଛନ୍ତି ଏହି ସମସ୍ତ ଋଣ ଏବେବି ପରିଶୋଧ ହୋଇ ନାହିଁ। ଯାହା ମାସକ ଦରମାରୁ ଆଜି ପର୍ଯ୍ୟନ୍ତ ସୁଝିବାକୁ ପଡୁଛି। ଅନ୍ୟପକ୍ଷରେ ଦାମୀ ଗହଣା ଏବଂ ସୌଖିନ୍ ସାମଗ୍ରୀ ପାଇଁ ଅଲଗା ଆକାଉଣ୍ଟ କରିଥିଲେ। ଏହାର ନାମ ଦେଇଥିଲେ ଗିଫ୍ଟ ବା ଦାନ। ଯେପରିକି ୨୦୦୫ ମସିହାରେ ସେ ଏକ ସମୟରେ ୩ଲକ୍ଷ ଟଙ୍କାର ଗହଣା ନିଜ ପାଖକୁ ଆଣିଲେ। ଯାହାକୁ ତାଙ୍କ ଶ୍ୱଶୁର ତାଙ୍କ ପତ୍ନୀଙ୍କୁ ଗିଫ୍ଟ ଦେଇଥିବା ଦର୍ଶାଇଥିଲେ। ସେହିପରି ୨୦୦୫ ମସିହାରେ ସୋଫା, ଡାଇନିଂ ଟେବୁଲ୍, ୨୦୧୧ ମସିହାରେ ୨୪ ହଜାର ଟଙ୍କିଆ ମ୍ୟୁଜିକ୍ ସିଷ୍ଟମ୍ ସଳାଙ୍କ ପାଖରୁ ଗିଫ୍ଟ ମିଳିଥିବା ଦର୍ଶାଇଥିଲେ। ସେହିପରି ରାଜଧାନୀର ପାହାଲ ପାଖରେ ସେ ଏକ ଜମି କିଣିଥିଲେ। ଏହି ଜମିକୁ ସେ ୨୦୧୧ ମସିହାରେ କିଣିଥିଲେ। ଏହି ଜମିକୁ ସଞ୍ଚୟ ଦରମା ସହିତ ମିଳିଥିବା ଏରିୟର୍ ଟଙ୍କାରେ କିଣିଥିବା ଦର୍ଶାଇଥିଲା।

ତେବେ ଦେବବ୍ରତ ଘଟଣା ପରେ ସରକାରଙ୍କ ପାଖରେ ଦାଖଲ ହେଉଥିବା ସରକାରୀ ବାବୁଙ୍କ ସମ୍ପତ୍ତି ତାଲିକା ଏବଂ ପ୍ରକୃତ ସତ୍ୟାସତ ଉପରେ ପ୍ରଶ୍ନ ଉଠିବାରେ ଲାଗିଛି।

### ତଥ୍ୟ ମାଗିଲା ଇଡି

ଭୁବନେଶ୍ୱର,୨୬।୨(ସମିସ): ଲାଞ୍ଚ କାରବାର ଅଭିଯୋଗରେ ଗିରଫ ହୋଇଥିବା କଟକ ଖଣି ସର୍କଲର ଉପନିର୍ଦ୍ଦେଶକ (ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ) ଦେବବ୍ରତ ମହାନ୍ତିଙ୍କ ଅଡୁଆ ଆଗାମୀ ଦିନରେ ବଢିବାକୁ ଯାଉଛି। ଭିଜିଲାନ୍ସ ପରେ ଇଡି ଏହି ମାମଲାରେ ତନାଘନା କରିବ ବୋଲି ସୂଚନା ମିଳିଛି। ଦେବବ୍ରତଙ୍କ ଘରେ ଥିବା ଏକ ଆଲମିରାରୁ ଏତେ ଟଙ୍କା ଜବତ ହେବା ପରେ ତାଙ୍କ କଳା ସାମ୍ରାଜ୍ୟର ତାଲିକା ସମ୍ପର୍କରେ ଭିଜିଲାନ୍ସକୁ ମାଗଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଏତେ ଗୁଡ଼ିଏ ଟଙ୍କା ସେ କେଉଁଠୁ ଆଣିଲେ। ବେଆଇନ୍ ଭାବେ ରୋଜଗାର କରାଯାଇଥିବା ଟଙ୍କା କେଉଁଠି ନିବେଶ ହୋଇଛି। ତାଙ୍କ ଅର୍ଥନୈତିକ କାରବାରସବିଶେଷତଥ୍ୟଦେବାକୁଇଡ଼ିପକ୍ଷରୁଭିଜିଲାନ୍ସକୁ କୁହାଯାଇଛି। ଏହା ପରେ ଇଡି ଏହି ମାମଲାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଦେବବ୍ରତ ଜଣେ କୋଇଲା ବ୍ୟବସାୟୀଙ୍କ ଠାରୁ ଡିପୋ ପରିଚାଳନା ଏବଂ ପରିବହନ ଅନୁମତି ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡିବସିଥିଲା। ଏହା ପରେ ଭୁବନେଶ୍ୱର ପଟିଆ ସ୍ଥିତ ତାଙ୍କ ଭଡ଼ା ଘର, ଭଦ୍ରକ ମଠସାହି ସ୍ଥିତ ପୈତୃକ ବାସଭବନ ଏବଂ କଟକ ଅଫିସ୍ ଚାମ୍ବରରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପଟିଆ ସ୍ଥିତ ଆପାର୍ଟମେଣ୍ଟରୁ ଟ୍ରଲି ବ୍ୟାଗ୍ ଏବଂ ଆଲମିରାରେ ଲୁଚାଇ ରଖାଯାଇଥିବା ମୋଟ ୪,୨୭,୧୩,୬୦୦ ଟଙ୍କା ଜବତ କରାଯାଇଛି।

■ ଡେଣ୍ଟାଲ ସର୍ଜନ ନିଯୁକ୍ତି ଅନିୟମିତତା ମାମଲା

# ତ୍ରୁଟି କରିଥିବା ଅଧିକାରୀ ଗଣିବେ ୫ ଲକ୍ଷ ଟଙ୍କା ଦଣ୍ଡ

କଟକ,୨୬।୨(ସମିସ): ଗତ ୨୦୧୭-୧୮ ରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପାଇଁ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଅଧିକ ମାର୍କ ରଖିଥିବା ପ୍ରାର୍ଥୀ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଥିବା ବେଳେ କମ୍ ମାର୍କ ରଖିଥିବା ପ୍ରାର୍ଥୀଙ୍କ ନାମ ନିଯୁକ୍ତି ପ୍ରଦାନ ପାଇଁ ଓପିଏସସି ସୁପାରିସ କରିବା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି। ଏଥିସହ ଏଭଳି ତ୍ରୁଟି କରିଥିବା ଅଧିକାରୀଙ୍କ ନିକଟରୁ ୫ଲକ୍ଷ ଟଙ୍କା ଭରଣା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି। ଅନ୍ୟପଟରେ ମୁଖ୍ୟ ସଚିବଙ୍କ ତଦାରଖରେ ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି କହିଛନ୍ତି ଖଣ୍ଡପୀଠ। ସେହିଭଳି ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି ଆଶାୟୀ ଥିବା ଦୁଇ ପ୍ରତିପକ୍ଷଙ୍କୁ ଖାଲି ଥିବା ଡେଣ୍ଟାଲ ସର୍ଜନ ପଦରେ ସ୍ଥାନ ଦେବା ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି। ତେବେ ପୂର୍ବ ନିଯୁକ୍ତିରେ ବ୍ୟାଘାତ ନ କରି ପ୍ରତିପକ୍ଷଙ୍କୁ ଖାଲି ଥିବା ପଦରେ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ କହିଛନ୍ତି। ପ୍ରକାଶଥାଉକି ଜଣିକିଆ ବିଚାରପତିଙ୍କ ୨୦୨୪, ଫେବୃଆରୀ ୨୩ର ରାୟ ବିରୋଧରେ ଓପିଏସସି ଦୁଇ ଜଣିଆ ଖଣ୍ଡପୀଠରେ ଏହି ଦୁଇ ମାମଲା ଦାୟର କରିଥିଲା। ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରୁଥିଲେ।

# ଦିଲ୍ଲୀରେ ନୂଆ ଓଡ଼ିଶା ଭବନ ପାଇଁ ଶିଳାନ୍ୟାସ

- ବିଲ୍ଡିଂ ପାଇଁ ଖର୍ଚ୍ଚ ହେବ ୯୩.୨୭ କୋଟି
- ୩ଟି ବେସ୍‌ମେଣ୍ଟ ଉପରେ ୭ ମହଲା, ୪୫ଟି ରୁମ୍
- ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ହେବ ଓଡିଶା ଭବନ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬।୨(ସମିସ): ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁବାର ନୂତନ ବିଲ୍ଡିଂ ନିର୍ମାଣପାଇଁ ଶିଳାନ୍ୟାସ କରିଥିବା ବେଳେ ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ। ପ୍ରଥମ ମହଲାରେ ଏକ ପ୍ରଦର୍ଶନୀ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ। ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇରେ ଓଡିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହି ସବୁ ଭବନ ଓ ସଦନ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ। ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମସେଦପୁରରେ ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ କଲେ ରାଷ୍ଟ୍ରପତି

## ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତିକ ଚେତନାର ଏକ ନୂତନ ଅଧ୍ୟାୟ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୬।୨(ସମିସ): ଝାଡଖଣ୍ଡ ଜାମସେଦପୁର ଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରର ଭୂମି ପୂଜନ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ସମ୍ପନ୍ନ ହୋଇଛି। ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଚାରିଟେବୁଲ୍ ସେଣ୍ଟର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି।



ଏହି ଅବସରରେ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଜାମସେଦପୁରରେ ମହାପ୍ରଭୁଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ହେବ ନାହିଁ, ବରଂ ଏହା ଝାଡ଼ଖଣ୍ଡର ସାଂସ୍କୃତିକ ପରିଚୟକୁ ଏକ ନୂତନ ଦିଗ ପ୍ରଦାନ କରିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ଜଗତର ନାଥ ଏବଂ ତାଙ୍କର ଉପାସନା ଆମକୁ କରୁଣା, ଓ ଲୋକମଙ୍ଗଳର ଶାଶ୍ୱତ ସନ୍ଦେଶ ଦେଇଥାଏ। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବ ଜଗନ୍ନାଥ ସଂସ୍କୃତିରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ଶ୍ରୀ ପ୍ରଧାନ ସମସ୍ତ ଝାଡ଼ଖଣ୍ଡବାସୀ ଏବଂ ଜଗନ୍ନାଥ ଅନୁଯାୟୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମାଜରେ ସମାନତା ଓ ଭାଇଚାରା ବୃଦ୍ଧି ପାଇବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ରାଜ୍ୟପାଳ ସନ୍ତୋଷ କୁମାରଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ବିଷ୍ଣୁପ୍ରିୟା ନିରଞ୍ଜନ ଫାଉଣ୍ଡେସନର ମହୋତ୍ସବ

# ଇଂ. ପ୍ରଭାକର ସ୍ୱାଇଁଙ୍କୁ ବିଷ୍ଣୁପ୍ରିୟା ନିରଞ୍ଜନ ମାନବରତ୍ନ ସମ୍ମାନ

କଟକ,୨୬।୨(ସମିସ): କଟକ ମହାନଦୀ ବିହାରସ୍ଥିତ ମହାନଦୀ ଭବନଠାରେ ବିଷ୍ଣୁପ୍ରିୟା ନିରଞ୍ଜନ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର



ନ୍ୟାୟାଧୀଶ ବିରଜା ପ୍ରସନ୍ନ ଶତପଥୀ ମୁଖ୍ୟଅତିଥି, ରାଷ୍ଟ୍ରୀୟ ସଂପାଦକ ଲୋକସେବକ ମଣ୍ଡଳ ତଥା ଦୈନିକ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି, ପୁରୀ ବାଲିଘାଇର ସନ୍ଥ ସ୍ୱାମୀ ସମର୍ପଣାନନ୍ଦ ଗିରି ବିଶିଷ୍ଟ ଅତିଥି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ର. ଡା. ପ୍ରସୋନଜିତ ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ଯଶସ୍ୱୀ ସାହିତ୍ୟିକ ଓ ଖ୍ୟାତନାମା ସଂଗଠକ ଡ. ଇଂ. ପ୍ରଭାକର ସ୍ୱାଇଁଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ଓ ସିଦ୍ଧିର ସ୍ୱୀକୃତି ସ୍ୱରୂପ ଫାଉଣ୍ଡେସନର ମର୍ଯ୍ୟାଦାଜନକ ପ୍ରଥମ "ବିଷ୍ଣୁପ୍ରିୟା ନିରଞ୍ଜନ ମାନବରତ୍ନ ସମ୍ମାନ' ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଏହି ପୁରସ୍କାର ସ୍ୱରୂପ ଇଂ. ସ୍ୱାଇଁଙ୍କୁ ଏକ ଲକ୍ଷ ଟଙ୍କା ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ଏତଦ୍ ବ୍ୟତିତ ଖ୍ୟାତନାମା ଚର୍ମରୋଗ ବିଶେଷଜ୍ଞ ପ୍ର. ଡା. ବିଷ୍ଣୁପ୍ରିୟା ଦେବୀଙ୍କ ସ୍ମୃତିରେ ଏସ୍‌ସିବି ମେଡିକାଲ ଏମ୍‌ଡି (ଚର୍ମରୋଗ) ପରୀକ୍ଷାରେ ପ୍ରଥମ ସ୍ଥାନ ଲାଭ କରିଥିବାରୁ ଡା. ଦେବାଶିଷ ମିଶ୍ରଙ୍କୁ ଚଳିତ ବର୍ଷର "ତ୍ୱଚାରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସ୍ୱରୂପ ଡା. ମିଶ୍ରଙ୍କୁ ୨୦ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ପ୍ରାରମ୍ଭରେ ଫାଉଣ୍ଡେସନର ସଭାପତି ପ୍ର. ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ଇଂ. ସ୍ନେହାଶୀଷ ତ୍ରିପାଠୀ ଓ ସଞ୍ଜୟ ମହାପାତ୍ର। ଶେଷରେ ସଂପାଦିକା ପ୍ର. ଡା. ଅର୍ପିତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଅନ୍ନପୂର୍ଣ୍ଣା ମିଶ୍ର ପରିଚାଳନା କରିଥିଲେ।

# ରାଜନଗରରେ ଚାଷୀ ମୃତ୍ୟୁ ପାଇଁ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୨୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁକୁ ନେଇ ସରକାରଙ୍କୁ ସିଧାସଳଖ ଦାୟୀ କରିଛି ବିଜେଡି। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଦେଉଥିବାରୁ ଆଜି ଚାଷୀଙ୍କ ମୃତ୍ୟୁ ପାଇଁ ତାଙ୍କର ଇସ୍ତଫା ଦାବି କରିଛି ବିଜେଡି।

### ନୈତିକତା ଦୃଷ୍ଟିରୁ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଗୋଟି ଗୋଟି କରି ବଖାଣିଥିଲେ। ଜାନୁଆରି ୧୬ ତାରିଖରେ ସେ ଟୋକନ ପାଇଥିଲେ। କଟନୀ ଛଟନୀରେ ତାଙ୍କର ପ୍ରତି କୁଇଣ୍ଟାଲରେ ୬ କିଗ୍ରା କଟା ଯାଇଛି। ଧାନ ବିକ୍ରି କରିବା ପାଇଁ ମୃତ ତ୍ରିଲୋଚନ ନାୟକ ପ୍ରତ୍ୟେକ ସ୍ତରରେ ହତାଶ ହେବାକୁ ପଡିଥିଲା ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଯୋଗାଣମନ୍ତ୍ରୀଙ୍କ ମିଛ ଧରା ପକାଇ ଦେଇଛି। ମଙ୍ଗଳବାର ଶ୍ରୀ ପାତ୍ର ବିଧାନସଭାରେ ଏବେ ସୁଦ୍ଧା ୬୪. ୧୦



ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଥିଲେ, ମାତ୍ର ଏକ ଭିଡିଓ ବାର୍ତ୍ତାରେ ୬୩. ୬୫ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଛନ୍ତି। ଦୁଇ ଦିନରେ ଦୁଇଟି ଅଲଗା ତଥ୍ୟ ଦେଇଥିବାରୁ ଶ୍ରୀ ପାତ୍ର କେବଳ ଡାହା ମିଛ କହୁଛନ୍ତି ବୋଲି ପ୍ରମାଣିତ ହେଉଛି। ଚଳିତ ବର୍ଷ ୧୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ରାଜ୍ୟ ବିଜେପି ସରକାର ସମସ୍ତ ଧାନ କିଣିବ ବୋଲି କହିଥିବା ବେଳେ ଏବେ ସୁଦ୍ଧା ମାତ୍ର ୬୩ ଲକ୍ଷ ମେଟ୍ରିକ ଟନ କିଣା ଯାଇଛି। ଯାହା ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୩ ପ୍ରତିଶତ। ଆଉ ମାତ୍ର ଗୋଟିଏ ମାସରେ ସରକାର ବଳକା ଧାନ କିଣିବାରେ ସକ୍ଷମ ହେବେ ବୋଲି ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସେହିପରି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଥିଲେ ଯେ ପ୍ରତି କୁଇଣ୍ଟାଲ ପିଛା ୭ କେଜିରୁ ୧୦ କେଜି କଟାଯାଉଛି। ଧାନର ମୂଲ୍ୟ ଡିବିଟି ମାଧ୍ୟମରେ କୃଷକମାନଙ୍କ ପାଖରେ ତିନି ସପ୍ତାହ ପର୍ଯ୍ୟନ୍ତ ମୂଲ୍ୟ ମିଳିପାରୁନାହିଁ। ପଞ୍ଜିକରଣ, ଟୋକନ ବିତରଣ ଓ ମଣ୍ଡିରେ ଅବ୍ୟବସ୍ଥା ଇତ୍ୟାଦି କୃଷକ ମାନଙ୍କୁ ନାହିଁ ନଥିବା ସମସ୍ୟାରେ ପକାଇଛି। ଯୋଗାଣ ମନ୍ତ୍ରୀ ଡାହା ମିଛ କହୁଛନ୍ତି ବୋଲି ପ୍ରମାଣିତ ହୋଇ ସାରିଲାଣି ଓ ଏଥିପାଇଁ ସେ ଇସ୍ତଫା ଦେବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଭୁବନେଶ୍ୱର ସିଟି



## ବାରମ୍ବାର ଦୌଡ଼ି ଦୌଡ଼ି ମିଳିଲାନି ନ୍ୟାୟ

# ଥାନାରେ କନ୍‌ଷ୍ଟେବଲଙ୍କୁ ୪ ଚାପୁଡ଼ା

ଭୁବନେଶ୍ୱର, ୨୬।୨(ସମିସ): ମହିଳା ଜଣେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କଲେ। ବାରମ୍ବାର ଥାନାକୁ ଆସିଲେ। ହେଲେ ପୁଲିସ ଅଭିଯୋଗ ଶୁଣିଲାଣି। କାର୍ଯ୍ୟାନୁଷ୍ଠାନ ନିଆଯିବ କହି ଦିନ ଗଡ଼ାଇ ଚାଲିଲା। ଶେଷରେ ମହିଳା ଜଣଙ୍କ ମାମଲାର ଷ୍ଟାଟସ୍ ବୁଝିବାକୁ ପଚାରିଲେ। ପୁଲିସର ବ୍ୟବହାର ସାମାନ୍ୟ ଏପଟ ସେପଟ

■ ମାମଲାର ଷ୍ଟାଟସ୍ ବୁଝିବାକୁ ଆସିଥିଲେ
■ ଉତ୍ତର ସନ୍ତୋଷଜନକ ନ ହେବାରୁ ଉଠାଇଲେ ହାତ

ହେବା ମାତ୍ରେ ମହିଳାଙ୍କ ମୁଣ୍ଡ ବିଗିଡି ଗଲା। ଆଉ ଥାନା ଭିତରେ ପୁଲିସ କର୍ମଚାରୀଙ୍କୁ ପିଟି ଚାଲିଲେ। ଚାପୁଡା ପରେ ଚାପୁଡା ମାରି ଚାଲିଲେ। ୩ରୁ ୪ଟି ଚାପୁଡା ମାରିଥିଲେ। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଜୋରସୋରରେ ଭାଇରାଲ ହେବାରେ ଲାଗିଛି।



ମହିଳାଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୯ଟାରେ ମହିଳା ଜଣଙ୍କ ଚନ୍ଦ୍ରଶେଖରପୁର ଥାନାକୁ ଆସିଥିଲେ। ମାମଲାର ଷ୍ଟାଟସ ସମ୍ପର୍କରେ ପ୍ରଥମେ ଡିସିଓଙ୍କୁ ପଚାରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ନମିଳିବାରୁ ଥାନା ଅଧିକାରୀଙ୍କୁ ଗୁହାରୀ ଜଣାଇଥିଲେ। କିଛିସମୟ ପରେ ୩ଜଣ ପୁଲିସ କର୍ମଚାରୀ ତାଙ୍କ ପାଖକୁ ଆସିଥିଲେ। ପ୍ରଥମେ ଯୁକ୍ତତର୍କ ହୋଇଥିଲା। ଏହାପରେ ଏହି ୩ଜଣ ପୁଲିସ କର୍ମଚାରୀ ତାଙ୍କୁ ବାହାରକୁ ନେଇଯିବାକୁ ଚେଷ୍ଟା କରିଥିଲେ।

ଏହା ମଧ୍ୟରେ ପୁଲିସ ଏବଂ ଅଭିଯୋଗକାରୀଣୀଙ୍କ ମଧ୍ୟରେ ପ୍ରଥମେ ହାତାପାଇ ହୋଇଥିଲା। ପେଲାଠେଲା ହେବା ସହ ଥାନା ଭିତରେ ମହିଳା ଜଣଙ୍କ ପାଟି କରିବାକୁ ଲାଗିଲେ। ଡିସିଓଙ୍କୁ ଗାଳିଗୁଲଜ କଲେ। କିଛି ସମୟ ଏଭଳି ଚାଲିଲା ପରେ ମହିଳା ଜଣଙ୍କ ଜଣେ ପୁଲିସ କନ୍‌ଷ୍ଟେବଲଙ୍କୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଟିଏ କରି ୩ରୁ ୪ଚାପୁଡା ମରି ଚାଲିଥିଲେ। ଏହାକୁ ନେଇ ଥାନା ଭିତାରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଏହି ମାମଲାର ତଦନ୍ତ କରୁଛି ବୋଲି ଜଣାପଡ଼ିଛି।

## ଏକନମ୍ବର ହାଟରେ ଉତ୍ତେଜନା

# ଥାନା ଘେରାଉ, ନିଆଁ ଲଗାଇବା ବ୍ୟକ୍ତିଙ୍କ ନାମରେ ଏତଲା



ଭୁବନେଶ୍ୱର, ୨୬।୨(ସମିସ): ୟୁନିଟ୍-୧ ହାଟରେ ଅଗ୍ନିକାଣ୍ଡ ପରେ ବିବାଦ ଲାଗି ରହିଛି। କେବେ ରାତି ଅଧିଆ ଉଚ୍ଛେଦ ହେଉଛି। ପୁଣି କେତେବେଳେ ବିଏମ୍‌ସିକୁ ବିରୋଧ କରାଯାଉଛି। ଏହାକୁ ନେଇ ଏଠାରେ ଏକ ଗୋଳମାଳିଆ ସ୍ଥିତି ଉପୁଜିଛି। ହାଟରେ ରାସ୍ତା ସମସ୍ୟା ସମାଧାନ ପାଇଁ ବିଏମ୍‌ସିର ଏକ ଟିମ୍ ଗୁରୁବାର ହାଟରେ ପହଞ୍ଚିଥିଲା। ଉଚ୍ଛେଦ ଜାଣିବା ପରେ ଉଚ୍ଛେଦକାରୀ ଟିମ୍‌କୁ ବ୍ୟବସାୟୀମାନେ ଘେରି ଯାଇଥିଲେ। ପେଲା ଠେଲା କରିବା ସହିତ ଉଚ୍ଛେଦକୁ ଜୋରଦାର ବିରୋଧ କରିଥିଲେ। ଶେଷରେ ବ୍ୟବସାୟୀମାନେ କ୍ୟାପିଟାଲ ଥାନା ଘେରାଉ କରିଥିଲେ। ସଂଘର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ହାଟରେ ଜାଣିଶୁଣି କେହି ନିଆଁ ଲଗାଇଦେଲା। ଏହାପର ଠାରୁ ହାଟ ଅଞ୍ଚଳ ଅଶାନ୍ତ ହୋଇଗଲା। ଏନେଇ ଜଣେ ବ୍ୟକ୍ତିଙ୍କ ନାମରେ ବ୍ୟବସାୟୀମାନେ ଏତଲା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବରିଷ୍ଠ ନାଗରିକ ମୃତ

ହଂସପାଳ, ୨୬।୨(ସମିସ): ୧୬ ନମ୍ବର୍ ଜାତୀୟ ରାଜପଥ ପାହାଳ ଥାନା ଅଧୀନ ରୁଦ୍ରପୁର ନିକଟରେ ଅଜଣା ଗାଡ଼ି ଧକ୍କା ରେ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟ ଘଟିଛି। ମୃତକ ହେଲେ ନହରକଣ୍ଠା ହରିଦାସପୁରର ସୋମନାଥ ଖୁଣ୍ଟିଆ(୭୦)। ସେ ଏକ ମାର୍ବଲ ଦୋକାନ ରେ କାମ କରନ୍ତି। ସୂଚନା ଅନୁସାରେ ସୋମନାଥ ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବା ହେତୁ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିଲେ ଏବଂ ଫୁଟ ବ୍ରିଜ ନିର୍ମାଣ ପାଇଁ ଅଡି ବସିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଏବଂ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ରାସ୍ତା ରୋକ ହଟିଥିଲା। ପୋଲିସ ସିସିଟିଭି ଆଧାରରେ ଗାଡ଼ିକୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି।

## କାର୍ ବିକି ମାଲିକାନା ବଦଳାଉ ନଥିଲା

# ଧରାପଡ଼ିଲା କୁଖ୍ୟାତ ଠକ ପୂର୍ଣ୍ଣଚନ୍ଦ୍ର

ଭୁବନେଶ୍ୱର, ୨୬।୨ (ସମିସ): କାର୍ ବିକ୍ରି କରି ମାଲିକାନା ନ ବଦଳାଇବା ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ କୁଖ୍ୟାତ ଠକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଘାଟିକିଆର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ (୪୮)। ତା' ଠାରୁ ଦୁଇଟି କାର୍ ଓ ଦୁଇଟି ମୋବାଇଲ ଜବତ କରିଛି ପୁଲିସ।

■ ଦୁଇ ମାସ ଖୋଜା ପରେ ଧରାପଡ଼ିଲା
■ ଫସିଛନ୍ତି ୨୦ରୁ ଅଧିକ ଲୋକ; ଆସିଛି ୩ ଅଭିଯୋଗ



ପୁଲିସ ସୂଚନାନୁଯାୟୀ, ବିକାଶ କୁମାର ଅଗ୍ରୱାଲ କାର୍ କିଣିବାକୁ ଖୋଜାଖୋଜି କରୁଥିବା ବେଳେ ଦୁଇଜଣଙ୍କ ମାଧ୍ୟମରେ ପୂର୍ଣଚନ୍ଦ୍ର ଯୋଗାଯୋଗରେ ଆସିଥିଲେ। ପୂର୍ଣ୍ଣଚନ୍ଦ୍ର ନିଜକୁ ଗାଡ଼ିର ମାଲିକ ବୋଲି ପରିଚୟ ଦେବା ସହ ୫ ଲକ୍ଷ ୫୦ ହଜାର ଟଙ୍କାରେ ଗାଡ଼ି ବିକ୍ରି କରିବ ବୋଲି କହିଥିଲା। ବିକାଶ ଏକ ଚୁକ୍ତିନାମା କରି ପୂର୍ଣ୍ଣଚନ୍ଦ୍ରକୁ ନଗଦ ୫ ଲକ୍ଷ ଟଙ୍କା ଦେବା ସହ ମାଲିକାନା ପଞ୍ଜିକରଣ ପରେ ଅବଶିଷ୍ଟ ଟଙ୍କା ଦେବେ ବୋଲି କହିଥିଲେ। ଟଙ୍କା ପାଇବା ପରେ ପୂର୍ଣ୍ଣଚନ୍ଦ୍ର ଗାଡ଼ିଟିକୁ ବିକାଶଙ୍କୁ ଦେଇଥିଲେ ମଧ୍ୟ ମାଲିକାନା ବଦଳାଇ ନଥିଲେ। ଗାଡ଼ିର ୪ ଲକ୍ଷ ଟଙ୍କାର କିସ୍ତି ବକେୟା ଥିବା ବିକାଶ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ। ଫାଇନାନ୍ସ କମ୍ପାନୀ ପକ୍ଷରୁ ଗାଡ଼ି ଜବତ ହେବା ଭୟରେ ବିକାଶ ୩୮ ହଜାର ଟଙ୍କା ଫୋନ-ପେ ମାଧ୍ୟମରେ ଦେଇଥିଲେ। ଏହି ବିଷୟରେ ପଚାରିବାରୁ, ଗାଡ଼ିଟି କେ. ସୁନୀତା ପାତ୍ରଙ୍କ ନାମରେ ଥିବାବେଳେ ସେ ବର୍ଷକର କିସ୍ତି ଦେବାପରେ ମାଲିକାନା ବଦଳାଇବେ ବୋଲି ପୂର୍ଣ୍ଣଚନ୍ଦ୍ର କହିଥିଲା। ପୂର୍ଣ୍ଣଚନ୍ଦ୍ର କହିବା ମୁତାବକ, ବିକାଶ ମାଲିକାନା ହସ୍ତାନ୍ତର ପାଇଁ ଆହୁରି ୬ ଅପେକ୍ଷା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଗତ ଡିସେମ୍ବର ମାସରେ ବିକାଶ ଯୋଗାଯୋଗ କରିବାରୁ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ପୂର୍ଣ୍ଣଚନ୍ଦ୍ର ନିଲାମରୁ ବିକ୍ରୟ ଗାଡ଼ି କିଣିଥିବା ସତ୍ତ୍ୱେ ନିଜକୁ ଗାଡ଼ିର ପ୍ରକୃତ ମାଲିକ ବୋଲି ଦର୍ଶାଇ ୫ ଲକ୍ଷ ଟଙ୍କା ଠକି ନେଇଛି। ଏନେଇ ବିକାଶ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ପୂର୍ଣ୍ଣଚନ୍ଦ୍ରକୁ ଗିରଫ କରିଛି। ତେବେ କେବଳ ବିକାଶ ନୁହଁନ୍ତି, ପ୍ରାୟ ୨୦ରୁ ଅଧିକ ଲୋକଙ୍କୁ ପୂର୍ଣ୍ଣଚନ୍ଦ୍ର ସମାନ ଉପାୟରେ ଠକିଥିବା କଥା ତଦନ୍ତ ବେଳେ ଜଣାପଡ଼ିଛି। ଏପର୍ଯ୍ୟନ୍ତ ତା' ବିରୋଧରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଆଗକୁ ଅଭିଯୋଗର ଫର୍ଦ୍ଦ ବଢ଼ିପାରେ ବୋଲି ପୁଲିସ ଅନୁମାନ କରୁଛି।

# ଆୟକର ରିଆତି ଆଳରେ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୨୬।୨ (ସମିସ): ଆୟକର ରିଆତି ଆଳରେ ଠକେଇ କରିଥିବା ଅଭିଯୋଗରେ ଧୂର୍ତ୍ତକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନ୍ଧାରୁଆରେ ରହୁଥିବା ଆସ୍କା ଥାନା ଅଞ୍ଚଳର ନିରାକାର ନାହାକ (୪୫)।

ପୁଲିସ ସୂଚନାନୁସାରେ, ଅଭିଯୋଗକାରୀ ନିର୍ମଳ ସାହୁ ସମୟକ୍ରମେ ନିରାକାର ସଂସ୍ପର୍ଶରେ ଆସିଥିଲେ ଓ ନିରାକାର ନିଜକୁ ଶ୍ରୀ ଜଗନ୍ନାଥ ଜନକଲ୍ୟାଣ ଫାଉଣ୍ଡେସନ୍ ଟ୍ରଷ୍ଟର ନିର୍ଦ୍ଦେଶକ ଭାବେ ପରିଚୟ ଦେଇଥିଲା। ଏଥିସହ ପ୍ରତିବର୍ଷ ୫୦ ହଜାର ଟଙ୍କା ଲେଖାଏଁ ଅଗାମୀ ୪ ବର୍ଷ ଯାଏଁ ଟ୍ରଷ୍ଟକୁ ୨ ଲକ୍ଷ ଟଙ୍କା ଦେଲେ ଧାରା ୮୦ (ଜି) ଅନୁଯାୟୀ ଆୟକର ରିଆତି ସୁବିଧା ମିଳିବା ସହ ଚାରିଟେବୁଲ କାର୍ଯ୍ୟରେ ସହଯୋଗ ହେବ ବୋଲି ନିରାକାର କହିଥିଲା। ନିର୍ମଳ ତା କଥାକୁ ବିଶ୍ୱାସ କରି, ୨୦୨୪ ଡିସେମ୍ବର ମାସରେ ନିଜ ବ୍ୟାଙ୍କ୍ ଆକାଉଣ୍ଟରୁ ଶ୍ରୀ ଜଗନ୍ନାଥ ଜନକଲ୍ୟାଣ ଫାଉଣ୍ଡେସନ୍ ଟ୍ରଷ୍ଟକୁ ୨ ଲକ୍ଷ ଟଙ୍କା ପଠାଇଥିଲେ। ପରିଚୟ ବଢ଼ିବା ପରେ, ନିରାକାର ଜରୁରୀ ଚିକିତ୍ସା ଥିବାର ଆବଶ୍ୟକତା ଦେଖାଇ ନିର୍ମଳଙ୍କ ଠାରୁ ୨ ଲକ୍ଷ ଟଙ୍କା ଧାର୍ ନେଇଥିଲା। ଏକ ମାସ ମଧ୍ୟରେ ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଟଙ୍କାଟିଏ ଫେରାଇନଥିଲା। ଏମିତିକି ଧାରା ୮୦ (ଜି) ଅନୁଯାୟୀ କୌଣସି ପ୍ରମାଣପତ୍ର ପ୍ରଦାନ କରିନଥିଲା। ସବୁଆଡୁ ନିରାଶ ହେବାପରେ ନିର୍ମଳ ମଞ୍ଚେଶ୍ୱର ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ନିରାକାରକୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।



## ଫଗୁ ଦଶମୀରେ ଏକାମ୍ରକ୍ଷେତ୍ରରେ ଫଗୁଲାଗି

# ଚନ୍ଦ୍ରଗ୍ରହଣରେ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ଭୁବନେଶ୍ୱର, ୨୬।୨(ସମିସ): ଫଗୁ ଦଶମୀରେ ଏକାମ୍ର କ୍ଷେତ୍ରରେ ଶ୍ରୀଲିଙ୍ଗରାଜଙ୍କୁ ଫଗୁଲାଗି କରାଯାଇଥିଲା। ଏହି ଅବସରରେ ବଡ଼ସିଂହାର ବେଶ ଶେଷ ହେବା ପରେ ପୀଠାଧୀଶଙ୍କୁ ରୁପା ଥାଳିରେ ଚଣା ଓ ସାକର ଭୋଗ ହୋଇଥିଲା। ଏହା ପରେ ଚଳନ୍ତି ବିଗ୍ରହଙ୍କୁ ଦକ୍ଷିଣୀ ଘରୁ ବିଜେ କରାଇ ଲିଙ୍ଗରାଜ, ଦେବୀ ପାର୍ବତୀ, ଦେବୀ ଦୁର୍ଗାଙ୍କୁ ବିମାନରେ ଏବଂ ଶ୍ରୀବାସୁଦେବଙ୍କୁ ପାଲିଙ୍କିରେ ବିଜେ କରାଯାଇ ମହାପ୍ରଭୁଙ୍କୁ ବେଢ଼ା ଭିତରେ ଥିବା ଫଗୁ ମଣ୍ଡପକୁ ଯାତ୍ରା କରି ନିଆଯାଇ ମଣ୍ଡପ ଉପରେ ଥିବା ଖଟୁଲିରେ ବିଜେ କରାଯାଇଥିଲା।



ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ଚଳିତବର୍ଷ ପ୍ରଥମ ଚନ୍ଦ୍ରଗହଣ ଓ ଦୋଳପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ତିନି ନିଯୋଗ ସମ୍ପାଦକ, ଚର୍ଜିତ, ଚପରାସି, ମନ୍ଦିର ଜ୍ୟୋତିଷଙ୍କୁ ନେଇ ବୈଠକ ହୋଇଥିଲା।

ଆସନ୍ତା ମାସ ୩ ତାରିଖ ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଦିଅଁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଚତୁର୍ଦ୍ଦଶୀ ତଥା ୨ତାରିଖ ଦିନ ସନ୍ଧ୍ୟା ୭ଟାରେ ମହାଦୀପ ଉଠିବ। ରାତି ୮ଟା ଭିତରେ ଦିଅଁ ବାହାରକୁ ଦୋଳ ଭୋଗ ଖାଇବାକୁ ଯିବେ। ରାତି ୧୧ଟା ଭିତରେ ମହାଖଳାରେ ଅଗ୍ନି ଉତ୍ସବ କାର୍ଯ୍ୟସାରି ରାତି ୧୧ଟା ଭିତରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ରାତି ୧୨ଟା ସୁଦ୍ଧା ବଡ଼ସିଂହାର ସରି ପହୁଡ଼ ପଡ଼ିବ। ରାତି ୨ଟାରେ ମନ୍ଦିର ଖୋଲା ଯାଇ ମଙ୍ଗଳଆଳତି ଓ ଅବକାଶ ନୀତି କରାଯାଇ ଦିଅଁଙ୍କ ଅନ୍ୟାନ୍ୟ ନୀତି କରାଯିବ। ୩ ତାରିଖ ସକାଳ ସାଢ଼େ ୬ଟା ଭିତରେ ଭୋମଣ୍ଡପ ନୀତିକାର୍ଯ୍ୟ ସରି ମନ୍ଦିରରେ ସମସ୍ତ ଦେବନୀତି ବନ୍ଦ ରହିବ। ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଦିଅଁ ବିନ୍ଦୁସାଗର ଅଭିମୁଖେ ଗ୍ରହଣ ସ୍ନାନ କରିବାକୁ ଯିବେ। ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ କରାଯିବ। ସର୍ବମୋକ୍ଷ ହୋଇସାରିବା ପରେ ମାଘସ୍ନାନ ଦିଆଯାଇ ବଲ୍ଲଭ ବେଶ ଏବଂ ବଲ୍ଲଭ ଧୂପ କରାଯାଇ ରାତି ୮ଟା ମଧ୍ୟରେ ଦିଅଁଙ୍କ ଚଳନ୍ତି ପ୍ରତିମା ଦୋଳବେଦୀକୁ ବିଜେ କରିବେ। ରାତି ୧୨ଟା ସୁଦ୍ଧା ଦୋଳବେଦୀରେ ସକାଳଧୂପ, ଦ୍ୱିପ୍ରହର ଧୂପ ଏବଂ ସନ୍ଧ୍ୟା ଧୂପ କରାଯାଇ ମନ୍ଦିରକୁ ଦିଅଁ ପ୍ରତ୍ୟାବର୍ତ୍ତନ କରିବେ। ମନ୍ଦିରରେ ଅନ୍ୟାନ୍ୟ ନୀତି ହୋଇ ବଡ଼ସିଂହାର ହୋଇ ପହୁଡ଼ ପଡ଼ିବ। ବୈଠକରେ ବଡୁ ନିଯୋଗ ସମ୍ପାଦକ ପୂଜାପଣ୍ଡା କମଳାକାନ୍ତ ବଡୁ, ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗର ସମ୍ପାଦକ ବିରଞ୍ଚି ନାରାୟଣ ପତି, ମନ୍ଦିର ଚର୍ଚ୍ଚିତ, ମନ୍ଦିର ଜ୍ୟୋତିଷ, ଚପରାସି ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାର୍ଷିକ ମିଡିଆ ଫେଷ୍ଟ: 'ରମାଦେବୀ'ରେ ଖୋଲିବ କ୍ୟାମ୍ପସ୍ ରେଡିଓ

ଭୁବନେଶ୍ୱର, ୨୬।୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଖୋଲିବ କ୍ୟାମ୍ପସ ରେଡ଼ିଓ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ ଦ୍ୱାରା ଆୟୋଜିତ ବାର୍ଷିକ ମିଡିଆ ଫେଷ୍ଟ, ମିଡିଆ ଅନ୍ତର ୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏହି ଘୋଷଣା କରିଛନ୍ତି। ଗୁରୁବାର ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସାମ୍ବାଦିକତା ଏବଂ ପ୍ରଯୁକ୍ତିବିଦ୍ୟାରେ ମହିଳା ସଶକ୍ତୀକରଣ ଏବଂ ନୈତିକ ଗଣମାଧ୍ୟମର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେବାକୁ ପ୍ରେରଣା ଦେଇଥିଲେ।

ବିଶ୍ୱବିଦ୍ୟାଳୟ ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଂଯୋଜକ ଏବଂ ବିଭାଗର ମୁଖ୍ୟ ଡକ୍ଟର ଅମ୍ବିକା ଶଙ୍କର ମିଶ୍ର ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଭାଇସ୍ ଚାନ୍‌ସେଲର ପ୍ରଫେସର ଚଣ୍ଡି ଚରଣ ରଥ ମଧ୍ୟ



ସମାବେଶକୁ ସମ୍ବୋଧିତ କରିଥିଲେ। ଉଦଘାଟନୀ ଅଧିବେଶନରେ ଦାସମତୀ ଚତରଙ୍କ ଦ୍ୱାରା ମା ରମା ଦେବୀଙ୍କ ସ୍କ୍ରିନିଂ, ମୋମେଣ୍ଟସ୍ ପ୍ରଡକ୍ସନ୍ ଅନ୍ତର୍ଭୁକ୍ତ ଥିଲା। ଅଧ୍ୟାପକ ନରସିଂହ ମାଝୀ ଛାତ୍ର ନେତୃତ୍ୱ, ବ୍ୟବହାରିକ ଶିକ୍ଷା ଏବଂ ଭୁଲ ତଥ୍ୟର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ।

'ମିଡିଆ, ନୀତିଶାସ୍ତ୍ର ଏବଂ ମହିଳା ନେତୃତ୍ୱ' ଉପରେ ଏକ ପ୍ୟାନେଲ ଆଲୋଚନାରେ ସୁଶ୍ରୀ ସାରଦା ଲହାଙ୍ଗିର, ସୁଶ୍ରୀ ଆଭା ମିଶ୍ର, ଦିଲୀପ ବିସୋଇ ଏବଂ ପ୍ରଫେସର ଡ. ଡକ୍ଟର ସ୍ମିତି ପାଢ଼ୀଙ୍କ ଦ୍ୱାରା ସଂଯୋଜିତ ଅର୍ଚ୍ଚନା ନାୟକ, ନୈତିକ ସାମ୍ବାଦିକତା, ଗଣମାଧ୍ୟମ ସ୍ୱଚ୍ଛତା ଏବଂ ସାମାଜିକ ପ୍ରଭାବ ଉପରେ ଅର୍ନ୍ତଦୃଷ୍ଟି ପ୍ରଦାନ କରିଥିଲେ।

ଏହି ମହୋତ୍ସବରେ ଛୋଟି ଫିଲ୍ମ ବାଡି କାହାଣୀ, ରିଲ୍-ଏ-ରିଲ୍ ଏବଂ ଡୁଡଲ୍ ଡ୍ରାମା ଭଳି ଏଗାରଟି ସୃଜନଶୀଳ ଗଣମାଧ୍ୟମ ପ୍ରତିଯୋଗିତା ସହିତ ଆଠଟି ଖାଦ୍ୟ ଷ୍ଟଲ୍ ଏବଂ ବାଗଚି କରୁଣାଶ୍ରୟଙ୍କ ଦ୍ୱାରା ଏକ ଏନଜିଓ ପଦକ୍ଷେପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀ ଚିନ୍ମୟୀ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ କନ୍ୟା ଅନମୋଲ ହେର ପ୍ରତିଷ୍ଠାତ୍ରୀ ସସ୍ମିତା ଦାଶ ଓ ନୂତନବାର୍ତ୍ତାର ସମ୍ପାଦକ ବିଭୂପଦ ଦାସଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

# ଦୁନିଆ ଦୌଡୁଛି; ପଛରେ ପଡ଼ିଛି ପୁଲିସ

ଭୁବନେଶ୍ୱର, ୨୬।୨(ସମିସ): ଆଜିର ଦିନରେ ହାଇପ୍ରୋଫାଇଲ୍ ଅପରାଧ ମାମଲାରେ ପୁଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଡିଜିଟାଲ୍ ପ୍ରମାଣ ଯୋଗାଡ଼। କିନ୍ତୁ ଏ କ୍ଷେତ୍ରରେ କମିସନରେଟ୍ ପୁଲିସର ଖାମଖିଆଲ ମନୋଭାବ ହେଉ ଅବା ବୈଷୟିକ ଜ୍ଞାନକୌଶଳର ଅଭାବ ହେଉ ଅଦାଲତରେ ତାହା ପ୍ରମାଣିତ ହୋଇପାରୁନି। ଫଳରେ ଅଭିଯୁକ୍ତ ସହଜରେ ଖସି ଯାଉଛନ୍ତି। ପରବର୍ତ୍ତୀ ସମୟରେ ତାହା କେବଳ ପୁଲିସ ପାଇଁ ନୁହେଁ ପୂରା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟୁଛି।

ଆଜିର ଦିନରେ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ବଡ଼ବଡ଼ ଠକେଇ ଏବଂ ଅପରାଧ ଘଟଣାରେ ଭିଡ଼ିଓଗ୍ରାଫି ସହ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣର ଗୁରୁତ୍ୱ ବଢ଼ିଯାଇଛି। ଭିଡ଼ିଓ ଇ-ସାକ୍ଷ୍ୟ ଆପ୍‌ରେ ଅପ୍‌ଲୋଡ୍ କରାଯିବାର ବ୍ୟବସ୍ଥା ରହିଛି। ଏହିଭଳି ଫୋରେନ୍‌ସିକ୍ ରିପୋର୍ଟ ଉପରେ ଉପରେ ମଧ୍ୟ ଗୁରୁତ୍ୱ ଅଧିକ ରହିଛି। ସବୁ ଅପରାଧସ୍ଥଳକୁ ପୁଲିସ ସହ ଫୋରେନ୍‌ସିକ୍ ଟିମ୍ ଯିବାକୁ ବାଧ୍ୟ। ଫୋରେନ୍‌ସିକ୍ ଟିମ୍ ନମୁନା ସଂଗ୍ରହ ସମୟରେ ଭିଡ଼ିଓ କରାଯିବ। ଫୋରେନ୍‌ସିକ୍ ଟିମ୍‌ର କାମକୁ ସହଜ କରିବାକୁ ସବୁ ଥାନାର କନ୍‌ଷ୍ଟବଲଙ୍କୁ ଫୋରେନ୍‌ସିକ୍ ଆସେଟ୍ ଭାବେ ରଖାଯାଇଥିଲେ ମଧ୍ୟ ସେମାନଙ୍କୁ ଦେଖିବାକୁ ମିଳୁଛି। ପୁଲିସ ପାଖରେ ଟେକ୍ନୋଲୋଜିର ଅଭାବ ଥିବାରୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ପୁଲିସ ଏଠାରୁ ଡିଜିଟାଲ ପ୍ରମାଣକୁ ରାଜ୍ୟ ବାହାରକୁ ପଠାଉଛି, ସେଠାରୁ ରିପୋର୍ଟ ଆସିବା ବେଳକୁ ୩ ମାସରୁ ଅଧିକ ଦିନ ଲାଗୁଛି। ସେତବେଳେ କୋର୍ଟରେ ପ୍ରମାଣ ଦାଖଲ କରାଯାଇ ପାରୁନଥିବାରୁ ଅଭିଯୁକ୍ତକୁ ଜାମିନ୍ ମିଳିଯାଉଛି। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌ରେ ମାନବସମ୍ବଳ ଅଭାବ ଏବଂ ଅନ୍ୟା ଟେକ୍ନୋଲୋଜି ନଥିବାରୁ ବାହାର ରାଜ୍ୟ ଉପରେ ନିର୍ଭର ହେବାକୁ ପଡୁଛି। ଭୁବନେଶ୍ୱରରେ ନାର୍କୋ ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଗୁଜୁରାଟ ଗାନ୍ଧୀନଗର ଏବଂ ଅନ୍ୟ ରାଜ୍ୟ ଉପରେ ଭରସା କରିବାକୁ ପଡୁଛି।

■ ଡିଜିଟାଲ୍ ପ୍ରମାଣ ଯୋଗାଡ଼ରେ ବିଳମ୍ବ
■ କର୍ମଚାରୀ ନାହାନ୍ତି କି ତାଲିମ ନାହିଁ




### ମୋବାଇଲର ପାସ୍‌ୱାର୍ଡ ଖୋଲିବାକୁ ସିଙ୍ଗାପୁର ଭରସା

କିଛିବର୍ଷ ତଳେ ବିଜେବି କଲେଜରେ ପାଠ ପାଢୁଥିବା ରୁଚିକା ମହାନ୍ତି ମୃତ୍ୟୁ ମାମଲାରେ ମୋବାଇଲ୍ ପାସ୍‌ୱାର୍ଡ୍ ଖୋଲିବା ପାଇଁ ପୁଲିସକୁ ୬ ମାସ ଲାଗିଯାଇଥିଲା। ଆତ୍ମହତ୍ୟା ପରେ ପୁଲିସ ମୃତଦେହ ନିକଟରେ ଏକ ଚିଠି ଏବଂ ମୋବାଇଲ୍ ଫୋନ୍ ଜବତ କରିଥିଲା। ପୁଲିସ ଚିଠିକୁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ପଠାଇଥିବା ବେଳେ ଫୋନ୍‌ର ପାସ୍‌ୱାର୍ଡ ଖୋଲିବା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲେ। ହେଲେ ସେଠାରେ ମୋବାଇଲର ପାସ୍‌ୱାର୍ଡ ଖୋଲି ନ ପାରିବାରୁ ସିଙ୍ଗାପୁର ପଠାଇଥିଲା। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏକାଧିକ ହତ୍ୟା ଏବଂ ଆତ୍ମହତ୍ୟା ମାମଲାରେ ରାଜ୍ୟ ବାହାରକୁ ପଠାଯାଉଛି।

### ୩ ମାସରେ ଆସିଲା ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟ

ବ୍ଲାକ୍‌ମେଲିଂ ମାମଲାରେ ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦକୁ ଗିରଫ କରିଥିଲା। ଗିରଫ ସମୟରେ ତାଙ୍କ ନିକଟରୁ ମୋବାଇଲ୍ ଫୋନ୍, ଲାପ୍‌ଟପ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କଲା। ଏଥିରେ ଥିବା ପ୍ରମାଣ ପାଇବା ପାଇଁ ପୁଲିସ ଏହାକୁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲେ। ହେଲେ ସେଠାରୁ ରିପୋର୍ଟ ମିଳିଲା ୩ ମାସ ପରେ। ପୁଲିସ ଯେଉଁ ସମୟରେ ତଦନ୍ତ କରି ସତ୍ୟାସତ ବାହାର କରିବାକୁ ଚେଷ୍ଟା କରିଥିଲା। ହେଲେ ସେହି ସମୟରେ ପୁଲିସକୁ ମିଳି ନ ଥିଲା ଡିଜିଟାଲ ତଥ୍ୟ। ଯେଉଁଥି ପାଇଁ ପୁଲିସର ତଦନ୍ତ ଶିଥିଳ ପଡ଼ିଥିଲା। ସେହିପରି ଅନେକ ଠକେଇ ମାମଲାରେ ପୁଲିସକୁ ଠିକ୍ ସମୟରେ ତଥ୍ୟ ମିଳିପାରୁନାହିଁ।

### ଫୋରେନ୍‌ସିକ୍ ଲ୍ୟାବ୍‌ରେ କର୍ମଚାରୀ ଅଭାବ


ସନ୍ଦେହଜନକ ମୃତ୍ୟୁ ମାମଲାରେ ଭିସେରା ପରୀକ୍ଷା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପ୍ରତିଦିନ ୨୦ରୁ ଅଧିକ ମୃତ ବ୍ୟକ୍ତିଙ୍କୁ ଭିସେରା ଆସୁଛି। କିନ୍ତୁ ମାନବ ସମ୍ବଳ ଅଭାବରୁ ରିପୋର୍ଟ ଠିକ୍ ସମୟରେ ପରୀକ୍ଷା କରାଯାଇପାରୁ ନାହିଁ କି ରିପୋର୍ଟ ପ୍ରକାଶ ପାଇପାରୁ ନାହିଁ। ଫଳରେ ଗୋଟିଏ ଗୋଟିଏ ମାମଲାର ରିପୋର୍ଟ ଆସିବା ପାଇଁ ୨ରୁ ୩ ମାସ ଲାଗିଯାଉଛି। ଏମିତି କି ହତ୍ୟା ମାମଲାରେ ରିପୋର୍ଟ ପୁଲିସର ହସ୍ତଗତ ହେବା ବେଳକୁ ଅଭିଯୁକ୍ତ ସହଜରେ ରାଜ୍ୟ ବାହାରକୁ ଚମ୍ପଟ ମାରୁଛି। ସେହିପରି ପାଣିରେ ବୁଡ଼ି ମରିବା ମାମଲାରେ ଡାଏଟମ୍ ପରୀକ୍ଷା ପାଇଁ ରାଜ୍ୟ ବାହାରକୁ ପଠାଯାଇଥାଏ। ଏ ନେଇ ରିପୋର୍ଟ ଆସିବା ବେଳକୁ ଯଥେଷ୍ଟ ବିଳମ୍ବ ହେଉଛି। ଯାହାର ସୁଯୋଗ ନେଇ ଅପରାଧୀମାନେ ସହଜରେ ଖସି ଯାଉଛନ୍ତି।

### ବିନା ତାଲିମରେ କାମ କରୁଛନ୍ତି କର୍ମଚାରୀ

ଅପରପକ୍ଷେ ରାଜ୍ୟ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କୁ ନିୟମିତ ଭାବେ ଟ୍ରେନିଂ ଦିଆଯାଉନାହିଁ। ସେମାନେ ସେହି ପୁରୁଣା ଢାଞ୍ଚାରେ ତଦନ୍ତ କରୁଛନ୍ତି। ଫଳରେ ଅତ୍ୟାଧୁନିକ ଡିଜିଟାଲ ସାମଗ୍ରୀରୁ ତଥ୍ୟ ମିଳିପାରୁନି। ତେଣୁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଅବଶ୍ୟକ କର୍ମଚାରୀ ଏବଂ ନିୟମିତ ଟ୍ରେନିଂ ଦିଆଗଲା ସଫଳତା ମିଳିବ ବୋଲି କୁହାଯାଉଛି। ଆହୁରି ମଧ୍ୟ କମିସନରେଟ୍ ପୁଲିସରେ କାମ କରୁଥିବା ତଦନ୍ତ ଅଧିକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉ ନ ଥିବା କୁହାଯାଉଛି।

ସକାଳ
THE SAKALA

# ସମ୍ପାଦକୀୟ



ସଫଳତା ଆକସ୍ମିକ ନୁହେଁ, କଠିନ ପରିଶ୍ରମ ଓ କର୍ମ ପ୍ରତି ନିଷ୍ଠାର ଫଳ।
-ପେଲେ

## ଅକ୍ଷମଣୀୟ ତ୍ରୁଟି

ମାଧ୍ୟମିକ ଶିକ୍ଷାରେ ପ୍ରଚଳିତ ପାଠ୍ୟକ୍ରମରୁ ବହୁବର୍ଷ ଧରି ପ୍ରଚଳିତ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ବାଦ ଦେବା ଏବଂ ଗୈରିକ ମତାଦର୍ଶୀ ବିଷୟବସ୍ତୁକୁ ସାମିଲ୍ କରିବା ଆଦି ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଜାତୀୟ ଶିକ୍ଷା, ତାଲିମ୍ ଓ ଗବେଷଣା ପରିଷଦ(ଏନ୍‌ସିଇଆରଟି) ଏବେ ସାମ୍ବିଧାନିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଛି। ଏନ୍‌ସିଇଆରଟି ଦ୍ୱାରା ଅଷ୍ଟମଶ୍ରେଣୀ ପାଇଁ ପ୍ରକାଶିତ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକର 'ଆମ ସମାଜରେ ନ୍ୟାୟପାଳିକାର ଭୂମିକା' ଶୀର୍ଷକ ବିଷୟରେ ନ୍ୟାୟପାଳିକାରେ ଦୁର୍ନୀତି ଏବଂ ବିଶାଳ ମାମଲାବୋଝ ସମ୍ପର୍କରେ ଉଲ୍ଲେଖ ରହିଛି। ଏଥିସହିତ ବିଚାରପତିମାନଙ୍କର କାର୍ଯ୍ୟଧାରା ଓ ଉତ୍ତରଦାୟିତ୍ୱ ବିଷୟରେ ମଧ୍ୟ କେତେକ ପରାମର୍ଶ ଓ ମାର୍ଗଦର୍ଶନ ଦିଆଯାଇଛି। ତେଣୁ ସ୍ୱାଭାବିକ ଭାବେ ଏହା ଯେକୌଣସି ବର୍ଗ, ସ୍ତର ଓ ମତବାଦୀଙ୍କ ପାଇଁ ଭ୍ରୂକୁଞ୍ଚନ ସୃଷ୍ଟି କରିଛି ଏବଂ ଏନ୍‌ସିଇଆରଟି ସମାଲୋଚିତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଅସନ୍ତୋଷ ପ୍ରକାଶ କରିବା ସହିତ ଏହାପଛରେ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ପରେ କର୍ତ୍ତୃପକ୍ଷ ଉକ୍ତ ପୁସ୍ତକଟିକୁ ବଜାରରୁ ପ୍ରତ୍ୟାହାର କରିନେଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମଧ୍ୟ ଘୋଷଣା କରିଛନ୍ତି।

ଉପରୋକ୍ତ ସାମଗ୍ରିକ କ୍ରିୟା-ପ୍ରତିକ୍ରିୟା ପରେ ଗତାନୁଗତିକ ରୀତିରେ ତଦନ୍ତ ଚାଲିବ। ତଦନ୍ତ ରିପୋର୍ଟ କେବେ ଆସିବ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଭିନ୍ନ କଥା। କିନ୍ତୁ ଯେଉଁ ସମ୍ବେଦନଶୀଳ ପ୍ରଶ୍ନଟି ଏବେ ଜନମାନସରେ ଉଠିଛି ତାହା ହେଉଛି ଉପରସ୍ତରର ବିନା ନିର୍ଦ୍ଦେଶ ଓ ବିନା ଇଙ୍ଗିତରେ ହଠାତ୍ ଏଭଳି ଆସ୍ପର୍ଦ୍ଧା କରିବାକୁ ବେତନଭୋଗୀ ଅଧିକାରୀ ଜଣେ ସାହସ କରିପାରିବ କି? ଏହାକୁ ନେଇ ଯେଉଁ ତର୍କବିତର୍କ, ଆଲୋଚନା-ସମାଲୋଚନାର ସୁଅ ଛୁଟିଛି ସେହି ପରିପ୍ରେକ୍ଷୀରେ କେତେକ ପ୍ରସଙ୍ଗ ସ୍ୱତନ୍ତ୍ର ତର୍ଜମାର ଅପେକ୍ଷା ରଖେ।

ବିଦ୍ୟାଳୟ ବା ମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦେଶର ଶାସନ ବ୍ୟବସ୍ଥା, ଗଣତାନ୍ତ୍ରିକ ବିଧାନ ଓ ସମ୍ବିଧାନ ବିଷୟରେ ଶିକ୍ଷା ଦିଆଯାଏ। କାରଣ ସେମାନେ ଦେଶର ନାଗରିକ ଭାବେ ନିର୍ଣ୍ଣାୟକ ବୟସରେ ଉପନୀତ ହେବା ବେଳକୁ ନାଗରିକ ବିଜ୍ଞାନ ବିଷୟରେ ସମ୍ୟକ୍ ଜ୍ଞାନ ହାସଲ କରିପାରିଥିବେ। ବ୍ୟବସ୍ଥା ଭିତରେ କ'ଣ ତ୍ରୁଟିବିଚ୍ୟୁତି ରହିଛି ଏବଂ କ'ଣ ସଂସ୍କାରର ଆବଶ୍ୟକ ତାହା ସେମାନେ ଉଚ୍ଚତର ଶ୍ରେଣୀ କିମ୍ବା ଗବେଷଣା ସ୍ତରରେ ଜାଣିପାରିବେ ଏବଂ ମତାମତ ଦେଇପାରିବେ। କିନ୍ତୁ କୋମଳମତି ଛାତ୍ରଛାତ୍ରୀଙ୍କ ମସ୍ତିଷ୍କରେ ଯଦି ବ୍ୟବସ୍ଥାର ସୁଦୂରପ୍ରସାରୀ ଦିଗ ଓ ଲକ୍ଷ୍ୟ ବଦଳରେ ସେଥିରେ ଥିବା ତ୍ରୁଟି ବିଷୟ ଭର୍ତ୍ତି କରିଦିଆଯାଏ ତେବେ ବ୍ୟବସ୍ଥା ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ତୁଟିଯିବ। ଏକ ଭ୍ରମ ଧାରଣାର ମୂଳଦୁଆ ଉପରେ ଠିଆ ହୋଇ ସେମାନେ ଯେ ନାଗରିକ ଭାବରେ ଦେଶହିତରେ କିଛି କରିପାରିବେ ସେ ଆଶା ହିଁ ମଉଳି ଯିବ।

ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ବୋଧହୁଏ ଅଜ୍ଞାତ ନଥିବେ ଯେ ବିବିଧତା ପୂର୍ଣ୍ଣ ଭାରତବର୍ଷର ଏକତା ତିଷ୍ଠି ରହିଛି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆ ଉପରେ। ଯଦି ମୂଳଦୁଆକୁ ହିଁ ଦୁର୍ବଳ କରିଦିଆଯିବ ତେବେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ଦୋହଲିଯିବା ସ୍ୱାଭାବିକ। ଅନେକ ଜଟିଳ ମାମଲାରେ ଆମ ନ୍ୟାୟପାଳିକା ଯେଭଳି ରାୟ ଦେଇଛନ୍ତି ତାହାକୁ ଭାରତବାସୀ ସାଦରେ ଓ ସସମ୍ମାନେ ଗ୍ରହଣ କରିନେଇଛନ୍ତି। ଏଥିରେ ଆଇନର ଶାସନ ବ୍ୟବସ୍ଥା ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ ଆହୁରି ଦୃଢ଼ ହୋଇଛି। କିନ୍ତୁ କତିପୟ ଦୁର୍ନୀତିଗ୍ରସ୍ତ ବିଚାରପତିଙ୍କ ପାଇଁ ସମ୍ପୂର୍ଣ୍ଣ ରୂପେ ନ୍ୟାୟିକ ବ୍ୟବସ୍ଥାକୁ କାଠଗଡ଼ା ଭିତରେ ଆବିଷ୍କାର କରିବା କେତେଦୂର ଗ୍ରହଣୀୟ ତାହା ସମ୍ପୃକ୍ତ ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା ଶିକ୍ଷାବିତ୍‌ମାନେ ଚିନ୍ତା କରିବାର ଥିଲା। ଏ କଥା ମଧ୍ୟ ସେମାନେ ଭୁଲିଯିବା ଅନୁଚିତ ଥିଲା ଯେ ନ୍ୟାୟପାଳିକା ହେଉଛି ସମ୍ବିଧାନର ଜାଗ୍ରତ ପ୍ରହରୀ। ଏଭଳି ଅନେକ ମାମଲାରେ ନ୍ୟାୟପାଳିକା ସମ୍ବିଧାନର ଆତ୍ମାକୁ ସୁରକ୍ଷିତ କରିଛି ଏବଂ ଜନତା ଓ କ୍ଷମତା ଭିତରେ ସୁସମ୍ପର୍କର ସେତୁକୁ ମଜଭୂତ କରିଛି।

ଏବେ ନାଗରିକ ମହଲରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜନୀତିର ଭୂମିକା ବହୁଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷରେ ଏହା ଯେ ଦେଶର ସର୍ବାଧିକ ଦୁର୍ନୀତିଗ୍ରସ୍ତ କ୍ଷେତ୍ର ମଧ୍ୟରୁ ଗୋଟିଏ ଏହା ଅନସ୍ୱୀକାର୍ଯ୍ୟ। ସେହିପରି ପ୍ରଶାସନ ବା ଅମଲାତନ୍ତ୍ର ମଧ୍ୟ ଏହି ଦୁର୍ନୀତି କଳଙ୍କରୁ ମୁକ୍ତ ନୁହେଁ। ତେଣୁ ଗଣତନ୍ତ୍ରର ଏହି ଦୁଇ ଦୁର୍ନୀତିଯୁକ୍ତ ସ୍ତମ୍ଭକୁ ବାଦ୍ ଦେଇ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବାକୁ ଅହରହ ପ୍ରଚେଷ୍ଟା କରୁଥିବା ସ୍ତମ୍ଭ - ନ୍ୟାୟପାଳିକା କିଭଳି ପାଠ୍ୟପୁସ୍ତକ ପ୍ରଣେତାଙ୍କ ଦୃଷ୍ଟିକୁ ଆସିଲା? ପୁଣି ଯେଉଁ ମାମଲାବୋଝ ଓ ଦୁର୍ବଳ ଭିତ୍ତିଭୂମି ବିଷୟରେ ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି ସେଥିପାଇଁ ବିଧାନପାଳିକା ହିଁ ଦାୟୀ। ମାମଲାବୋଝ ବଢ଼ିଚାଲିଥିବା ବେଳେ ଖାଲିଥିବା ବିଚାରପତି ପଦବୀ ସଂଖ୍ୟା ପୂରଣ ହୋଇପାରୁନାହିଁ। ଏହି ସ୍ପର୍ଶକାତର ଓ ସମସ୍ୟାବହୁଳ ପ୍ରସଙ୍ଗ ବର୍ଣ୍ଣନା କଲା ବେଳେ ୨୦୧୬, ଏପ୍ରିଲ୍ ୨୪ ତାରିଖରେ ତତ୍କାଳୀନ ପ୍ରଧାନ ବିଚାରପତି ତିରଥ୍ ସିଂହ ଠାକୁର ସାଧାରଣ ସଭାରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅଶ୍ରୁ ସମ୍ବରଣ କରିପାରି ନଥିଲେ। ପୁଣି ଯଦି କେହି ବିଚାରପତି ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣିତ ହୁଅନ୍ତି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣି ବହିଷ୍କାର କରିବାର ଅଧିକାର ମଧ୍ୟ ବିଧାନପାଳିକାର ରହିଛି। ତେଣୁ ବିଧାନପାଳିକାକୁ ବାଦ୍ ଦେଇ ନ୍ୟାୟପାଳିକାର ଉଭୟ ଦୁର୍ନୀତି ଓ ମାମଲା ବୋଝ ବିଷୟ ଉଲ୍ଲେଖ କରାଯାଇପାରେନା।

ପାଠ୍ୟପୁସ୍ତକରେ ଏତାଦୃଶ ତ୍ରୁଟି ଆଦୌ ସାଧାରଣ ନୁହେଁ, ବରଂ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ କହିବା ଭଳି ଏକ ଗଣତାନ୍ତ୍ରିକ ସଂସ୍ଥାକୁ ବଦ୍‌ନାମ କରିବା ପାଇଁ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର। ନ୍ୟାୟିକ ବ୍ୟବସ୍ଥା ପ୍ରତି ଏଭଳି ନକାରାତ୍ମକ ଧାରଣା ଥିବା ପାଠ୍ୟପୁସ୍ତକ ପ୍ରଣେତାମାନେ ଭାରତର ଶିକ୍ଷା ବ୍ୟବସ୍ଥାକୁ କି ଦିଗ୍‌ଦର୍ଶନ ଦେବେ ଏବଂ କିଭଳି ସ୍କୁଲ୍‌ସ୍ତରରୁ ଦେଶର ସୁନାଗରିକ ଗଢ଼ିବାରେ ସହାୟତା କରିବେ ତାହା ବିଚାରସାପେକ୍ଷ। ଏଭଳି ଅସାଧାରଣ ତ୍ରୁଟି ଅକ୍ଷମଣୀୟ। ତଦନ୍ତ ବେଳେ ଏହି ଅକ୍ଷମଣୀୟ ଓ ଉଦ୍ଦେଶ୍ୟମୂଳକ ତ୍ରୁଟି ପଛରେ ଥିବା ପ୍ରଚ୍ଛନ୍ନ ଓ ଅଦୃଶ୍ୟ ହାତର ପରିଚୟ ସାର୍ବଜନୀନ ହେବ ତ? ଏହି ପ୍ରଶ୍ନ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

## ଉପକୂଳ ରାଜପଥ: ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ଓଡ଼ିଶାର ବହୁପ୍ରତୀକ୍ଷିତ ଜାତୀୟ ଜଳପଥ - ୫ ପ୍ରକଳ୍ପ ପାଇଁ ବିଳମ୍ବରେ ହେଲେ ମଧ୍ୟ ୨୦୨୬-୨୭ ଆର୍ଥିକ ବଜେଟ୍‌ରେ ସ୍ଥାନ ପାଇବା ପରେ କିଛିଟା ଆଶା ସଞ୍ଚାର ହୋଇଛି। କିନ୍ତୁ ଓଡ଼ିଶା ଉପକୂଳ ରାଜପଥ ପ୍ରକଳ୍ପ ବିଷୟରେ ବଜେଟ୍‌ରେ ସ୍ପଷ୍ଟ ହୋଇନାହିଁ। ଫଳରେ ଏହି ପ୍ରକଳ୍ପଟିର ଭାଗ୍ୟ ଓ ଭବିଷ୍ୟତକୁ ନେଇ ଓଡ଼ିଶାବାସୀ ସନ୍ଦୀହାନ ଅଛନ୍ତି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସଡ଼କ ପଥ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ରହିଥିବା ଉପକୂଳ ଓଡ଼ିଶାର କେତେକ ଅଞ୍ଚଳବାସୀଙ୍କ ଜୀବନଯାତ୍ରା ଓ ସାମାଜିକ- ଅର୍ଥନୀତିରେ ଉନ୍ନତି ଘଟିବ ଏବଂ ରାଜ୍ୟ ସରକାର ମଧ୍ୟ ଉପକୃତ ହେବେ। କିନ୍ତୁ କେବେ ନକ୍ସା ବଦଳ ତ କେବେ ଟେଣ୍ଡର ବାତିଲ୍ ଆଦି କାରଣରୁ ଏହି ପ୍ରକଳ୍ପ ବିଳମ୍ବିତ ହୋଇଚାଲିଛି।

ଉପକୂଳ ରାଜପଥ ଭାରତ ସରକାରଙ୍କର ଏକ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏଥିରେ ଦେଶର ନଅଟି ଯାକ ସମୁଦ୍ର ତଟବର୍ତ୍ତୀ ରାଜ୍ୟଙ୍କୁ ସାମିଲ କରାଯାଇଛି। ତଦନୁସାରେ ଓଡ଼ିଶା ମଧ୍ୟ ଏଥିରେ ସ୍ୱାଭାବିକ ଭାବେ ସ୍ଥାନ ପାଇଛି। ଏହି ପ୍ରକଳ୍ପ ଉପକୂଳ ଅଞ୍ଚଳର ଜୀବନ ଜୀବିକା ଏବଂ ବିକାଶରେ ଜୀବନରେଖା ହେବା ସହ ବନ୍ଦରସବୁକୁ ଯୋଡ଼ି 'ସାଗରମାଳା' ପ୍ରକଳ୍ପର ଏକ ପରିପୂରକ ହେବାକୁ ଉଦ୍ଦିଷ୍ଟ। ତେବେ ସାମୁଦ୍ରିକ ତଟରେଖାଗୁଡ଼ିକ ଭୌଗୋଳିକ ଓ ପରିବେଶ ଦୃଷ୍ଟିରୁ ଉଭୟଆହ୍ୱାନମୂଳକ ଓ ଅତି ସଂବେଦନଶୀଳ। ଏହାର ସୁଯୋଗ ନେଇ ସମୁଦ୍ରବାଟେ ଦେଶକୁ ଅନୁପ୍ରବେଶ ଅଧିକ ହୋଇଥାଏ। ତେଣୁ ଜାତୀୟ ସୁରକ୍ଷା ପାଇଁ ଉପକୂଳ ରାଜପଥର ଭୂମିକା ମଧ୍ୟ ଅତି ଅଧିକ।

ଓଡ଼ିଶାର ୪୮୦ କିମି ଲମ୍ବ ସମୁଦ୍ରକୂଳର ଦୁଇଟି ବଡ଼ ଅଂଶ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସ୍ପର୍ଶକାତର। ସେଥିରୁ ଗୋଟିଏ ହେଲା କେନ୍ଦ୍ରପଡ଼ା ଜିଲ୍ଲାର ଭିତରକନିକା, ଗହିରମଥା ଓ ବରୁଣେଇ ଅଞ୍ଚଳ ଏବଂ ଅନ୍ୟଟି ଚିଲିକା ହ୍ରଦ ସଂପୃକ୍ତ ଇଲାକା, ଯାହା ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାକୁ ବ୍ୟାପିଛି। ଏହି ଅଞ୍ଚଳ ସବୁ ଗମନାଗମନ ଦୃଷ୍ଟିରୁ ଅତ୍ୟନ୍ତ ଅନଗ୍ରସର ତଥା ସମସ୍ୟାବହୁଳ। ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିବା ପାଇଁ ସେମାନଙ୍କୁ କଲକତା-ଚେନ୍ନାଇ ରାଜ୍ୟପଥ ନଂ - ୧୬ ଧରିବାକୁ ୫୦ ରୁ ୧୦୦ କିମି ରାସ୍ତା ବୁଲିବାକୁ ପଡ଼ିଥାଏ। ତେଣୁ ରାଜ୍ୟ ସରକାରଙ୍କର ମୂଳ ଯୋଜନା ଥିଲା ଏହି ପ୍ରସ୍ତାବିତ ରାଜପଥକୁ ଉଦୟପୁର, ଚନ୍ଦନେଶ୍ୱର, ଚାନ୍ଦିପୁର, ବାସୁଦେବପୁର, ତାଳପଦା, ଧାମରା, ଭିତରକନିକା, ସାତଭାୟା, ରତନପୁର, ପାରାଦୀପ, କାକଟପୁର, ଅସ୍ତରଙ୍ଗ, କୋଣାର୍କ, ପୁରୀ, ବାଲୁଖଣ୍ଡ, ବ୍ରହ୍ମଗିରି, ପାରିକୁଦ, ସାତପଡ଼ା, ମାଲୁଦ, କୃଷ୍ଣପ୍ରସାଦ ଆଦି ଦେଇ ଗୋପାଳପୁର ସହ ସଂଯୁକ୍ତ କରିବା। ତାହା କିନ୍ତୁ ଦେଶର କଠୋର ପରିବେଶ ଆଇନ କଟକଣା ଯୋଗୁଁ ସମ୍ଭବ ହେଲା ନାହିଁ। କାରଣ ଏହି ପ୍ରସ୍ତାବିତ ପଥରେ ଭିତରକନିକା ଅଭୟାରଣ୍ୟ, ଗହିରମଥା, ବାଲୁଖଣ୍ଡ ଓ ଚିଲିକାର ପରିବେଶ ଓ ଉପକୂଳ ବନ୍ୟପ୍ରାଣୀ ସୁରକ୍ଷା ଅଞ୍ଚଳ ରହୁଥିଲା। ତେଣୁ ରାଜ୍ୟ ସରକାର ତଟୀୟ ରାଜମାର୍ଗର ମୂଳ ନକ୍ସାକୁ ସଂଶୋଧନ କରିଥିଲେ।

ଓଡ଼ିଶାର ସମସ୍ୟା ହେଲା ଏହାର ଉପକୂଳରେ ରହିଛି ପରିବେଶ ଦୃଷ୍ଟିରୁ ଅତି ସଂବେଦନଶୀଳ ଚିଲିକା, ବାଲୁଖଣ୍ଡ, ଭିତରକନିକା, ମହାନଦୀ ମୁହାଁଣ ଭଳି ଅଭୟାରଣ୍ୟ ଓ ସୁରକ୍ଷିତ ଅଞ୍ଚଳ। ସେ ଦୃଷ୍ଟିରୁ ସେ ସବୁ ଅଞ୍ଚଳଠାରୁ ପ୍ରସ୍ତାବିତ ଉପକୂଳ ରାଜପଥକୁ ଘୁଞ୍ଚାଇ ଅଥବା ନିରାପଦ ଦୂରତ୍ୱରେ ନିର୍ମାଣ କରିବାକୁ ପୁଣି ଥରେ ଯୋଜନା ହୋଇଥିଲା। ଏହା ଫଳରେ ଓଡ଼ିଶାରେ ୩୪୬ କିମି ଦୈର୍ଘ୍ୟ ଏହି ତଟୀୟ ରାଜପଥ ନିର୍ମାଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରକଳ୍ପ ରିପୋର୍ଟ ଅନୁସାରେ ଏହି ସଡ଼କ ଦୁଇ ଭାଗରେ ବିଭକ୍ତ ହୋଇ କାର୍ଯ୍ୟକାରୀ ହେବାର ଅଛି। ପ୍ରଥମଟି ଖୋର୍ଦ୍ଧାର ଟାଙ୍ଗୀ ନିକଟ ରାମେଶ୍ୱରରୁ ଚେନ୍ନାଇ-ମାଡ୍ରାସ୍ ରାଜପଥରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲାର ରତନପୁର ଯାଏଁ ନିର୍ମିତ ହେବ, ଯାହାର ଦୈର୍ଘ୍ୟ ୧୭୬ କିମି। ଦ୍ୱିତୀୟ ଖଣ୍ଡଟି ୧୭୦ କିମି ବ୍ୟାପୀ ରତନପୁରରୁ ଓଡ଼ିଶା ସୀମାନ୍ତ ଦୀଘା ଯାଏଁ ତିଆରି ହେବ। ଏହି ପ୍ରାସ୍ତାବିତ ରାଜପଥ ଚାରିଟିକିଆ ହେବାର ପରିକଳ୍ପନା ରହିଛି।

ବିଡ଼ମ୍ବନା ହେଉଛି ସବୁ କେନ୍ଦ୍ରୀୟ ପ୍ରକଳ୍ପ ଭଳି ଏହି ଉପକୂଳ ରାଜପଥ ଯୋଜନାରେ ବିରୋଧ ପଶିଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଅବସ୍ଥାରେ ପହଞ୍ଚିଛି। କିଛିମାସ ତଳେ ଶ୍ରେଣୀ ବା ଧାଡ଼ି ବିନ୍ୟାସ (ଆଲାଏନ୍‌ମେଣ୍ଟ) ପ୍ରସଙ୍ଗରେ ତ୍ରୁଟି ରହିଥିବା ଦର୍ଶାଇ ଜାତୀୟରାଜପଥପ୍ରାଧିକରଣ(ଏନ୍‌ଏଚ୍‌ଆଇ) ଏହି ପ୍ରସ୍ତାବିତ ରାଜପଥର ତିନିଟି ଖଣ୍ଡର ଟେଣ୍ଡରକୁ ବାତିଲ କରିଦେଇଥିଲେ। ସେଥିମଧ୍ୟରୁ ପ୍ରକଳ୍ପର ୩ ନମ୍ବର ପ୍ୟାକେଜ୍ ଥିଲା ବିବାଦର ମଞ୍ଜି। ପରବର୍ତ୍ତୀ ସମୟରେ ସେ ଖଣ୍ଡର ନିର୍ମାଣକୁ ପରିବେଶ ମଞ୍ଜୁରୀ ଦେବାକୁ କର୍ତ୍ତୃପକ୍ଷ ସୁପାରିସ କରିବା ପରେ ଏହି ବହୁ ପ୍ରତୀକ୍ଷିତ ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଆଶା ସଂଚାର ହୋଇଥିଲା। କିନ୍ତୁ ଏବେ ପୁଣି ତାହା ଶୀତଳଭଣ୍ଡାରକୁ ଚାଲିଯିବା ପରି ଲାଗୁଛି।

ରାଜପଥ ପ୍ରକଳ୍ପ ସବୁ ବିଭିନ୍ନ ପ୍ୟାକେଜ୍ ବା ପର୍ଯ୍ୟାୟରେ ନିର୍ମିତ ହୁଏ। ତେବେ ରାମେଶ୍ୱରରୁ ରତନପୁର ଯାଏ ଥିବା ତିନିଟି ପ୍ୟାକେଜ୍‌ର ପ୍ରକଳ୍ପକୁ ଆଲାଏନ୍‌ମେଣ୍ଟ କାରଣରୁ ତିନିଥର ବଦଳାଇ ଶେଷରେ ହଠାତ୍ ବାତିଲ କରିଦେବାର କାରଣ ବୁଝିବା କଷ୍ଟ। କାକଟପୁରରୁ ଏରସମାଖଣ୍ଡ (ପ୍ୟାକେଜ୍-୩)ର ନିର୍ମାଣକୁ କର୍ତ୍ତୃପକ୍ଷ ବାତିଲ କରି ନୂଆ ପଥ ନିର୍ଦ୍ଧାରଣ କରିଥିବାରୁ ସ୍ଥାନୀୟ ଲୋକେ ଏହାର ଦୃଢ଼ ପ୍ରତିବାଦ କରୁଛନ୍ତି। ଏବେ ଶୁଣାଯାଉଛି ଯେ ଏହି ବିରୋଧ ପରେ କର୍ତ୍ତୃପକ୍ଷ ଯୋଜନାରେ ପୁଣି ସଂଶୋଧନ କରି ଏହାକୁ ପରିବେଶ ମଞ୍ଜୁରୀ ପାଇଁ ପଠାଇଛନ୍ତି। ଏବେ ସର୍ତ୍ତ ହେଉଛି ପରିବେଶ ମଞ୍ଜୁରୀ ମିଳିଲେ ଏହାର ଡିପିଆର୍ ପ୍ରସ୍ତୁତ ହେବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅବଶ୍ୟ ଏ କଥାକୁ ସ୍ୱୀକାର କରିଛନ୍ତି। ତେବେ ପରିବେଶ ମଞ୍ଜୁରୀ ନ ମିଳିଲେ ପ୍ରକଳ୍ପ ନିର୍ମାଣ ବିଳମ୍ବିତ ହେବ ଓ ରାସ୍ତାକୁ ବୁଲାଇ ଅନ୍ୟବାଟରେ ନେବାକୁ ପଡ଼ିପାରେ।

୨୦୧୫ରେ ଏହି ଉପକୂଳ ରାଜପଥ ନିର୍ମାଣ ଯୋଜନା ବିଭାଗୀୟ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ଏହାଦ୍ୱାରା ବନ୍ଦର ସଂଯୋଗ ବ୍ୟବସ୍ଥା ସହଜ ହେବା ସହିତ ଜାତୀୟ ରାଜପଥ-୧୬ (କଲକତା-ମାଡ୍ରାସ)ର ଚାପ ହ୍ରାସ ପାଇବ ବୋଲି ସେ କହିଥିଲେ। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଗତବର୍ଷ ଜୁଲାଇ ୨୯ରେ ରାମେଶ୍ୱରଠାରୁ ରତନପୁର ଯାଏଁ ଚାରି ପର୍ଯ୍ୟାୟ ସଡ଼କ ପ୍ରାୟ ନିର୍ମାଣ ପାଇଁ ୪୦୦୦ କୋଟି ଟଙ୍କାର ଟେଣ୍ଡର ଡକାଯାଇଥିଲା। ପରେ ଏହାକୁ ବାତିଲ କରାଯିବାରୁ ପ୍ରକଳ୍ପ ନିର୍ମାଣରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ଗୋପାଳପୁରରୁ ଦୀଘା ଯାଏଁ ନିର୍ମିତ ହେବାକୁ ଥିବା ଏହି ଉପକୂଳ ରାଜପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ୮୦୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏବେ ପ୍ରକଳ୍ପ ନିର୍ମାଣ ବିଳମ୍ବିତ ଓ ଅନିଶ୍ଚିତ ହେଉଥିବାରୁ ଏହି ଖର୍ଚ୍ଚ ଯଥେଷ୍ଟ ବଢ଼ିବା ପ୍ରାୟ ନିଶ୍ଚିତ।

ଉତ୍ତରରେ ଓଡ଼ିଶା ସୀମାନ୍ତ ଦୀଘାରୁ ଦକ୍ଷିଣରେ ଗୋପାଳପୁର ପର୍ଯ୍ୟନ୍ତ ଓଡ଼ିଶାର ଉପକୂଳ ନଦୀନାଳ, ଆର୍ଦ୍ରଭୂମି, ଅଭୟାରଣ୍ୟ, ହ୍ରଦ ଓ ଜୁଆରିଆ ଅଞ୍ଚଳ ସବୁ ବହୁ ସଂଖ୍ୟାରେ ରହିଛି। ଏହି ଅଞ୍ଚଳରେ ଘନ ଜନବସତି ଦେଖାଯାଏ ଏବଂ ସଡ଼କ ଓ ରେଳ ଯୋଗାଯୋଗର ସୁବିଧା ଅତ୍ୟନ୍ତ ଖରାପ। ତେଣୁ ସିଧାସଳଖ ଉପକୂଳ ଦେଇ ଉତ୍ତର-ଦକ୍ଷିଣ ରାଜପଥ ରହିଲେ ଲୋକଙ୍କର ଜୀବନ ଜୀବିକା ବଦଳିବ। ଏହା ଶିଳ୍ପାୟନ, ପର୍ଯ୍ୟଟନକୁ ମଧ୍ୟ ସାହାଯ୍ୟ କରିବ। ସେଥିପାଇଁ ତ ଅନେକ ଅଞ୍ଚଳରେ ରାଜପଥ ସପକ୍ଷରେ ଆନ୍ଦୋଳନ ହେଉଛି। ଆଲାଏନ୍‌ମେଣ୍ଟ ଓ ପରିବେଶକୁ ଆଳ କରି ସଡ଼କ ପ୍ରକଳ୍ପକୁ ଲୋକଙ୍କ ପହଞ୍ଚ ବାହାରେ ରଖିବା ମଧ୍ୟ ନିରର୍ଥକ ହୋଇପାରେ। ସରକାର ନୂଆ ପରିବେଶ ନିୟମ କାର୍ଯ୍ୟକାରୀ କରିଛନ୍ତି। ତାହାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କଲେ ଓଡ଼ିଶାବାସୀ, ବିଶେଷକରି ଉପକୂଳର ସାତଟି ଜିଲ୍ଲାର ଲକ୍ଷ ଲକ୍ଷ ଲୋକେ ଉପକୃତ ହୁଅନ୍ତେ। ଓଡ଼ିଶା ସରକାର ଏଥିପାଇଁ କେନ୍ଦ୍ର ଉପରେ ଅଧିକ ଚାପ ପ୍ରୟୋଗ କରନ୍ତୁ ଓ ଏହି ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ହେଉ।

ଏହି ପ୍ରସ୍ତାବିତ ରାଜପଥଟି ରାଜ୍ୟର ଛ'ଟି ତଟବର୍ତ୍ତୀ ଜିଲ୍ଲାର କେବଳ ଜୀବନରେଖା ହେବ ନାହିଁ; ଏହା ଦୁଇପାର୍ଶ୍ୱର ଲୋକଙ୍କ ପାଇଁ ଏବଂ ରାଜ୍ୟ ନିମନ୍ତେ ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ। ଏସବୁ ଅଞ୍ଚଳ ଦେଇ ୧୧ଟି ପ୍ରମୁଖ ନଦୀ ଓ ଜଳଧାର ପ୍ରବାହିତ ହୋଇଛି। ତେଣୁ ବହୁ ଅଞ୍ଚଳ ବନ୍ୟା ଓ ସମୁଦ୍ର ପ୍ଲାବନ ପ୍ରବଣ। ସେ ଦୃଷ୍ଟିରୁ ନିର୍ମାଣର ଡିଜାଇନ୍‌କୁ ଉନ୍ନତ ତଥା ବୈଷୟିକ ସମ୍ପନ୍ନ କରିବାକୁ ପଡ଼ିବ। ସେହିଭଳି ଏହି ସଡ଼କ ଯେପରି ଉପକୂଳ ଅଞ୍ଚଳରେ ଜଳ ନିଷ୍କାସନରେ ବାଧକ ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ। ଏହାଛଡ଼ା ଆପ୍ରୋଚ୍ ରୋଡ୍ ପାଇଁ ସରକାର ଯତ୍ନବାନ୍ ହେବା ଆବଶ୍ୟକ। ଓଡ଼ିଶା ସରକାର ସଡ଼କ ଯୋଗାଯୋଗକୁ ଅଗ୍ରାଧିକାର ଦେଇ କାମ କରୁଛନ୍ତି। ଏହି ପ୍ରକଳ୍ପ ତଟୀୟ ଓଡ଼ିଶା ଏବଂ ସେମିକଣ୍ଡକ୍ଟର କରିଡର ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ନିର୍ମାଣ କାର୍ଯ୍ୟ ଯେତେ ତ୍ୱରାନ୍ୱିତ ହେବ ରାଜ୍ୟର ସେତେ ମଙ୍ଗଳ।

(ସକାଳ ମିଡିଆ ସର୍ଭିସ୍)

## ସ୍ତମ୍ଭ ଲେଖାର ଗୁରୁତ୍ୱ!

ଭଗବାନ ଦାଶ

ସମ୍ବାଦପତ୍ର କିମ୍ବା ପତ୍ରିକାର ସ୍ତମ୍ଭ ହେଉଛି ଚିନ୍ତାର ଏକ ସଚେତନ ଆକୃତି। ଏହା ଯେ କେବଳ ତଥ୍ୟ ସମ୍ବଳିତ ଗୋଟିଏ ଖବର ତା' ନୁହେଁ, ବରଂ ଏହା ସାମାଜିକ ଚେତନାକୁ ଜାଗ୍ରତ କରିବାର ଏକ ପ୍ରମୁଖ ମାଧ୍ୟମ। ଘଟଣା ହିଁ ଖବର। କିନ୍ତୁ ଘଟଣାର କାରଣ, ନିରାକରଣ, ସମାଜରେ ସେପ୍ରକାର ଘଟଣା ପ୍ରଘଟଣର ଆବଶ୍ୟକତା ବା ଅନାବଶ୍ୟକତା କେତେ, ଏ ସବୁ ବିଷୟରେ ସ୍ତମ୍ଭ ଆଖି ଖୋଲିଦିଏ। ପାଠକର ଚେତନାକୁ ଉନ୍ମୀଳିତ କରିବାର ଖୋରାକ ଯୋଗାଏ। ଏହି କାରଣ ସବୁକୁ ନେଇ ସ୍ତମ୍ଭ ଲେଖିବାକୁ ହୁଏ। ସମୟକୁ ହୃଦୟଙ୍ଗମ କରି ସମାଜର ଆଖିଖୋଲିଦେବା ଏବଂ ପାଠକଙ୍କୁ ନିର୍ଭୀକ ସତ୍ୟ ଆଧାରିତ ଘଟଣା ପ୍ରତି ଆକର୍ଷିତ କରିବା ସ୍ତମ୍ଭର ମୁଖ୍ୟ ଉଦ୍ଦେଶ୍ୟ। ଏହା ପ୍ରାୟତଃ ଉପଦେଶାତ୍ମକ ଏବଂ ଦେଶ ଗଠନର ଗୋଟିଏ ଗୋଟିଏ ମୂଳ ଚାରିତ୍ରିକ ଉପାଦାନ।

ସ୍ତମ୍ଭକାରର ଭିନ୍ନ ନୂତନ ଦୃଷ୍ଟିକୋଣ ଲେଖାଟିରେ ସୂଚୀତ ଥିବାର ଅନୁଭବ ଆସେ। ଘଟଣା ଏକ; କିନ୍ତୁ ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ। ସ୍ତମ୍ଭକାରଙ୍କର ଚିନ୍ତାଧାରାରେ ପୂରି ରହିଥାଏ ତାଙ୍କର ନିଜର ନିଚ୍ଛକ ବିବେକର ଭାଷା, ସ୍ୱାଧୀନ ମତ ଏବଂ ସମାଜକୁ କିଛିଟା ଶିକ୍ଷା ଦେବାର ଅଭିପ୍ସା। ବେଳେ ବେଳେ ସ୍ତମ୍ଭକାର ଏପରି ପ୍ରଶ୍ନ ଉତ୍ଥାପନ କରନ୍ତି ଯେ, ପାଠକ ସେ ସବୁକୁ ମନେ ମନେ ଖୋଜି ଚାଲେ ଏବଂ ନିଷ୍କର୍ଷରେ ପହଁଚି ଆତ୍ମକୈନ୍ଦ୍ରିକ ଆନନ୍ଦ ଅନୁଭବ କରେ। ଏହା ହିଁ ଲେଖକ ବା ସ୍ତମ୍ଭକାରର ବିଶେଷ ମହତ୍ତ୍ୱ। ପାଠକଙ୍କୁ ଚିନ୍ତିତ କରାଏ, ମନରେ ପରିସ୍ଥିତି ବା ଭାବନାର ଏକ ଦୀର୍ଘସ୍ଥାୟୀ ଛାପ ସୃଷ୍ଟି କରେ। ସମସାମୟିକ ଭାବଧାରା ବହନ କରୁଥିବା ଲୋକଙ୍କ ମନରେ ଆଲୋଚନାର ଭାବ ସଂଚାର କରେ। ନିରବ ମନରେ ଆହ୍ୱାନ ଜାଗ୍ରତ କରେ। ସମାଜର ଦୁର୍ବଳ ସ୍ଥିତିକୁ ଲୋକଲୋଚନକୁ ଆଣେ। ପାଠକଙ୍କୁ ପୂର୍ବାପର ସାମାଜିକ ଅବସ୍ଥାକୁ ଭାବିବାକୁ ଦିଏ। କ୍ଷଣିକ ଲୋକପ୍ରିୟତା ଅପେକ୍ଷା ମୂଲ୍ୟଭିତ୍ତିକ ଦୀର୍ଘସ୍ଥାୟୀ ପ୍ରଶ୍ନ ପାଠକର ମନରେ ସଂଚାରିତ ହୁଏ। ସମାଜରେ ଆବଶ୍ୟକତା ଯଥା ନ୍ୟାୟ, ଦାୟିତ୍ୱ, ମାନବିକତା ସହ ନିର୍ଭୀକ ରହିବା ଯେ ସମସ୍ତଙ୍କର କର୍ତ୍ତବ୍ୟ - ଏହି ଭାବନା ପାଠକଙ୍କ ଦୁର୍ବଳ ମନରେ ପ୍ରତିଭାତ ହୁଏ। ମନ ସବଳ ହୁଏ। ଚିନ୍ତାର ସଂସ୍କୃତି ବଦଳିଯାଏ। ଭାବନା ଯେ ଏକ ହେବ ତା' ନୁହେଁ, କିନ୍ତୁ ସ୍ତମ୍ଭ ପ୍ରତ୍ୟେକଙ୍କୁ ଭାବିବାକୁ ଦେବା ଏବଂ ପ୍ରକାଶ କରିବାର ସାହସ ଦିଏ। ଫଳରେ ଶୁଣିବାର ଧୈର୍ଯ୍ୟ ସୃଷ୍ଟି ହୁଏ ଏବଂ ନିଜର ଭାବନା, ସୃଷ୍ଟି ହେଉଥିବା ଭାବନା ମଧ୍ୟରେ ପ୍ରଭେଦ ଜାଣି ହୁଏ। ମସ୍ତିଷ୍କ କ୍ରିୟାଶୀଳ ରହେ।

ପ୍ରତ୍ୟେକ ସ୍ତମ୍ଭକାର ସ୍ତମ୍ଭ ଲେଖିବା ସମୟରେ ବହୁଦିଗରୁ ଚିନ୍ତାକରନ୍ତି। ନିଜର ମନକୁ ନିଜେ ପରୀକ୍ଷା କରନ୍ତି। ଭଲ-ମନ୍ଦ ଉଭୟ ଦିଗ ପ୍ରତି ଦୃଷ୍ଟିଦିଅନ୍ତି। ଭାଷାରେ ସଂଯମ ରଖନ୍ତି। ବାରମ୍ବାର ଲେଖିପଢ଼ି ବଦଳାନ୍ତି। ଲେଖକର ଉଦ୍ଦେଶ୍ୟ ସାଧିତ ହେଉଛି ନା ନାହିଁ, ତାହା ଅନୁଭବରେ ଆଣନ୍ତି। ସମାଜପ୍ରତି ଏ ଲେଖା କେତେଦୂର ଗ୍ରାହ୍ୟ ତା'ର ମାନସିକ ବିଚାର ନିଜେ କରନ୍ତି। ନିଜର ଯଦି କିଛି ଭୁଲ ଥାଏ, ସୁଧାରିଲା ପରେ ପ୍ରକାଶନ ପାଇଁ ପଠାନ୍ତି।

ପାଠକ ଯେ ସ୍ତମ୍ଭ ପାଠ କରେ ଏହା ନିଃସନ୍ଦେହ। ସେ ଶେଷ ପର୍ଯ୍ୟନ୍ତ ପଢ଼େ ତ? ପଢ଼ି କିଛି ଚିନ୍ତା କରେ କି? ଏହା କାହିଁକି ଲେଖାଯାଇଛି, ଏ ଲେଖାଟି ପଢ଼ି ତା'ର କିଛି ଗୁଣବତ୍ତା ବଢ଼ିଛି କି ନାହିଁ ସେ ଅନୁଭବ କରେ କି? ସମାଜକୁ ଏଥିରୁ କଛି ଶିକ୍ଷା ମିଳି ପାରୁଛି କି? ସେ ତା' ନିଜ ପରିବାରରେ ଏ ବିଷୟରୁ କିଛି ଶିକ୍ଷଣୀୟ କଥା ଆଲୋଚନା କରିବାକୁ ପାଉଛିକି? ସାଙ୍ଗସାଥି ମେଳରେ ଏ ସବୁର ଆଲୋଚନା ସମାଜରେ କଲ୍ୟାଣମୂଳକ ନା ନାହିଁ? ବିଭିନ୍ନ ଦିଗରୁ ଆଲୋଚନା ପର୍ଯ୍ୟାଲୋଚନା ପାଠକର ମୁଣ୍ଡକୁ ପ୍ରଭାବିତ କରୁଛି କି? ଏଇ ସବୁ ତ ସ୍ତମ୍ଭକାରର ଅନ୍ତର୍ନିହିତ ବିଚାରଧାରା।

ସ୍ତମ୍ଭକାର ଲେଖେ ସମାଜ ପାଇଁ। ଯେତେବେଳେ ଅନୁଭବରେ ଆସୁଥିବା ପାଠକଙ୍କଠାରୁ ଶୁଣେ ସେ ଅତ୍ୟନ୍ତ ଆନନ୍ଦିତ ହୁଏ। ଆହୁରି ଲେଖିବାକୁ ଖୋରାକ ପାଏ। ସ୍ତମ୍ଭ କେବଳ ସାହିତ୍ୟ ନୁହେଁ, ଏହା ସଚେତନ ଧର୍ମୀ ଏକ ପ୍ରଭାବଶାଳୀ ପରିବର୍ତ୍ତନଶୀଳ ମନ୍ତବ୍ୟ ମଧ୍ୟ ହୋଇପାରେ। ସ୍ତମ୍ଭଟି ଯଦି ପାଠକଙ୍କୁ କିଛି ସମୟ ପାଇଁ ବାନ୍ଧି ରଖିପାରେ, ଚିନ୍ତାଶୀଳ କରିପାରେ, ନିଜେ ନିଜେ ପ୍ରଶ୍ନୋତ୍ତର କରିବାର ସୁଯୋଗ ଦେଇପାରେ, ସେଇ ତ ସ୍ତମ୍ଭକାରର ସଫଳ ପରିବେଷଣର ଫଳ। ସମାଜ କେବଳ ଖବରରେ ଭରା ପତ୍ରିକାଟିଏ ନୁହେଁ, ଏଥିରେ ନାଗରିକ ଯେ କି ପାଠକ ଚିନ୍ତା କରିବାକୁ ବି ସୁଯୋଗ ପାଏ। ଖବର ତ ଆସେ ଆଉ ଚାଲିଯାଏ। କିନ୍ତୁ ସ୍ତମ୍ଭ ମନକୁ ଦୀର୍ଘକାଳ ପ୍ରଭାବିତ କରେ। ଆଗାମୀ ପିଢ଼ି ପାଇଁ ବିଚାର ଘଟଣାରୁ ନ ମିଳି, ମିଳିଥାଏ ସ୍ତମ୍ଭରୁ।

ସ୍ତମ୍ଭ ଲେଖକମାନେ ରିପୋର୍ଟର ନୁହନ୍ତି। ସେମାନେ ଘଟଣାକୁ କେବଳ ଆଗକୁ ଆଣନ୍ତିନି। ସେମାନେ ବାଢ଼ି ଦିଅନ୍ତି ସମାଜ ଆଗରେ। ଜଣାନ୍ତି ଦେଖ, ଶିଖ, ଜାଗ୍ରତ ହୁଅ। ସମାଜକୁ ଆବଶ୍ୟକ ବେଳେ କଳୁଷିତ ହେଉଥିବାର ଅନୁଭବ କଲେ ନିର୍ଭୀକ ଭାବରେ ସ୍ୱର ଉତ୍ତୋଳନ କର। ଚିନ୍ତାକୁ ଶାଣିତ କର ଓ ପ୍ରଭାବଶାଳୀ ମତବ୍ୟକ୍ତ କର। ସ୍ତମ୍ଭଲେଖାର ଅନୁଶୀଳନ ଅନୁକରଣ କରି ଅନୁପାଳନ କଲେ, ସ୍ତମ୍ଭଟି ଯେ ବାସ୍ତବ ଧର୍ମୀ ହେବ ଏବଂ ପାଠକଙ୍କଦ୍ୱାରା ଆଦୃତ ହେବ ଏଥିରେ ସନ୍ଦେହ ନାହିଁ।

ପୁରୀ, ମୋ: ୮୨୪୯୦୮୨୪୦୦

## କାକପୂଜନରୁ ଆରମ୍ଭ ହୁଏ ଦୀପାବଳି

ଓଜସ୍ୱିନୀ

ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ଜୀବଜନ୍ତୁ ଭିନ୍ନ ଭିନ୍ନ ମହତ୍ତ୍ୱ ବହନ କରିଛନ୍ତି। ଦେବଦେବୀଙ୍କ ବାହନ ସ୍ୱରୂପରେ ହେଉ କିମ୍ବା ଶୁଭର ପ୍ରତୀକ, ସମସ୍ତଙ୍କର ନିଜସ୍ୱ ଗରିମା ରହିଛି। ଏହି ଧାରାରେ କାଉ ବା କାକ ପୂଜନର ପରମ୍ପରା କାହିଁ କେଉଁକାଳରୁ ଚାଲିଆସିଛି। କାଉମାନଙ୍କୁ ପୂର୍ବପୁରୁଷଙ୍କ ପ୍ରତିନିଧି ଭାବେ ମାନ୍ୟତା ଦିଆଯାଇ ଶ୍ରାଦ୍ଧ ଦିବସରେ ଅନ୍ନଦାନ କରାଯିବାର ପରମ୍ପରା ମଧ୍ୟ ଅଛି। କଳାରଙ୍ଗର କାଉକୁ ଗ୍ରହରାଜ ଶନିଙ୍କ ବାହନ ବୋଲି ପୁରାଣରେ ଉଲ୍ଲେଖ କରାଯାଇଛି। ସାମାଜିକ ଚଳଣିରେ ମଧ୍ୟ କାକ ସମ୍ପର୍କିତ ଅନେକ କାହାଣୀ ରହିଛି। ଶୁଭାଶୁଭ ନିର୍ଣ୍ଣୟଠାରୁ ଆରମ୍ଭ କରି ପରିବେଶ ବିଜ୍ଞାନ ଓ ପୁରାଣରେ କାଉକୁ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରାଯାଇଛି। ଅନେକ ପୁରାଣରେ 'ଭୁଷଣ୍ଡକାକ'ର କଥା ବର୍ଣ୍ଣନା କରାଯାଇଛି। ପୁରୀ ଶ୍ରୀମନ୍ଦିରରେ 'ଭୁଷଣ୍ଡକାକ'ଙ୍କୁ ସମର୍ପିତ ଗୋଟିଏ ମନ୍ଦିର ରହିଛି। ଭାରତରେ କାକ ସମ୍ପର୍କିତ ଅନେକ ପୂଜା ବିଧି ଓ ମନ୍ଦିର ରହିଥିବା ବେଳେ ଭାରତ ବାହାରେ ମଧ୍ୟ କାଉ ପୂଜନକୁ ନେଇ କେତେକ ନିଆରା ବିଶ୍ୱାସ ରହିଛି।

ନେପାଳରେ କାକପୂଜନ ସମ୍ପର୍କିତ ଏକ ବିଶେଷ ପରମ୍ପରା ରହିଛି, ଯାହାକୁ 'ତିହାର' ବା 'ଯମପଞ୍ଚକ' ବୋଲି କୁହାଯାଏ। ଏହିପର୍ବରେ ନେପାଳବାସୀ କୁକୁର, ଗାଈ, ବଳଦ ଓ କାଉକୁ ବିଧିବଦ୍ଧ ଭାବେ ପୂଜା କରିଥା'ନ୍ତି। ଏହି ୫ଦିନର ପ୍ରଥମ ଦିନକୁ 'କାଗ ତିହାର' ବୋଲି କୁହାଯାଏ। ଏହିଦିନ କାଉମାନଙ୍କୁ ଯମଙ୍କର ଦୂତ ଭାବେ ପୂଜା କରାଯାଏ। ବିଶ୍ୱାସ ରହିଛି ଯେ, କାଉମାନଙ୍କୁ ପୂଜା କରିବା ଦ୍ୱାରା ଅକାଳମୃତ୍ୟୁ ଭୟ ଦୂର ହୋଇଥାଏ। ପ୍ରାତଃସ୍ନାନ ପରେ ଶୁଦ୍ଧପୂତ ହୋଇ କାଉମାନଙ୍କ ଉଦ୍ଦେଶ୍ୟରେ ଘରର ଛାତ ଉପରେ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ଓ ମିଷ୍ଟାନ୍ନ ଆଦି ଅର୍ପଣ କରାଯାଏ। ସେହିପରି କାକ ପୂଜନ ବିନା ଦିପାବଳି ପର୍ବ ଅଧୁରା ବୋଲି କୁହାଯାଏ।

ଭାରତର ବିଭିନ୍ନ ଅଞ୍ଚଳରେ କାକ ପୂଜନ ସମ୍ପର୍କିତ ଭିନ୍ନ ଭିନ୍ନ ମାନ୍ୟତା ଓ ରୀତିନୀତି ରହିଛି। ମହାରାଷ୍ଟ୍ରର ଔରଙ୍ଗାବାଦ୍‌ରୁ ପ୍ରାୟ ୧୨ କିଲୋମିଟର ଦୂର ଶିରଡ଼ି-ମୁମ୍ବାଇ ହାଇୱେଠାରେ ଥିବା ଏକ ଆଶ୍ରମରେ କାଉ ପୂଜନ ସମ୍ପର୍କିତ ଏକ ରୋଚକ କାହାଣୀ ରହିଛି। ଏଠାରେ କାକ ପୂଜନକୁ କୌଣସି ବୈଦିକ ପରମ୍ପରା ସହ ଯୋଡ଼ାଯାଇନାହିଁ, ବରଂ ସାମାଜିକ ଚଳଣିର ଏକ ଅଂଶ ଭାବରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଧିବିଧାନର ସହ ପୂଜା କରାଯାଉଛି। ଏହି ଆଶ୍ରମ ପତ୍ନୀଙ୍କ ଦ୍ୱାରା ପୀଡ଼ିତ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ଏଠାକାର କାର୍ଯ୍ୟାଳୟରେ ଥର୍ମୋକୁଲ୍ ଦ୍ୱାରା କାଉର ଏକ ବଡ଼ ପ୍ରତିମା ନିର୍ମାଣ କରାଯାଇଛି। ଅନ୍ତେବାସୀମାନେ ପ୍ରତିଦିନ ଏଠାରେ ପୂଜା କରିବା ସହ ବିଭିନ୍ନପ୍ରକାର ଭୋଗ ଅର୍ପଣ କରିଥା'ନ୍ତି। ସେମାନଙ୍କର ବିଶ୍ୱାସ ଅନୁସାରେ ମା'କାଉ ଅଣ୍ଡା ଦେବା ପରେ ବସାରେ ରହେ ନାହିଁ। ପୁରୁଷ କାଉ ନିଜ ସନ୍ତାନମାନଙ୍କୁ ଖାଦ୍ୟ ଦେଇ ପାଳିପୋଷି ବଡ଼ କରେ। ବଡ଼ ହେବା ପରେ ଉଡ଼ିବା ଶିଖାଏ। ଏହିଭଳି ପରିସ୍ଥିତି ପତ୍ନୀ-ପୀଡ଼ିତ ପୁରୁଷଙ୍କ ଘରେ ହୋଇଥାଏ। ଜଣେ ପିତା ସବୁ କଷ୍ଟ ସହି ପିଲାଙ୍କୁ ମଣିଷ କରେ। ଏହି ଭାବନାକୁ ସମ୍ମାନ ଦେଇ ଆଶ୍ରମରେ କାଉ ପୂଜନର ପରମ୍ପରା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଆଶ୍ରମର ଅନ୍ତେବାସୀଙ୍କ ସହିତ ଅନ୍ୟ ଲୋକମାନେ ମଧ୍ୟ ଏହି କାଉ ପ୍ରତିମାଙ୍କୁ ଶନିଦେବଙ୍କ ବାହନ ଭାବେ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରୁଛନ୍ତି।

### ବିଚିତ୍ର ବିଶ୍ୱାସ

ଏହାବ୍ୟତୀତ ଶ୍ରାଦ୍ଧପକ୍ଷ ବା ପିତୃପକ୍ଷ ବା ଆଶ୍ୱିନ କୃଷ୍ଣପକ୍ଷରେ କାଉଙ୍କ ପୂଜାର୍ଚ୍ଚନା ସହିତ ଅନ୍ନଭୋଜନ ଦେବା ପାଇଁ ବିଶେଷ ଭାବେ ମଧ୍ୟପ୍ରଦେଶର ବିଦିଶାସ୍ଥିତ ମୁକ୍ତିଧାମରେ ଗୋଟିଏ 'କାଉ ପାର୍କ' ନିର୍ମାଣ କରାଯାଇଛି। ବର୍ଷସାରା ଏଠାରେ କାଉମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି।

ଜାପାନ୍ ସଂସ୍କୃତିରେ ଏକ ବିଶେଷ ପୌରାଣିକ ଜୀବ ଭାବେ କାଉକୁ ପୂଜା କରାଯାଏ, ଯାହା 'ୟତାଗାରସୁ' ଭାବେ ନାମିତ। ତିନିଗୋଡ଼ ବିଶିଷ୍ଟ ଏହି କାଉକୁ ସୂର୍ଯ୍ୟ ଓ ଅନ୍ୟଦେବତାଙ୍କ ଦୂତ ଭାବେ ପୂଜା କରାଯାଏ। ବିଶେଷଭାବେ ୱାକାୟାମାର 'କୁମାନୋ ସଞ୍ଜାନ' ମନ୍ଦିରରେ ଏହି କାଉଙ୍କୁ ଉଚିତ ମାର୍ଗଦର୍ଶନ ଏବଂ ସୁରକ୍ଷାର ପ୍ରତୀକ ବୋଲି ବିଶ୍ୱାସ କରାଯାଏ। କାଉକୁ ଜାପାନ ଫୁଟବଲ୍ ସଂଘର ଲୋଗୋ ବା ଚିହ୍ନ ଭାବେ ମଧ୍ୟ ରଖାଯାଇଛି। ଆମେରିକାର ମିନେସୋଟାରେ 'କ୍ରୋ ୱିଙ୍ଗ ଷ୍ଟେଟ୍ ପାର୍କ' ନିର୍ମାଣ କରାଯାଇ କାଉମାନଙ୍କର ରକ୍ଷଣାବେକ୍ଷଣ କରାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ଭୁବନେଶ୍ୱର ସିଟି

## ବିଡିଏ ଅଫିସରେ ଏମିତି ପରିମଳ
# ଆଗରେ ଆବର୍ଜନା, ପଛରେ ଭାସୁଛି ମଇଳା ପାଣି



ଭୁବନେଶ୍ୱର, ୨୬।୨ (ସମିସ): ଆଗରେ ଚହଟ ଚିକ୍କଣ, ମାତ୍ର ପଛରେ କଣା ପଡ଼ିଛି। ଏହି କଣାରୁ ଆବର୍ଜନା ପାଣି ବାହାରି ରାସ୍ତାରେ ଭାସୁଛି। ଖଣ୍ଡମଣ୍ଡଳକୁ ବ୍ୟାପି ପୂତିଗନ୍ଧମୂୟ ପରିବେଶ ସୃଷ୍ଟି କରିଛି। ରାସ୍ତାରେ ଯାଉଥିବା ବାଟୋଇ ନାକରେ ହାତ ଦେବାକୁ ବାଧ ହେଉଛି। କୌଣସି ଉପାନ୍ତ କିମ୍ବା ବସ୍ତି ଅଞ୍ଚଳ ନୁହେଁ,

## ଅନ୍ୟ ପାଇଁ ଦଣ୍ଡ ବିଧାନ ନିଜ ପାଇଁ ନାହିଁ

ରାଜଧାନୀର ବିକାଶ ପାଇଁ କାର୍ଯ୍ୟ କରୁଥିବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଫିସ କୋଠାରେ ଏଭଳି ଅଜବ ବିକାଶ ଦେଖିବାକୁ ମିଳିଛି। ଯଦି ବିଡିଏ ଅଫିସ କୋଠା ପଛର ଏଭଳି ସ୍ଥିତି ତାହାଲେ ରାଜଧାନୀରେ କେମିତି ବିକାଶ ହେଉଛି ତାହା ମା' ଗଙ୍ଗେଇ ଜାଣନ୍ତି ବୋଲି ଲୋକେ କହୁଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି ବ୍ୟସ୍ତ ବହୁଳ ରାସ୍ତା ଦେଇ ଯାଉଛନ୍ତି। ପାଖରେ ବୟନିକା ଅଫିସ ମଧ୍ୟ ରହିଛି। ଏଥିଯୋଗୁ ଦିନତମାମ ପର୍ଯ୍ୟଟକ, ଯାତ୍ରୀ ଏବଂ କର୍ମଚାରୀଙ୍କ ଗହଳି ଲାଗି ରହୁଛି। ମାତ୍ର ଏହି ସମସ୍ୟା ସୁଧାରିବାକୁ ବିଡିଏ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଏହା ଦୀପତଳ ଅନ୍ଧାର ସ୍ଥିତି ସୃଷ୍ଟି କରିଛି। ନିଜ ଘରକୁ ସ୍ୱଚ୍ଛ ରଖିପାରୁ ନ ଥିବା ବିଡିଏ ପାଇଁ ବାଟୋଇ ଅପରିଷ୍କାର ପାଣିରେ ମାଡ଼ି ଯିବାକୁ ବାଧ ହେଉଛନ୍ତି। ରାଜଧାନୀରେ ଲୋକେ ଘର ବାହାରେ ଅଳିଆ ପକାଇଲେ ଦଣ୍ଡ ଦେଇ ଜୋରିମାନା ଲଗାଯାଉଛି। ଏପରିକି ଅଳିଆ ଘର ଭିତରେ ନେଇ ଫୋପଡ଼ା ଯାଇଥିବାର ନଜିର ରହିଛି। କିନ୍ତୁ ଉନ୍ନୟନ କରୁଥିବା ବିଡିଏକୁ ସବୁ କିଛି ଛାଡ଼। ରାସ୍ତାକୁ ପାଣି ଛାଡ଼ି ଅପରିଷ୍କାର କରୁଥିବା ସତ୍ତ୍ୱେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଏଥିରୁ ନିୟମର ଅଦ୍ଭୁତ ଗତି ଆଉ ମତି ବୁଝା ପଡୁଛି।

ଏ ତ ଗଲା ବିଡିଏ ଅଫିସ ପଛ ପାଖ କଥା। ଆଗ ସ୍ଥିତି ନ କହିଲେ ଭଲ। ଆଗରେ ଟାଇଲ ପକାଇ ଶୋ' ଗଛକୁ ସୁନ୍ଦର ଭାବେ ସଜା ଯାଇଛି। ମାତ୍ର ଏହି କୁଣ୍ଡ ଭିତରେ ପଲିଥିନ, ଜରି ଆଦି ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ଗଛ ଛାଇରେ ବସିବାକୁ ପଳାଇ ଆସୁଥିବା ବ୍ୟକ୍ତି ଏହା ଦେଖି ନାକ ମୋଡି ପଳାଉଛି। କେମିତି ବାବୁ ମାନେ ଏହାକୁ ଦେଖି ପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।



## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୬।୨(ସମିସ): ସମୟ ସୁଅରେ ଅନେକ ଉତ୍‌ଥାନ ପତନ ଦେଇ ଦୁନିଆ ଗତି କରିଚାଲିଛି। ଏପରିସ୍ଥଳେ ଅନେକ ପୁରୁଣା କଥା ରହିଛି ବା ସ୍ମୃତି ରହିଛି ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟ କରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ଓଡ଼ିଶୀ ନୃତ୍ୟଗୁରୁ ସଞ୍ଜୁକ୍ତା ପାଣିଗ୍ରାହୀ, ଗୁରୁ ମାୟାଧର ରାଉତ ଏବଂ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ନିବିଡ଼ତାର ପ୍ରମାଣ ଦିଏ। କଳା, ନୃତ୍ୟ ସଙ୍ଗୀତ ସହିତ ଜଡ଼ିତ ଏହି ୩ ଜଣ ବିଶିଷ୍ଟ ବ୍ୟକ୍ତି ଯେ, ଓଡ଼ିଶା ଏବଂ ଓଡ଼ିଶୀକୁ ବିଶ୍ୱ ଦରବାରରେ ପହଞ୍ଚାଇ ପ୍ରତିଟି ଓଡ଼ିଆଙ୍କ ମନରେ ଚୀରକାଳ ଅମର ହୋଇ ରହିଛନ୍ତି। ଏହି ଫଟୋଟି ୮୧ ବର୍ଷ ତଳର ବୋଲି କୁହାଯାଉଛି। ଅର୍ଥାତ୍ ୧୯୫୫ ମସିହାରେ ଉତ୍ତୋଳନ କରାଯାଇଥିଲା। ଯେତେବେଳେ ସଞ୍ଜୁକ୍ତାଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥିଲା ବେଳେ ପଣ୍ଡିତ ରଘୁନାଥଙ୍କୁ ସେତେବେଳେ ମାତ୍ର ୨୩ ବର୍ଷ ବୟସ ଏବଂ ନୃତ୍ୟଗୁରୁ ମାୟାଧର ରାଉତଙ୍କୁ ସେତେବେଳେ ୨୫ ବର୍ଷ ବୟସ ହୋଇଥିଲା। ଯଦିବା ଏହି ନୃତ୍ୟଶିଳ୍ପୀଙ୍କ ମଧ୍ୟରୁ ଆଜି କେହି ନାହାନ୍ତି କିନ୍ତୁ ତାଙ୍କର ଏହି ସ୍ମୃତି ସମ୍ବଳିତ ଫଟୋଟି ଅନେକଙ୍କ ନୃତ୍ୟ ଏବଂ ସଙ୍ଗୀତ ପ୍ରେମୀଙ୍କ ମଧ୍ୟରେ ଅମଳିନ ହୋଇ ରହିଯାଇଛି।

ଯାହା 'ସୂର୍ଯ୍ୟନନ୍ଦନ' ନାମକ ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଥିବା ବେଳେ ଏହା କ୍ରମେ ପ୍ରବଳ ମାତ୍ରାରେ ଭାଇରାଲ୍ ହେବାରେ ଲାଗିଛି। ଯାହାକୁ ସାମାଜିକ ଗଣମାଧ୍ୟମରେ ପ୍ରଶଂସା ସାଉଁଟିଥିବା ବେଳେ ଅନେକ ଏହାକୁ ଅବିସ୍ମରଣୀୟ ମୂହୁର୍ତ୍ତ ବୋଲି କମେଣ୍ଟ ବକ୍ସରେ ଉଲ୍ଲେଖ କରିଛନ୍ତି।

## ବେସିକ ସାଇନ୍ସ କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୬ ।୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ 'ସ୍ପନ୍ଦନ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପିଲାଙ୍କୁ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଗେଇ ଆସିବାକୁ ପ୍ରୋତ୍ସାହିତ କରିଥିଲେ। ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଆନୁଷ୍ଠାନିକ ସଭାପତି ଆଶୁତୋଷ ନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସୋହେଲା ଶେଖ ଏବଂ ସଭାପତି ସ୍ମୃତି ରଞ୍ଜନ ସେଠି ଅଭିଭାଷଣ ପ୍ରଦାନ କରିଥିଲେ। ଶୁଭରାଜିତ ପଢ଼ି ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ତୋଷାଳୀ ମେଳା' ଉଦ୍‌ଯାପିତ

ଭୁବନେଶ୍ୱର, ୨୬ ।୨(ସମିସ): ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା '୨୦ତମ ଭବ୍ୟ ତୋଷାଳୀ ମେଳା-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗ ଦେଇଥିବା ବେଳେ ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତାଙ୍କ ସମେତ ବିଭାଗର ବିଭିନ୍ନ ଯୋଜନା ପ୍ରଦର୍ଶିତ ହୋଇଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ 'ଫେଶନ ଶୋ' ଆୟୋଜିତ ହୋଇଥିବା ବେଳେ ପ୍ରଥମଥର ଡ୍ରୋନ୍ ଶୋ' ଆକର୍ଷଣ ପାଲଟିଥିଲା। ଚଳିତ ବର୍ଷ ମେଳାରେ ୯୦୫ ଗୋଟି ଷ୍ଟଲ ରହିଥିଲା। ଏଥର ମେଳାରେ ଲାଇଭ୍ ଡେମନଷ୍ଟ୍ରେସନ୍ ସହ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନ ଏବଂ ରେଶମ କ୍ଷେତ୍ରକୁ ନେଇ ୩ଟି ଥିମ୍ ପାଭିଲିଅନ୍‌ରେ ବିଭିନ୍ନ ସରକାରୀ ଯୋଜନାର ସଫଳତା ଏବଂ ଘୋଷଣାନାମା ଓ ନୂତନ ପଦକ୍ଷେପ ସମ୍ପର୍କରେ ପ୍ରଦର୍ଶିତ ହୋଇଥିଲା। ଚଳିତ ବର୍ଷ ମେଳାରେ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଜନ ସମାବେଶ ହୋଇଥିବା ସୂଚନା ରହିଛି।

## ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କ ଗିରଫଦାରୀ ପ୍ରତିବାଦରେ ବିକ୍ଷୋଭ




ଭୁବନେଶ୍ୱର, ୨୬।୨(ସମିସ): ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ଦିଲ୍ଲୀ ପୁଲିସର ଗିରଫ କରିଛି। ଏହା ପ୍ରତିବାଦରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସଂନ୍ଧ୍ୟାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଂଟିନ ଛକଠାରେ ପହଞ୍ଚ ପ୍ରତିବାଦ କରିଥିଲେ। ଯୁବ କଂଗ୍ରେସର କର୍ମୀମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କୁ ଦିଲ୍ଲୀ ପୁଲିସ ବିଜେପି ସରକାରଙ୍କ ପ୍ରରୋଚନାରେ ହିନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି। ଏହା ପୂର୍ବରୁ ମଧ୍ୟ ଶାନ୍ତିପୂର୍ଣ୍ଣଭାବେ ପ୍ରତିବାଦ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ଦିଲ୍ଲୀ ପୁଲିସ ଗିରଫ କରି ଜେଲ ହାଜତକୁ ପଠାଇଛି। ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍ ଦେଶର ଯୁବକ ଯୁବତୀ ଏବଂ କୃଷକମାନଙ୍କର ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି। ତେଣୁ ଆକ୍ରୋଶମୂଳକ ଭାବେ ତାଙ୍କୁ ଗିରଫ କରାଯାଇଛି। ତୁରନ୍ତ ତାଙ୍କୁ ଛଡ଼ା ନଗଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଯୁବ କଂଗ୍ରେସ ପକ୍ଷରୁ ଚେତାବନି ଦିଆଯାଇଛି।

## ବାୟାଁପଦା ହରଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବାଲିଅନ୍ତା, ୨୬ ।୨(ସମିସ): ବାଲିଅନ୍ତା ବ୍ଲକ ବାୟାଁପଦା ଗ୍ରାମ ମା' ହରଚଣ୍ଡୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୩ ତାରିଖରେ ଅଙ୍କୁରାରୋପଣ, ୨୪ ତାରିଖରେ ଭାଗର୍ବୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା, ଧ୍ୱଜା ଧାନ୍ୟାଧିବାସ, ଅଗ୍ନିସ୍ଥାପନ, ୨୫ ତାରିଖରେ ମଣ୍ଡପ ପୂଜା, ହବନ, ଶୟନ, ୨୬ ତାରିଖରେ ମଣ୍ଡପ ପୂଜା, ହବନ, ଦେବୀ ନ୍ୟାସ ହୋମ, ଗ୍ରାମ ପରିକ୍ରମା, ମନ୍ଦିର ପ୍ରବେଶ, ପ୍ରାଣ ପ୍ରତିଷ୍ଠା, ପୂର୍ଣ୍ଣାହୁତି ଏବଂ ବିସର୍ଜନ ପୂଜାବିଧି ଅନୁଷ୍ଠିତ ହୋଇଥିଲା।

## ପ୍ରତିବାଦ ଦିବସରେ ସରକାରୀ କର୍ମଚାରୀଙ୍କ ଦାବିପତ୍ର

ଭୁବନେଶ୍ୱର, ୨୬ ।୨(ସମିସ): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଗୁରୁବାର ସମଗ୍ର ଭାରତବର୍ଷରେ ପ୍ରତ୍ୟେକ ରାଜ୍ୟ ସରକାରୀ କର୍ମଚାରୀମାନେ ପ୍ରତିବାଦ ଦିବସ ପାଳନ କରୁଥିବା ବେଳେ ଓଡ଼ିଶା ରାଜ୍ୟ କର୍ମଚାରୀ ମହାସଂଘର ଏକ ୬ ଜଣିଆ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମହୋଦୟାଙ୍କୁ ଏକ ସ୍ମାରପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଠିକା ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଚାକିରି ପ୍ରଦାନ, ଏନ୍‌ପିଏସ୍ ଓ ୟୁପିଏସ୍ ବଦଳରେ ସମସ୍ତଙ୍କୁ ପୁରୁଣା ପେନସନ ପ୍ରଦାନ, ୨୦୨୫ ପେନସନ ନିୟମକୁ ରଦ୍ଦ କରିବା, ସରକାରୀ କାର୍ଯ୍ୟାଳୟକୁ ସଙ୍କୁଚିତ ଓ ଘରୋଇକରଣ ବନ୍ଦ କରିବା, ସମସ୍ତ କର୍ମଗରୀଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ, ଅଷ୍ଟମ ପେନସନ କମିଶନରଙ୍କୁ ଦିଆଯାଇଥିବା ଟର୍ମ ଆଣ୍ଡ ରେଫରେନ୍ସକୁ ପୁର୍ନବିଚାର କରିବା ଆଦି ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ପ୍ରତିନିଧି ଦଳରେ ମହାସଂଘର ସଭାପତି ମିନାକ୍ଷୀ ରାଣୀ ମହାନ୍ତି, ଅର୍ଥ ସଚିବ ମନୋଜ କୁମାର ମଲ୍ଲିକ ଏବଂ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ପୂର୍ବତନ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ପୂର୍ବତନ ସମ୍ପାଦକ କ୍ଷେତ୍ରମୋହନ ଦାସ ଓ କାର୍ଯ୍ୟାଳୟ ସମ୍ପାଦକ କାହ୍ନୁଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।



## ହରଦୀପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ



ଭୁବନେଶ୍ୱର, ୨୬।୨(ସମିସ): ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲଙ୍କା ଲାମ୍ବାଙ୍କ ନିର୍ଦ୍ଦେଶକ୍ରମେ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱର ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏପିଷ୍ଟିନଙ୍କ ସହ ତାଙ୍କର ସମ୍ପର୍କକୁ ଘୋଡ଼ାଇବାପାଇଁ ମିଥ୍ୟା କାହାଣି ରଚନା କରୁଛନ୍ତି। ହରଦୀପ ସିଂ ପୁରୀ ଓ ଏପିଷ୍ଟିନ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ କ'ଣ ପାଇଁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଯାଉ ନାହିଁ ତାକୁ ନେଇ ମହିଳା କଂଗ୍ରେସ ପ୍ରଶ୍ନ ଉଠାଇଛି। କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ସୁମିତା ବିଶ୍ୱାଳ, ବିଶ୍ୱକଲ୍ୟାଣି କରଙ୍କ ସମେତ ବହୁ ନାରୀ ନେତ୍ରୀ ଯୋଗ ଦେଇଥିଲେ।

## ଦାମୋଦର ସାହୁ ପାଇବେ 'ସିଟିଜେନସ୍ ଲିଜେଣ୍ଡ ଆୱାର୍ଡ'

ଭୁବନେଶ୍ୱର, ୨୬ ।୨(ସମିସ): ଆସନ୍ତା ମାର୍ଚ୍ଚ ୧ ତାରିଖ ରବିବାର ଅନୁଷ୍ଠିତ ହେବ ସିଟିଜେନସ୍ ଫୋରମ ଗ୍ରେଟର ଗାଡ଼କଣର ୧୧ତମ ବାର୍ଷିକ ଉତ୍ସବ। ଗୁରୁ କେଳୁ ଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୨୬ ବର୍ଷ ପାଇଁ ହିନ୍ଦ ସେବକ ସଂଘର ସର୍ବଭାରତୀୟ ସଭାପତି ଦାମୋଦର ସାହୁ ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ ଗ୍ରହଣ କରିବେ ବୋଲି ଅନୁଷ୍ଠାନର ମିଡିଆ ସେଲର ଆବାହକ ଦିଲ୍ଲୀପ ଦାଶଶର୍ମା ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଶ୍ରାଦ୍ଧବାର୍ଷିକୀରେ ହେମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୬।୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ବହୁ କଂଗ୍ରେସ ନେତା ଏକାଠି ହୋଇ ହେମାନନ୍ଦଙ୍କ ସ୍ମୃତିଚାରଣ କରିଛନ୍ତି। ହେମାନନ୍ଦ ବିଶ୍ୱାଳ ସ୍ମୃତି କମିଟି ଦ୍ୱାରା ଜୟଦେବ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିରୂପେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ, ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ଧର୍ମପତ୍ନୀ ଉର୍ମିଳା ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ହୋଇ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ। ସଭାପତି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସଭାକୁ ପରିଚାଳନା କରିଥିଲେ। ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ସୁପୁତ୍ରୀ ତଥା କଂଗ୍ରେସ ନେତ୍ରୀ ସୁନିତା ବିଶ୍ୱାଳ ସଭାକାର୍ଯ୍ୟ ସମାପନ ଭାଷଣ ଦେଇଥିଲେ।

## ଜନସେବା ଓ ରକ୍ତଦାନ କରି ଜନ୍ମଦିନ ପାଳନ

ଭୁବନେଶ୍ୱର, ୨୬ ।୨(ସମିସ): ଆଜିର ଆଡ଼ମ୍ବରପୂର୍ଣ୍ଣ ଜନ୍ମଦିନ ପାଳନ ପ୍ରଥାକୁ ପଛକୁ ଛାଡ଼ି ସମାଜସେବାକୁ ପ୍ରାଧାନ୍ୟ ଦେଇ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ନିଜ ଜନ୍ମଦିନକୁ ନିଆରା ଓ ସ୍ମରଣୀୟ ଢଙ୍ଗରେ ପାଳନ କରିଛନ୍ତି। ଦିନଟିକୁ ସେ ଉତ୍ସବ ନୁହେଁ, ବରଂ ସେବା, ପାଠ୍ୟପୁସ୍ତକ ବଣ୍ଟନ ଓ ରକ୍ତଦାଦ କରି ପାଳନ କରିଛନ୍ତି। ଶ୍ରୀକ୍ରିଷ୍ଣା ବୃଦ୍ଧାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବା ସହ କଳିଙ୍ଗ ଯୁବ ସେନା ଟ୍ରଷ୍ଟ ଆନୁକୂଲ୍ୟରେ ଗୋଶାଳାରେ ଗୋମାତାଙ୍କ ସେବା କରି ଆଶୀର୍ବାଦ ଗ୍ରହଣ କରାଯାଇଥିଲା।

## ୪ଜଣଙ୍କୁ 'ଲୋକରତ୍ନ ସମ୍ମାନ'


ଭୁବନେଶ୍ୱର, ୨୬ ।୨(ସମିସ): ଲୋକ ବିକାଶର ୩୨ତମ ପ୍ରତିଷ୍ଠା ଦିବସ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ପ୍ରତିଷ୍ଠାତା ସମ୍ପାଦକ ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'କର୍କଟ ଚିକିତ୍ସା ସେବାରେ ସାମାଜିକ ସଂଗଠନମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ, ଡା. କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡା. କୃପାସିନ୍ଧୁ ପଣ୍ଡା, ଡା. ନବଘନ ପରିଡ଼ା, ଅଶୋକ କୁମାର ସାରଦା, ନିହାର ରଞ୍ଜନ ପଟ୍ଟନାୟକଙ୍କୁ 'ଲୋକରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅମ୍ରିତା ସାଇଶ୍ରୀଙ୍କୁ 'ଲୋକ ବିକାଶ ବିଜ୍ଞାନ' ମେଡାଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଲକ ବିହାରୀ ସିଂହ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ସୁବାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେଶନ୍‌ରେ ଯୋଡ଼ି ହେଉଛି ପାରମ୍ପରିକ ଚିତ୍ରକଳା

- ବଢୁଛି ପଟ୍ଟଚିତ୍ର ଶାଢ଼ି ଓ ପୋଷାକର ଚାହିଦା
- ବିଦେଶରେ ମଧ୍ୟ ସାଉଁଟୁଛି ଆଦୃତ

ଭୁବନେଶ୍ୱର, ୨୬ ।୨(ସମିସ): ପଟ୍ଟଚିତ୍ର ଓଡ଼ିଶାର ଏକ ପାରମ୍ପରିକ ଚିତ୍ରକଳା। ଶାଢ଼ି ହେଉ ଅବା ଡ୍ରେସ୍‌ରେ ଝଲସୁଛି ରାଧାକୃଷ୍ଣଙ୍କ ଲୀଳା। ତେବେ ଏହା କେବଳ ଓଡ଼ିଶା ନୁହେଁ ବରଂ ଓଡ଼ିଶା ଏବଂ ଦେଶ ବାହାରେ ମଧ୍ୟ ବେଶ୍ ଆଦୃତି ଲାଭ କରୁଛି।

ଏବେ ଯୁଗ ବଦଳିବା ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଘଟୁଥିବା ବେଳେ ଏହି ପରିବର୍ତ୍ତିତ ଜୀବନଶୈଳୀ ଓ ପୋଷାକ ପରିଧାନରେ ସ୍ୱାତନ୍ତ୍ର୍ୟତା ବଜାୟ ରଖିଛି ପଟ୍ଟଚିତ୍ର କାରିଗରୀ। ବିଭିନ୍ନ ପ୍ରକାର ପିଓର ସିଲ୍କ, କଟନ ସିଲ୍କ, କିମ୍ବା ପାଟ ଶାଢ଼ିରେ ଅଙ୍କା ଯାଇଥିବା ଏହି ପାରମ୍ପରିକ ଶାଢ଼ୀ ଏବେ ସମ୍ଭ୍ରାନ୍ତ ପରିବାର ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି। ବିବାହ ହେଉ ଅବା କୌଣସି ଫଙ୍କସନ୍‌ରେ ଅଧିକାଂଶ ମହିଳା ପଟ୍ଟଚିତ୍ର ଶାଢ଼ୀ, ଡ୍ରେସ୍ କିମ୍ବା ଏହି ଚିତ୍ରକଳା ରହିଥିବା ଓଢ଼ଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ରଘୁରାଜପୁରୁ ସୃଷ୍ଟି ଏହି ପାରମ୍ପରିକ କାରିଗରୀ ଏବେ ଡିଜାଇନିଂ କୋର୍ସରେ ମଧ୍ୟ ସାମିଲ ହୋଇଛି। ଦିନକୁ ଦିନ ଏହାର ଚାହିଦା ବଢ଼ିବା ସହ ଏହାର ବଜାରୀକରଣ ଦିଗରେ ମଧ୍ୟ ସୁଯୋଗ ସୃଷ୍ଟି ହୋଇଥିବାରୁ ଏହାକୁ ନେଇ ଆଜିର ଯୁବପିଢ଼ିମାନେ କ୍ୟାରିୟର କରିବାକୁ ମଧ୍ୟ ଆଗେଇ ଆସିଲେଣି। ନାନାଦି ପ୍ରାକୃତିକ ରଙ୍ଗର ବ୍ୟବହାର କରି ପଟ୍ଟ ବା ମଣ୍ଡ ଦିଆ କନା ଉପରେ ଅଙ୍କାଯାଇଥାଏ। ଯାହାକି ଧୋଇବା ଦ୍ୱାରା ଆଦୌ ଛାଡ଼ି ନ ଥାଏ ବୋଲି ଭୁବନେଶ୍ୱରର ପଟ୍ଟଚିତ୍ର କାରିଗର ଶିବାନୀ ତ୍ରିପାଠୀ କହିଛନ୍ତି। ଯଦିଓ ବିଭିନ୍ନ ପ୍ରକାର ପଟ୍ଟଚିତ୍ର କାମ କରାଯାଉଛି କିନ୍ତୁ ଅଧିକ କାମ କଷ୍ଟମାଇଜ୍ ହୋଇଥାଏ। ଗ୍ରାହକଙ୍କ ଅର୍ଡର ମୁତାବକ ଥିମ୍ ଡିଜାଇନ୍ କରାଯାଇଥାଏ। କାରଣ ଗୋଟିଏ ଶାଢ଼ୀରେ ଡିଜାଇନ୍ କରିବାକୁ ୭ରୁ ୮ଦିନ ଲାଗିଥାଏ। ତେଣୁ ଗ୍ରାହକଙ୍କ ପସନ୍ଦକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଶିବାନୀ କହିଛନ୍ତି। ଶାଢ଼ି ଗୁଡ଼ିକର ଦାମ୍ ୧୦ହଜାର ଟଙ୍କାରୁ ଆରମ୍ଭ ହୋଇ ୫୦ ହଜାର ପର୍ଯ୍ୟନ୍ତ ରହିଛି। ଏହାଠାରୁ ଅଧିକ ମଧ୍ୟ ରହିଛି। ସେହିପର କୁର୍ତ୍ତିର ଦାମ୍ ୨୫୦୦ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କେବଳ ଶାଢ଼ୀ କିମ୍ବା ଡ୍ରେସ୍ ନୁହେଁ ପଟ୍ଟଚିତ୍ର ଚିତ୍ରକଳା ରହିଥିବା ହାର, କାନଫୁଲ ଆଦି ଜୁଏଲାରୀର ମଧ୍ୟ ବର୍ତ୍ତମାନ ଟ୍ରେଣ୍ଡରେ ରହିଛି। ଉଭୟ ଅନଲାଇନ୍ ମାଧ୍ୟମରେ ଦେଶ ବିଦେଶର ଗ୍ରାହକ ଏହାକୁ କିଣିବା ସହ ବୁକିଂ କରୁଥିବା ଶିବନୀ କହିଛନ୍ତି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୯୬ • ପାଉଣ୍ଡ ୧୨୨.୮୬
- ୟୁରୋ ୧୦୭.୧୯ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୮,୩୫୦ (ନୂଆଦିଲ୍ଲୀ)
- ରୁପା : ୨,୮୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୨୪୮.୦୦
- ନିଫ୍ଟି ୨୫,୪୯୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପାରାଦୀପ ବନ୍ଦରରେ ନିର୍ମାଣ ହେବ ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି

**ଭୁବନେଶ୍ୱର, ୨୬।୨(ସମିସ):** କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଆବଶ୍ୟକ ସୁବିଧା ସହିତ ଏକ ସ୍ୱତନ୍ତ୍ର ଜେଟି ବିକଶିତ କରିବ। ଏଥିପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ବିଲ୍ଡ- ଅପରେଟ-ଟ୍ରାନ୍ସଫର (ବିଓଟି) ଆଧାରରେ କାର୍ଯ୍ୟକାରୀ କରାଯିବ। ପ୍ରସ୍ତାବିତ ପ୍ରକଳ୍ପରେ ବାର୍ଷିକ ୪ ନିୟୁତ ଟନ୍ ମାଲ ପରିଚାଳନା କ୍ଷମତା ରହିବ। ପାରାଦୀପ ବନ୍ଦରକୁ ଏକ ସବୁଜ ଶକ୍ତି କାର୍ଗୋ କେନ୍ଦ୍ର ଭାବରେ ବିକଶିତ କରିବା ଲାଗି ଏହି ପ୍ରକଳ୍ପକୁ ଡିଜାଇନ୍ କରାଯାଇଛି। ପ୍ରସ୍ତାବିତ ଭିତ୍ତିଭୂମିରେ ଏକ ସ୍ୱତନ୍ତ୍ର ଜେଟି, ସଂରକ୍ଷଣ ପ୍ରଣାଳୀ,ପାଇପଲାଇନ, ପରିଚାଳନା ଉପକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ ହେବ।

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ଏହି ମଞ୍ଜୁରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସବୁଜ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଶ୍ରୀ ସୋନୱାଲ




କହିଛନ୍ତି, ଏହି ଅନୁମୋଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ଏବଂ ନିର୍ଣ୍ଣାୟକ ନେତୃତ୍ୱର ପ୍ରତ୍ୟକ୍ଷ ପରିଣାମ ଯାହା ଭାରତକୁ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବରେ ସ୍ଥାନିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ, ଆମର ବନ୍ଦରଗୁଡ଼ିକୁ ସବୁଜ ଅଭିବୃଦ୍ଧି, ନବସୃଜନ ଏବଂ ସ୍ଥାୟୀ ଲଜିଷ୍ଟିକ୍ସ ପାଇଁ ପ୍ରବେଶପଥରେ ପରିଣତ କରାଯାଉଛି। ଜେଟିର ଏକ୍ସଟ୍ରିମ୍ ଏଣ୍ଡ ଡଲଫିନ୍ ମଧ୍ୟରେ କେନ୍ଦ୍ରରୁ କେନ୍ଦ୍ର ଦୂରତା ୨୭୯ ମିଟର ଏବଂ ବର୍ଥ ସମ୍ମୁଖରେ ୧୪.୩ ମିଟର ଡ୍ରେଜ୍ ଗଭୀରତା ରହିବ ଯାହାଦ୍ୱାରା ତରଳ କାର୍ଗୋ ଜାହାଜର ସୁରକ୍ଷିତ ପରିଚାଳନା ସମ୍ଭବ ହେବ। ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର

**୭୯୭ କୋଟି ଟଙ୍କା ମଞ୍ଜୁରୀ**

କର୍ତ୍ତୃପକ୍ଷ ପ୍ରକଳ୍ପ ମୂଲ୍ୟର ୨୦% ସମତୁଲ୍ୟ ପୁଞ୍ଜି ସହାୟତା ପ୍ରଦାନ କରିବେ, ଯାହାର ପରିମାଣ ୧୫୯.୪୩ କୋଟି ଟଙ୍କା। ପ୍ରକଳ୍ପଟି ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଆଶା କରାଯାଉଛି।

# ଆସିବ ଗ୍ରେଡ୍ ଭିତ୍ତିକ ଡ୍ରାଇଭିଂ ଲାଇସେନ୍ସ ସିଷ୍ଟମ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି)**

ଏଣିକି ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ କିମ୍ବା ସ୍ଥଗିତ ରହିବ। କେନ୍ଦ୍ର ସରକାର ଏଭଳି ଏକ ବ୍ୟବସ୍ଥା ପ୍ରଚଳନ କରିବାକୁ ଯୋଜନା କରୁଛନ୍ତି। ଏଥିରେ ସରକାର ଏକ ଗ୍ରେଡ୍-ଭିତ୍ତିକ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା ପ୍ରଚଳନ କରିବେ। ଏହାଫଳରେ ଦେଶରେ ସଡ଼କ ଦୁର୍ଘଟଣା ହ୍ରାସ ପାଇବା ସହ ଦାୟିତ୍ୱପୂର୍ଣ୍ଣ ଡ୍ରାଇଭିଂକୁ ପ୍ରୋତ୍ସାହନ ମିଳିବ। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ ଦେଶରେ ପ୍ରତିବର୍ଷ ପ୍ରାୟ ୧.୮ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ପ୍ରତିବର୍ଷ ଭାରତରେ 5 ଲକ୍ଷ ସଡ଼କ ଦୁର୍ଘଟଣା ଘଟେ, ଯାହା ଫଳରେ 1.8 ଲକ୍ଷ ମୃତ୍ୟୁ ଘଟେ। ଏଥିମଧ୍ୟରୁ ୭୨% ମୃତ୍ୟୁ ୧୮ ରୁ ୪୫ ବର୍ଷ ବୟସର ଲୋକଙ୍କର ହେଉଛି। ଏହାର ମୁଖ୍ୟ କାରଣ ହେଉଛି ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା, ଦ୍ରୁତ ଗତିରେ, ଭୁଲ ଦିଗରେ ଏବଂ ମଦ୍ୟପାନ କରି ଗାଡି ଚଲାଇବା। ସେ କହିଛନ୍ତି ଯେ ଲୋକଙ୍କ ଜୀବନ ବହୁତ ମୂଲ୍ୟବାନ ଏବଂ ସରକାର




ସଡ଼କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଜରିମାନା ବୃଦ୍ଧି କରାଯାଇଛି, କିନ୍ତୁ ସବୁଠାରୁ ବଡ଼ ସମସ୍ୟା ହେଉଛି ଏହାର

- **ସଡ଼କ ଦୁର୍ଘଟଣା ରୋକିବାକୁ ପ୍ରୟାସ**
- **ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ରଦ୍ଦ ହେବ ଲାଇସେନ୍ସ**

ଉପଯୁକ୍ତ ଅନୁପାଳନ ସୁନିଶ୍ଚିତ କରିବା। ଲୋକଙ୍କର ଆଇନ ପ୍ରତି ଭୟ ଏବଂ ସମ୍ମାନ କମ୍ ଅଛି।

ଭାରତରେ ସଡ଼କ ଦୁର୍ଘଟଣାରେ ହେଲମେଟ୍ ପିନ୍ଧି ନ ଥିବାରୁ ୫୪,୧୨୨ ଜଣ, ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ୧୪,୪୬୬ ଜଣ ଏବଂ ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ୧.୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି।

ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ ଭୁଲ ଦିଗରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା ଏବଂ ମୋବାଇଲ୍ ଫୋନ୍ ବ୍ୟବହାର ଅନ୍ତର୍ଭୁକ୍ତ। ଗଡ଼କରୀ ଲୋକଙ୍କୁ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଏବଂ ଚିକିତ୍ସା ଖର୍ଚ୍ଚ କିମ୍ବା ଆଇନଗତ ଅସୁବିଧା ବିଷୟରେ ଚିନ୍ତା ନ କରିବାକୁ ନିବେଦନ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ରାହାତ (ସଡ଼କ ଦୁର୍ଘଟଣା ପୀଡିତ ହସ୍ପିଟାଲାଇଜେସନ୍ ଏବଂ ନିଶ୍ଚିତ ଚିକିତ୍ସା) ଯୋଜନା ଅଧୀନରେ ସଡ଼କ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ୭ ଦିନ ପାଇଁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା (ନଗଦହୀନ) ଚିକିତ୍ସା ମିଳିବ।

# ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ ଆଉ ଏକ ଠକେଇ ମାମଲା ରୁଜୁ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ବିରୁଦ୍ଧରେ ରୁଜୁ ହୋଇଛି ଆଉ ଏକ ଠକେଇ ମାମଲା। ଏଥର ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଅନୀଲଙ୍କ ନାମରେ



ଠକେଇ ଅଭିଯୋଗରେ ହୋଇଛି। ୨୨୨୦ କୋଟିରୁ ଅଧିକ ଟଙ୍କା ଠକେଇ ମାମଲାରେ ମାମଲାରେ ସିବିଆଇ ଅନୀଲ ଅମ୍ବାନୀ ଓ ତାଙ୍କ କମ୍ପାନୀ ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ବିରୋଧରେ ଠକେଇ ମାମଲା ରୁଜୁ କରିଛି। ଅନୀଲଙ୍କକମ୍ପାନୀ ୨୦୧୩ ରୁ ୨୦୧୭ ମଧ୍ୟରେ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ସହିତ ୨,୨୨୦ କୋଟି ଟଙ୍କାରୁ ଅଧିକ ଠକେଇ କରିଛନ୍ତି ବୋଲି ସିବିଆଇ ଅଭିଯୋଗ କରିଛି। ବ୍ୟାଙ୍କର ଅଭିଯୋଗ ପରେ ଗୁରୁବାର ସିବିଆଇ ଅନୀଲ ଅମ୍ବାନୀଙ୍କ ଘର ଏବଂ ରିଲାଏନ୍ସ

**ବ୍ୟାଙ୍କ ଅଫ୍ ବରୋଦାର ସାଂଘାତିକ ଅଭିଯୋଗ**

କମ୍ୟୁନିକେସନ୍ସ କାର୍ଯ୍ୟାଳୟରେ ଚଢାଉ କରି ଋଣ କାରବାର ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା। ଆଜି ସକାଳେ ଏକ ପୃଥକ ମାମଲା ସହିତ ଜଡିତ ଅନିଲ ଅମ୍ବାନୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମ୍ମୁଖରେ ହାଜର ହୋଇଥିଲେ। ତଦନ୍ତକାରୀ ସଂସ୍ଥା ତାଙ୍କୁ ପ୍ରାୟ ୯ ଘଣ୍ଟା ଧରି ପଚରାଉଚରା କରିଥିଲା।

ସିବିଆଇ ଅନୁଯାୟୀ,ବ୍ୟାଙ୍କ ଅଫ୍ ବରୋଦାର ଅଭିଯୋଗ ଆଧାରରେ ଏଫଆଇଆର ରୁଜୁ କରାଯାଇଥିଲା। ଅଭିଯୋଗ ହେଉଛି ଯେ ରିଲାଏନ୍ସ କମ୍ୟୁନିକେସନ୍ସ ବ୍ୟାଙ୍କରୁ ଋଣ ନେଇଥିଲା,କିନ୍ତୁ ପାଣ୍ଠିକୁ ସେମାନଙ୍କର ଉଦ୍ଦେଶ୍ୟ ପାଇଁ ବ୍ୟବହାର ନ କରି ନିଜର ହିଁ ଅନ୍ୟ ଏକ କମ୍ପାନୀକୁ ଜାଲିଆତି କାରବାର ଦେଖାଇ ଟ୍ରାନ୍ସଫର କରାଯାଇଥିଲା। ଏହି ହେରଫେର ଯୋଗୁ ବ୍ୟାଙ୍କ ଅଫ୍ ବରୋଦା ୨,୨୨୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛି ବୋଲି ତଦନ୍ତରୁ ଜଣାପଡିଛି। ଅଧିକାରୀଙ୍କ କହିବା ଅନୁଯାୟୀ,ଅନୀଲ ଅମ୍ବାନୀଙ୍କ କମ୍ପାନୀର ଏହି ଆକାଉଣ୍ଟକୁ ୨୦୧୭ ମସିହାରେ ଏନ୍‌ପି, ଘୋଷଣା କରାଯାଇଥିଲା। ତଥାପି,ଅନୀଲ ଅମ୍ବାନୀ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ, ଯାହା ପରେ କୋର୍ଟ ଏହି ଆକାଉଣ୍ଟକୁ ଜାଲ୍ ବୋଲି ଘୋଷଣା ଉପରେ ସ୍ଥଗିତ ରଖିଥିଲେ।

# ଏପ୍ରିଲ ପହିଲାରୁ ଇ-୨୦ ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଆସନ୍ତା ଏପ୍ରିଲ ପହିଲାରୁ ସାରା ଦେଶରେ ଇ-୨୦ ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ ହେବ। ସରକାର ଏବେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ଇ-୨୦ ପେଟ୍ରୋଲ (୨୦% ଏଥନଲ ମିଶ୍ରିତ) ଓ ୯୫ ଆର୍‌ଓଏନ୍ (ରିସର୍ଚ୍ଚ ଅକ୍ଟେନ ନମ୍ବର) ଇନ୍ଧନ ବିକ୍ରିକୁ ବାଧ୍ୟତାମୂଳକ କରିଛନ୍ତି। ପେଟ୍ରୋଲିୟମ ମନ୍ତ୍ରାଳୟଙ୍କ ତାଜା ଅଧିସୂଚନା ଅନୁସାରେ ଏବେ ସାରା ଦେଶରେ ଉଚ୍ଚ ମାନର ପରିବେଶ ଅନୁକୂଳ ପେଟ୍ରୋଲ ହିଁ ବିକ୍ରି ହେବ। ଏହି ନିଷ୍ପତ୍ତି ନା କେବଳ ବିଦେଶରୁ ତୈଳ ଆମଦାନୀ ପାଇଁ ହେଉଥିବା




ମୋଟା ଅର୍ଥ ଖର୍ଚ୍ଚକୁ ନିୟନ୍ତ୍ରଣ କରିବ ବରଂ ପ୍ରଦୂଷଣ ସମସ୍ୟା ମୁକାବିଲା ନିମନ୍ତେ ଏକ ବଡ଼ ଅସ୍ତ୍ର ଭାବେ ପ୍ରମାଣିତ ହେବ। ତେଣୁ ଦେଶରେ ଇନ୍ଧନର ଭବିଷ୍ୟତକୁ ନେଇ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି, ଯାହା ସିଧାସଳଖ ଆପଣଙ୍କ ପକେଟ୍ ଉପରେ ପ୍ରଭାବ ପକାଇବ।

ପ୍ରାୟତଃ ପେଟ୍ରୋଲ ପମ୍ପରେ ଆମେ ପ୍ରିମିୟମ ପେଟ୍ରୋଲ ଦେଖିଥାଉ, ଏହି ନୂଆ ନିୟମ ସେହି ପ୍ରିମିୟମ କ୍ୱାଲିଟିର ମାନକ ହେବାକୁ ଯାଉଛି। ସାଧାରଣ ଭାବେ ବ୍ୟବହୃତ ପେଟ୍ରୋଲର ଅକ୍ଟେନ ନମ୍ବର ୯୦ ପାଖାପାଖି ରହୁଛି। ଏଥିରେ ୯୫ ଆର୍‌ଓଏନ୍ ପେଟ୍ରୋଲର ଅର୍ଥ ହେଉଛି, ଏହି ଇନ୍ଧନ ଅଧିକ ଚାପ ସହି ପାରିବ ଓ ଇଞ୍ଜିନରେ ସମୟ ପୂର୍ବରୁ ଜଳେ ନାହିଁ (ପ୍ରି-ଇଗ୍ନେସନ)। ଯଦି ଇଞ୍ଜିନରେ ସଠିକ ସମୟରେ ପେଟ୍ରୋଲ ଜଳେ ତେବେ ନକିଂ (ଖଟଖଟ) ଶବ୍ଦ ଶୁଣାଯିବନି। ଏଣୁ ବାହାନକୁ ଆବଶ୍ୟକ ପାୱାର ମିଳିବ, ଏକ୍ସିଲେରେସନ ସ୍ମୁଥ ହେବ ଓ ଇଞ୍ଜିନର ଆୟୁ ବଢ଼ିବ। ଖାସ କରି ଆଧୁନିକ ଟର୍ବୋଚାର୍ଜଡ୍ ବା ହାଇ ପରଫର୍ମାନ୍ସ ଇଞ୍ଜିନ ଲାଗି ଏହି ଇନ୍ଧନ ବରଦାନଠାରୁ କମ୍ ନୁହେଁ। ଇଥାନଲର ଉତ୍ପାଦନ ଆଖୁ, ମକା ଓ ଖାଦ୍ୟଶସ୍ୟରୁ ହୋଇଥାଏ। ଏଣୁ ଏହାର ସିଧା ଲାଭ ଦେଶର ଚାଷୀଙ୍କୁ ମିଳିବ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରାଳୟ ଫେବୃଆରୀ ୧୭ ଅଧିସୂଚନାରେ ସ୍ପଷ୍ଟ ଭାବେ କହିଛି ଯେ ତୈଳ କମ୍ପାନୀ ଏବେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ମାନ ଅନୁସାରେ ପେଟ୍ରୋଲ ବିକ୍ରି କରିବେ। ସରକାର ଏହା ବି କହିଛନ୍ତି ଯେ କିଛି ଦୁର୍ଗମ ଓ ବିଶେଷ କ୍ଷେତ୍ରକୁ ଆବଶ୍ୟକ ହେଲେ ସ୍ୱଳ୍ପ ସମୟ ପାଇଁ ନିୟମରେ ରିଆତି ଦିଆଯାଇପାରେ। ଏହି ଇନ୍ଧନ ବ୍ୟବହାର କଲେ ପୁରୁଣା ବାହନର ମାଇଲେଜ ୩ରୁ ୭% ହ୍ରାସ ହୋଇପାରେ। ସେହିପରି ଏଥାନଲର ଅଧିକ ମାତ୍ରା ଯୋଗୁ ପୁରୁଣା ଇଞ୍ଜିନ୍‌ର ରବର ଓ ପ୍ଲାଷ୍ଟିକ ପାଇପ୍ ଓ ଅନ୍ୟ ଯନ୍ତ୍ରାଂଶ ଉପରେ ଏହାର ପ୍ରଭାବ ପଡିବାର ଆଶଙ୍କା ରହିଛି। ତେବେ ୯୫ ଆର୍‌ଓଏନ୍‌ର ଉଚ୍ଚମାନ ଇଞ୍ଜିନର ଉତ୍ତମ ସ୍ୱାସ୍ଥ୍ୟ ଓ କମ୍ ମେଣ୍ଟେନାନ୍ସ ମାଧ୍ୟମରେ ଭରଣା କରିବ।

## ବିମାନ ଟିକଟ ନେଇ ଡିଜିସିଏର ନୂଆ ନିୟମ

# ବୁକିଂର ୪୮ ଘଣ୍ଟାରେ ବାତିଲ୍ କଲେ ମିଳିବ ସମ୍ପୂର୍ଣ୍ଣ ରିଫଣ୍ଡ

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଗୁରୁବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ଟିକଟ୍ ଫେରସ୍ତ ଏବଂ ବାତିଲ୍ ସମ୍ବନ୍ଧୀୟ ନିୟମରେ କେତେକ ସଂଶୋଧନ ପ୍ରସ୍ତାବ ଆଣିଛି। ନୂତନ ନିୟମ ଅନୁଯାୟୀ, ବୁକିଂର ୪୮ ଘଣ୍ଟା ମଧ୍ୟରେ ଟିକଟ ବାତିଲ୍ କିମ୍ବା ରୁଟ୍ ପରିବର୍ତ୍ତନ ପାଇଁ ଯାତ୍ରୀଙ୍କଠାରୁ କୌଣସି ଅତିରିକ୍ତ ଶୁଳ୍କ ନିଆଯିବ ନାହିଁ। ଏଥିରେ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ଟିକଟ ରାଶି ଫେରସ୍ତ କରାଯିବ। ଯାତ୍ରୀମାନଙ୍କ ଅଭିଯୋଗରେ ବୃଦ୍ଧି ଏବଂ ଇଣ୍ଡିଗୋ ବିମାନ ଘଟଣାରେ ନିକଟରେ ସୃଷ୍ଟ ସମସ୍ୟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସବୁଠାରୁ ବଡ଼ ଆଶ୍ୱସ୍ତି ହେଉଛି ଶୂନ୍ୟ ବାତିଲକରଣ ଶୁଳ୍କ। ଏହି ସୁବିଧା କେବଳ ସେତେବେଳେ ଉପଲବ୍ଧ ଯଦି ଟିକଟ୍ ଉଡ଼ାଣ ତାରିଖର ଅତି କମ୍‌ରେ ୭ ଦିନ ପୂର୍ବରୁ ବୁକ୍ କରାଯାଇଥାଏ। ଯଦି ଉଡ଼ାଣର ଦୁଇ କିମ୍ବା ତିନି ଦିନ ପୂର୍ବରୁ ଟିକଟ୍ ବୁକ୍ ହୋଇଥାଏ, ତେବେ ଏହି ୪୮ ଘଣ୍ଟା ଛାଡ଼ ପ୍ରଯୁଜ୍ୟ ହେବ ନାହିଁ।

ଡିଜିସିଏ ସ୍ପଷ୍ଟ କରିଛି ଯେ ଟିକଟ୍ ଟ୍ରାଭେଲ୍ ଏଜେଣ୍ଟ କିମ୍ବା କୌଣସି ପୋର୍ଟାଲ୍ (ଯେପରିକି ମେକ୍ ମାଇଁ ଟ୍ରିପ୍,, ଗୋଇବିବୋ ଭଳି କମ୍ପାନୀ ) ମାଧ୍ୟମରେ ବୁକ୍ ହୋଇଛି, ତଥାପି ବିମାନ କମ୍ପାନୀ ଟଙ୍କା ଫେରସ୍ତ କରିବା ପାଇଁ ଦାୟୀ ରହିବ। ଏଜେଣ୍ଟମାନଙ୍କୁ ବିମାନ କମ୍ପାନୀର ପ୍ରତିନିଧି ଭାବରେ ବିବେଚନା କରାଯାଏ, ତେଣୁ ବିମାନ କମ୍ପାନୀ ଏହି ବାହାନା କରିପାରିବନାହିଁ ଯେ ଟଙ୍କା ଏଜେଣ୍ଟଙ୍କ ପାଖରେ ଅଛି। ଏଥିରେ ବିମାନ କମ୍ପାନୀଗୁଡ଼ିକୁ ନିଶ୍ଚିତ କରିବାକୁ ପଡିବ ଯେ




୧୪ କାର୍ଯ୍ୟ ଦିବସ ମଧ୍ୟରେ ଟଙ୍କା ଫେରସ୍ତ ପ୍ରକ୍ରିୟା ସମାପ୍ତ ହୋଇଛି। ଯଦି ଯାତ୍ରୀ କିମ୍ବା ପରିବାରର କୌଣସି ସଦସ୍ୟ (ସମାନ ପିଏନ୍‌ଆର୍‌ରେ) ଯାତ୍ରା ସମୟରେ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କିମ୍ବା କ୍ରେଡିଟ୍ ସେଲ୍ (ଯାହା ପରେ ବ୍ୟବହାର କରାଯାଇପାରିବ) ପ୍ରଦାନ କରିବାକୁ ପଡିବ। ଅନ୍ୟାନ୍ୟ ଅସୁସ୍ଥତା କ୍ଷେତ୍ରରେ, ବିମାନ କମ୍ପାନୀର ଏରୋସ୍ପେସ୍ ମେଡିସିନ୍ ବିଶେଷଜ୍ଞ କିମ୍ବା ଡିଜିସିଏ ପ୍ୟାନେଲ୍ ହୋଇଥିବା ଡାକ୍ତରଙ୍କ ଫିଟନେସ୍ ରିପୋର୍ଟ ଉପରେ ନିଷ୍ପତ୍ତି ନିଆଯିବ। ଦୁଇଟି ମୁଖ୍ୟ କାରଣ ଯୋଗୁ ଡିଜିସିଏକୁ ନିୟମରେ ଏପରି ପରିବର୍ତ୍ତନ କରିବାର ଆବଶ୍ୟକତା ପଡିଲା। ପ୍ରଥମତଃ, ଯାତ୍ରୀମାନେ ଟଙ୍କା ନ ପାଇବା କିମ୍ବା ବିଳମ୍ବିତ ରିଫଣ୍ଡ ବିଷୟରେ ଅଭିଯୋଗ ବୃଦ୍ଧି ପାଉଥିଲା। ଦ୍ୱିତୀୟତଃ, ୨୦୨୫ ଡିସେମ୍ବରରେ ଇଣ୍ଡିଗୋ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା, ଯାହା ପରେ

**ସପ୍ତାହକ ପୂର୍ବରୁ ଟିକଟ ବୁକିଂ ହୋଇଥିବା ଦରକାର**

ମନ୍ତ୍ରଣାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା ଏବଂ ରିଫଣ୍ଡ ପ୍ରକ୍ରିୟାକୁ ସରଳ କରିବାକୁ ନିର୍ଦ୍ଦେଶ ଦେଇଥିଲା।

ନିୟମ ଅନୁଯାୟୀ, ବିମାନ କମ୍ପାନୀ ଯାତ୍ରୀଙ୍କଠାରୁ ଟିକଟ ବାତିଲକରଣ କିମ୍ବା ରୁଟ୍ ପରିବର୍ତ୍ତନ ଶୁଳ୍କ ଆଦାୟ କରିପାରିବନାହିଁ। ତଥାପି, ଯଦି ଟିକଟର ତାରିଖ ପରିବର୍ତ୍ତନ କରାଯାଏ ଏବଂ ସେହି ନୂତନ ତାରିଖ ପାଇଁ ମୂଳ ଭଡ଼ା ପୁରୁଣା ଟିକଟ ବୁକିଂ ସମୟରେ ଥିବା ଭଡ଼ାଠାରୁ ଅଧିକ ହୋଇଥାଏ, ତେବେ ଯାତ୍ରୀଙ୍କୁ ପାର୍ଥକ୍ୟ ଭଡ଼ା ଦେବାକୁ ପଡ଼ିପାରେ।

# ଟିପିସିଓଡିଏଲ୍‌ର 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍

## ରାଜଧାନୀର ୯୦ ଜଣ ଉପଭୋକ୍ତା ପାଇଲେ ଆକର୍ଷଣୀୟ ପୁରସ୍କାର



**ଭୁବନେଶ୍ୱର,୨୬।୨(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭୁବନେଶ୍ୱର ସର୍କଲ-୧ ର ୯୦ ଜଣ ଉପଭୋକ୍ତାଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରର ବିସିଡିଡି – ୧ , ବିସିଡିଡି – ୨ ଏବଂ ବିଇଡି ଡିଭିଜନରୁ ଚୟନ ହୋଇଥିବା ଏହି ବିଜେତାମାନଙ୍କୁ ଏକ ଲକି ଡ୍ର' ମାଧ୍ୟମରେ ବଛାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ମୋବାଇଲ୍ ଫୋନ୍ ସମେତ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଛି। ଉପଭୋକ୍ତାମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ସଠିକ୍ ସମୟରେ ନିୟମିତ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହା କେବଳ ସେବା ପ୍ରଦାନ ପ୍ରକ୍ରିୟାକୁ ସହଜ ଓ ଦକ୍ଷ କରୁନାହିଁ, ବରଂ ଏକ ଦୀର୍ଘସ୍ଥାୟୀ ସେବା ପ୍ରଦାନ ଦିଗରେ ଟିପିସିଓଡିଏଲ୍ ର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଉଥିବା ଟିପିସିଓଡିଏଲ୍ ର ସିଇଓ ଅରଭିନ୍ଦ ସିଂ କହିଛନ୍ତି। ଟିପିସିଓଡିଏଲ୍ ରେ ଉପଭୋକ୍ତାମାନେ ହିଁ ଆମର ସମସ୍ତ କାର୍ଯ୍ୟର କେନ୍ଦ୍ରବିନ୍ଦୁ। 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍ ମାଧ୍ୟମରେ ଆମେ ଉପଭୋକ୍ତାମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ସହ ସେମାନଙ୍କୁ ସଠିକ୍ ସମୟରେ ଡିଜିଟାଲ୍ ପେମେଣ୍ଟ କରିବା ପାଇଁ ଉତ୍ସାହିତ କରୁଛୁ।

## ମାର୍ଚ୍ଚ ପହିଲାରୁ 'ସିମ୍ ବାଇଣ୍ଡିଂ' ନିୟମ

# ବିନା ସିମ୍‌ରେ ଚାଲିବନି ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ,୨୬।୨(ଏଜେନ୍ସି):** ଏଣିକି ବିନା ସିମ୍ କାର୍ଡରେ ଆଉ ଚାଲିବନି ହ୍ୱାଟ୍ସଆପ୍। ସେହିଭଳି ହ୍ୱାଟ୍ସଆପ୍ ଓ୍ୱେବ୍ ବି ପ୍ରତି ୬ ଘଣ୍ଟାରେ ଲଗ୍‌ଆଉଟ ହୋଇଯିବ। କାରଣ ଖୁବ୍‌ଶୀଘ୍ର ସରକାର ଲାଗୁ କରିବାକୁ ଯାଉଛନ୍ତି 'ସିମ୍ ବାଇଣ୍ଡିଂ' ନିୟମ। ମାର୍ଚ୍ଚ ପହିଲାରୁ ଲାଗୁ ହେବାକୁ ଯାଉଥିବାବେଳେ ଏହି ନୂଆ ନିୟମକୁ ଜାତୀୟ ସୁରକ୍ଷା ଏବଂ ଠକେଇ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

ରିପୋର୍ଟ ଅନୁଯାୟୀ, ଦେଶରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ବିଶେଷ କରି ହ୍ୱାଟ୍ସଆପ୍ ଭଳି ଇନଷ୍ଟାଣ୍ଟ ମେସେଜିଂ ଆପ୍ ମାଧ୍ୟମରେ ଅତି ସହଜରେ ଲୋକଙ୍କୁ ଫସାଯାଉଛି। ତେଣୁ ସାଇବର ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର 'ସିମ୍ ବାଇଣ୍ଡିଂ' ନିୟମକୁ ଲାଗୁ କରିବାକୁ ଯାଉଛନ୍ତି। ପୂର୍ବରୁ ଏହି ନିୟମ ଲାଗୁ କରାଯିବା କଥା କୁହାଯାଇଥିଲେ ବି ବିଭିନ୍ନ କାରଣ ଯୋଗୁ ଏହାକୁ ଲାଗୁ କରିବା ସମୟ ସୀମା ବୃଦ୍ଧି କରାଯାଇଥିଲା। ହେଲେ ଏବେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ, ଏହି ନିୟମ ଲାଗୁ କରିବା ପାଇଁ ଦିଆଯାଇଥିବା ଫେବୃଆରୀ ୨୮ ଡେଡଲାଇନ୍ ଆଉ ବୃଦ୍ଧି କରାଯିବ ନାହିଁ। ଅର୍ଥାତ ମାର୍ଚ୍ଚ ୧ ଠାରୁ ଏହି ନିୟମ ଲାଗୁ ହୋଇଯିବ। କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ନିୟମ ଲାଗୁ




କରିବା ସମୟ- ସୀମା ଆଗକୁ ବଢ଼ାଇବା ଉପରେ କୌଣସି ଯୋଜନା ନାହିଁ। ଏହି ନିୟମ ଜାତୀୟ ସୁରକ୍ଷା ଏବଂ ଠକେଇ ରୋକିବା ପାଇଁ ଲାଗୁ କରାଯାଇଛି। ତେଣୁ ସୁରକ୍ଷା ପ୍ରସଙ୍ଗରେ ସରକାର କୌଣସି ସାଲିସ କରିବେନାହିଁ। ସୂଚନାଯୋଗ୍ୟ, ସିମ୍ ବାଇଣ୍ଡିଂ ହେଉଛି ଏକ ସୁରକ୍ଷା କବଚ। ଯାହା ଆପଣଙ୍କ ମେସେଜିଂ ଆପ୍‌କୁ ଆପଣଙ୍କ ଫିଜିକାଲ ସିମ୍ କାର୍ଡ ସହ ଲକ୍ କରିଥାଏ। ଏହାର ସବୁଠୁ ବଡ଼ ଫାଇଦା ହେଉଛି, ଏହାଦ୍ୱାରା କୌଣସି ହ୍ୟାକର କିମ୍ବା ଠକ ଆପଣଙ୍କ ନମ୍ବର୍ ବ୍ୟବହାର ଅନ୍ୟ କୌଣସି ଡିଭାଇସରେ କରିପାରିବନାହିଁ। କାରଣ ସିମ୍ ବାଇଣ୍ଡିଂ ହୋଇଥିବାରୁ ମେସେଜିଂ ଆପ୍ କେବଳ ଫୋନ୍‌ରେ ରେଜିଷ୍ଟର୍ଡ ସିମ୍ କାର୍ଡ ଥିଲେ ହିଁ ଖୋଲିବ। ତେଣୁ ନୂଆ ନିୟମ ଅନୁସାରେ, ଫୋନ୍‌ରେ ସିମ୍ କାର୍ଡ ନ ଥିଲେ ହ୍ୱାଟ୍ସଆପ୍ କାମ କରିବନାହିଁ। କମ୍ପ୍ୟୁଟରରେ ଲଗ୍ ଇନ୍ ହୋଇଥିବା ହ୍ୱାଟ୍ସଆପ୍ ମଧ୍ୟ ୬ ଘଣ୍ଟାରେ ଆପେ ଆପେ ଲଗ୍‌ଆଉଟ ହୋଇଯିବ।

ତେବେ ୟୁଜର୍ସଙ୍କୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ, ସେମାନଙ୍କ ହ୍ୱାଟ୍ସଆପ୍ ଯେଉଁ ନମ୍ବରରେ ରହିଛି, ସେହି ସିମ୍ ସେହି ଫୋନରେ ରହିଛି। ଯଦି ସିମ୍ କାର୍ଡ ଫୋନରୁ ବାହାର କରାଯାଏ ତା'ହେଲେ ମେସେଜିଂ ଆପ୍ କାମ କରିବା ବନ୍ଦ କରିପାରେ। ସେପଟେ ଇଣ୍ଡଷ୍ଟ୍ରି ଆସୋସିଏସନ ଆଇଏଏମ୍‌ଏଆଇ ସରକାରଙ୍କୁ ଚେତାବନୀ ଦେଇଛି ଯେ, ପ୍ରତି ୬ ଘଣ୍ଟାରେ ଲଗ- ଆଉଟ କରିବା ନିୟମ ପ୍ରଫୋସନାଲଙ୍କ ପାଇଁ ଚିନ୍ତାଜନକ ହୋଇପାରେ। ଯେଉଁମାନେ କାମ ପାଇଁ ହ୍ୱାଟ୍ସଆପ୍ ଓ୍ୱେବ ଉପରେ ନିର୍ଭର କରିଥାଏ। ଏହା ସହ ଯେଉଁ ପରିବାର ଲୋକେ ଗୋଟିଏ ଆକାଉଣ୍ଟ ସେୟାର କରୁଛନ୍ତି, ସେମାନଙ୍କୁ ଅସୁବିଧା ହୋଇପାରେ।

କେନ୍ଦ୍ର ସରକାରଙ୍କ ଆଦେଶ ଅନୁସାରେ କମ୍ପାନିଙ୍କୁ ୧୨୦ ଦିନ ଭିତରେ ଏହାକୁ ନେଇ ରିପୋର୍ଟ ଦେବାକୁ ହେବ। ନିୟମର ପାଳନ ନକଲେ ଟେଲିକମ୍ୟୁନିକେସନ ଆକ୍ଟ ୨୦୨୩, ଟେଲିକମ ସାଇବର ସିକ୍ୟୁରିଟି ରୁଲ୍ସ ଏବଂ ଅନ୍ୟ ଲାଗୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ।

# ତେଲଙ୍ଗାନାରେ ସଫେଇ କର୍ମୀଙ୍କ ଦରମା ୨ ଲକ୍ଷ, ଇଞ୍ଜିନିୟରଙ୍କ ୭ ଲକ୍ଷ



ହାଇଦରାବାଦ, ୨୬।୨ (ଏଜେନ୍ସି): ସରକାରୀ ଚାକିରିକୁ ନେଇ ଯୁବ ପିଢିଙ୍କ ମଧ୍ୟରେ ଆଗ୍ରହ ବଢିବାରେ ଲାଗିଛି। ସବୁଠାରୁ କମ ଶିକ୍ଷା ଯୋଗ୍ୟତା ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ବାହାରିଲେ ବି ପିଜି, ଡିଗ୍ରୀ, ଇଞ୍ଜିନିୟର, ବିଟେକ ପିଲା ଆବେଦନ କରୁଛନ୍ତି। ଏପରି ସମୟରେ ତେଲଙ୍ଗାନାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ଆସିଛି। ରାଜ୍ୟର ବରିଷ୍ଠ ସରକାରୀ ସଫେଇ କର୍ମଚାରୀ ଆଇଏଏସ ଅଧିକାରୀଙ୍କଠାରୁ ଅଧିକ ଦରମା ପାଉଛନ୍ତି। ଖାଲି ସେତିକି ନୁହେଁ, ରାଜ୍ୟପାଳଙ୍କଠାରୁ ମୁଖ୍ୟ ଇଞ୍ଜିନିୟରଙ୍କ ଦରମା ଅଧିକ ରହିଛି। ସଫେଇ କର୍ମୀ ମାସକୁ ୨ ଲକ୍ଷ ଟଙ୍କା ଲେଖାଏଁ ପାଉଥିବାବେଳେ ଇଞ୍ଜିନିୟରମାନେ ୭ ଲକ୍ଷ ଟଙ୍କା ନେଉଛନ୍ତି। ତେଲଙ୍ଗାନା ମୁଖ୍ୟ ସଚିବ କେ ରାମକୃଷ୍ଣ ରାଓ ଏହି ସୂଚନା ଦେଇଛନ୍ତି। ସେଣ୍ଟର ଫର ଇକୋନୋମିକ ଆଣ୍ଡ ସୋସିଆଲ ଷ୍ଟଡିଜ୍ (ସେସ) ପକ୍ଷରୁ ୧୬ତମ ଅର୍ଥ କମିଶନଙ୍କ ସୁପାରିସ ଉପରେ ବୁଧବାର ଆୟୋଜିତ ଏକ ସମ୍ମିଳନୀରେ ସେ ଏହି ତଥ୍ୟ ଉପସ୍ଥାପନ କରିଥିଲେ।

ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାରଙ୍କ ବଢୁଥିବା ବ୍ୟୟ, ବିଶେଷ କରି ଦରମା ଏବଂ ପ୍ରଶାସନିକ ଖର୍ଚ୍ଚ ଉପରେ ଆଲୋକପାତ କରିବାକୁ ଯାଇ ରାଓ ଏହି ଦରମା ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଛନ୍ତି। ୨୦୧୪ ମସିହାରେ ତେଲଙ୍ଗାନା ଗଠନ ପରଠାରୁ ସରକାରୀ ବ୍ୟୟରେ ହୋଇଥିବା ଉଲ୍ଲେଖନୀୟ ବୃଦ୍ଧି ଏହାକୁ ଦର୍ଶାଉଛି। ରାଓ କହିଥିଲେ, ତେଲଙ୍ଗାନା ଗଠନ ହେବାବେଳେ ରାଜ୍ୟର ମାସିକ ଦରମା ଦେବା ପାଇଁ ୧,୫୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲା। ଦରମା ସଂଶୋଧନ,ସିନିଅରିଟି ବେନିଫିଟ୍ ଏବଂ ସରକାରୀ ବିଭାଗଗୁଡ଼ିକର ସମ୍ପ୍ରସାରଣ ଯୋଗୁଁ ବିଗତ ବର୍ଷଗୁଡ଼ିକରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇ ୬ ହଜାର କୋଟିରେ ପହଞ୍ଚି ଯାଇଛି। ଏହା ରାଜ୍ୟ ଉପରେ ବଢୁଥିବା ଆର୍ଥିକ ଚାପକୁ ଦର୍ଶାଉଛି। ପ୍ରଥମ ଦେଖାରେ ଏହି ପରିସଂଖ୍ୟାନ ଆଶ୍ଚର୍ଯ୍ୟଜନକ ମନେ ହେଉଥିଲେ ମଧ୍ୟ, ଏହା ମୁଖ୍ୟତଃ ଦୀର୍ଘ ବର୍ଷର ସେବା, ପଦୋନ୍ନତି ଏବଂ ସରକାରଙ୍କ ଦ୍ୱାରା ସମୟ ସମୟରେ କାର୍ଯ୍ୟକାରୀ କରାଯାଉଥିବା ବେତନ ସଂଶୋଧନର ପ୍ରଭାବକୁ ଦର୍ଶାଏ।

ରାଓ କହିଥିଲେ ଯେ ପୌରପାଳିକାରେ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀମାନେ ମାସକୁ ପ୍ରାୟ ୨୮,୦୦୦ ଟଙ୍କା ଦରମା ପାଆନ୍ତି । ପ୍ରାୟ ୩୦ ବର୍ଷ ହେଲା ସେବା ଦେଉଥିବା ଡ୍ରାଇଭର କିମ୍ବା ସଫେଇ କର୍ମଚାରୀ ଆଦି ମାସକୁ ୧ ଲକ୍ଷ ଟଙ୍କାରୁ ଅଧିକ ଦରମା ପାଉଛନ୍ତି। ବରିଷ୍ଠ ପଦବୀରେ ଥିବା, ବିଶେଷ କରି ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା ଝାଡୁଦାର ପଦୋନ୍ନତି ଏବଂ ଅନ୍ୟ ଆନୁସଙ୍ଗିକ ଭତ୍ତା ସହ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ନେଉଛନ୍ତି। ସେହିପରି ଶୀର୍ଷ ସ୍ତରର ବୈଷୟିକ ଅଧିକାରୀ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି ବୋଲି ମୁଖ୍ୟ ସଚିବ କହିଛନ୍ତି।

# ଥମୁନି ଏନ୍‌ସିଇଆରଟି ବିବାଦ

## ଅସନ୍ତୋଷ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ଅଷ୍ଟମ ଶ୍ରେଣୀ ଏନ୍‌ସିଇଆରଟି ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ଅଧ୍ୟାୟକୁ ନେଇ ଚାଲିଥିବା ବିବାଦ ଏବେ ଗମ୍ଭୀର ରୂପ ନେଇଛି। ବର୍ତ୍ତମାନ ଇସ୍ରାଏଲ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଭାବେ ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ଦାୟୀ ଅଧିକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ପ୍ରଧାନମନ୍ତ୍ରୀ ପଚାରିଛନ୍ତି 'ଏସବୁ କିଏ ଦେଖୁଛି?' ଆମେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ନ୍ୟାୟିକ ଦୁର୍ନୀତି ବିଷୟରେ କାହିଁକି



ଆମେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ନ୍ୟାୟିକ ଦୁର୍ନୀତି ବିଷୟରେ କାହିଁକି ଶିକ୍ଷା ଦେଉଛୁ?

ଶିକ୍ଷା ଦେଉଛୁ? ଏତେ କମ୍ ବୟସରେ ଛାତ୍ରଛାତ୍ରୀଙ୍କ ପାଇଁ ଏପରି ସମ୍ବେଦନଶୀଳ ବିଷୟ କେତେଦୂର ଠିକ୍, ସେ ଏ ନେଇ ପ୍ରଶ୍ନ ପଚାରିଛନ୍ତି। ଏହି ବିଷୟବସ୍ତୁକୁ କିଏ ଯାଞ୍ଚ କରିଥିଲା ଓ କେଉଁ ଆଧାରରେ ଏହାକୁ ଅନୁମୋଦନ କରାଗଲା, ସେ ନେଇ ସେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସ୍କୁଲ ପାଠ୍ୟକ୍ରମରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ନକାରାତ୍ମକ ଚିତ୍ରଣ କରିବାକୁ ନେଇ ମୋଦୀ ଅସନ୍ତୋଷ ଜାହିର କରିଛନ୍ତି।

## ଦୁଃଖ ପ୍ରକାଶ କଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ସିଇଆରଟି ପାଠ୍ୟ ପୁସ୍ତକରେ 'ନ୍ୟାୟିକ ଦୁର୍ନୀତି' ଅଧ୍ୟାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ଏ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ପ୍ରତିକ୍ରିୟା ଦେବା ସହ ସ୍ପଷ୍ଟୀକରଣ ଦେଇଛନ୍ତି। ଜାମସେଦପୁରରେ ଗଣମାଧ୍ୟମ ସହ କଥା ହେବା ବେଳେ ସେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଆମେ ନ୍ୟାୟପାଳିକାକୁ ସମ୍ମାନ କରୁ ଓ କୋର୍ଟ ଯାହା କହିଛନ୍ତି ତାହାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବୁ। ଯାହା ଘଟିଗଲା ସେଥିପାଇଁ ମୁଁ ମର୍ମାହତ ଓ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରୁଛି। ସେ ଏ ସଂକ୍ରାନ୍ତରେ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବିବାଦୀୟ ଅଧ୍ୟାୟ ପ୍ରସ୍ତୁତ କରିବାରେ ସମ୍ପୃକ୍ତ



ନ୍ୟାୟପାଳିକା ପ୍ରତି ସମ୍ମାନ ରହିଛି

ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟପାଳିକାକୁ ଅସମ୍ମାନ କରିବା ସରକାରଙ୍କର କୌଣସି ଉଦ୍ଦେଶ୍ୟ ନଥିଲା।

## ଦେଶର ୩୨ଟି ବିଶ୍ୱବିଦ୍ୟାଳୟକୁ ନକଲି ଘୋଷଣା କଲା ୟୁଜିସି

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଦେଶର ୩୨ଟି ବିଶ୍ୱବିଦ୍ୟାଳୟକୁ ନକଲି ବୋଲି ଘୋଷଣା କରିଛି। ୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ୟୁଜିସି ଅନଧିକୃତ ଶିକ୍ଷାନୁଷ୍ଠାନଗୁଡ଼ିକର ଏକ ସତର୍କମୂଳକ ତାଲିକା ଜାରି କରିଛି। ଏହି ତାଲିକାରେ ଦେଶର ମୋଟ୍ ୩୨ଟି ଶିକ୍ଷାନୁଷ୍ଠାନକୁ ନକଲି ଅର୍ଥାତ ଫେକ୍ ବୋଲି ଦର୍ଶାଯାଇଛି। ବେଙ୍ଗାଲୁରୁର 'ଗ୍ଲୋବାଲ ପିସ୍ ୟୁନିଭର୍ସିଟି'କୁ ୟୁଜିସି ଏହି ତାଲିକାରେ ସାମିଲ କରିଛି। ୟୁଜିସି ସ୍ପଷ୍ଟ କରିଛି ଯେ, ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା କୌଣସି ଡିଗ୍ରୀ କିମ୍ବା ଡିପ୍ଲୋମା ସରକାରୀ ଚାକିରି ଓ ଉଚ୍ଚଶିକ୍ଷା ପାଇଁ ବୈଧ ନୁହେଁ। ଦିଲ୍ଲୀରେ ସର୍ବାଧିକ ୧୨ଟି ନକଲି ବିଶ୍ୱବିଦ୍ୟାଳୟ ଥିବା ଜଣାପଡ଼ିଛି। ଚଳିତବର୍ଷ ହରିୟାଣା, ରାଜସ୍ଥାନ, ଝାଡ଼ଖଣ୍ଡ ଓ ଅରୁଣାଚଳ ପ୍ରଦେଶ ଭଳି ରାଜ୍ୟର କିଛି ଶିକ୍ଷାନୁଷ୍ଠାନକୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି। ୟୁଜିସି କହିଛି ଯେ ୧୯୫୬ ଅଧିନିୟମ ଅନୁଯାୟୀ କେବଳ ସଂସଦ ଓ ବିଧାନସଭା ଦ୍ୱାରା ସ୍ଥାପିତ ବିଦ୍ୟାଳୟ ହିଁ ଡିଗ୍ରୀ ପ୍ରଦାନ କରିବାକୁ ଯୋଗ୍ୟ। ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଏହିପରି ଶିକ୍ଷାନୁଷ୍ଠାନରେ ଆଡମିଶନ ନ କରିବାକୁ ପରାମର୍ଶ ଦିଆଯାଇଛି, ନଚେତ ସେମାନଙ୍କ କ୍ୟାରିୟର ବିପଦରେ ପଡ଼ିପାରେ ବୋଲି କୁହାଯାଇଛି।

# ଶିକ୍ଷା, ଏଆଇ, ସୁରକ୍ଷା ପାଇଁ ଭାରତ-ଇସ୍ରାଏଲ ଚୁକ୍ତି

ତେଲ ଆଭିଭ, ୨୬।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ନେତା ଅର୍ଥନୀତି, ସୁରକ୍ଷା ଏବଂ କୂଟନୀତିକୁ ନେଇ ଅନେକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ପରେ ଉଭୟ ନେତା ମିଳିତ ସାମ୍ବାଦିକ ସମ୍ମିଳନୀ କରି ଥିଲେ। ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ ବୋଲି ଦୁଇ ଦେଶ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ପଶ୍ଚିମ ଏସିଆରେ ଶାନ୍ତି ଭାରତ ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ, ସେଥିପାଇଁ ଭାରତ ସର୍ବଦା ଆଲୋଚନା ଏବଂ ଶାନ୍ତିପୂର୍ଣ୍ଣ ସମାଧାନକୁ ସମର୍ଥନ କରେ ବୋଲି ମୋଦୀ କହିଛନ୍ତି। ଏବେ ଇସ୍ରାଏଲରେ ଭାରତର ୟୁପିଆଇ ପେମେଣ୍ଟ ସିଷ୍ଟମ୍ ଚାଲିବ। ଖୁବଶୀଘ୍ର ଇସ୍ରାଏଲ୍ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବ। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ 'ସ୍ୱତନ୍ତ୍ର ରଣନୈତିକ ସହଭାଗିତା' (ଏସଏସପି) ସ୍ତରକୁ ବୃଦ୍ଧି କରାଯାଇଥିବା ମୋଦୀ ସୂଚନା ଦେଇଥିଲେ।



ମୋଦୀ କହିଥିଲେ ଯେ ଉଭୟ ଦେଶର ସମ୍ପର୍କ ଭରସା, ଗଣତନ୍ତ୍ର ଏବଂ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ଏବେ ଏହି ସମ୍ପର୍କକୁ ଏସଏସପି ମାନ୍ୟତା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହା ଦୁଇ ଦେଶର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଉଭୟ ଦେଶ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ବୃଦ୍ଧି ପାଇଁ କାର୍ଯ୍ୟ କରୁଛନ୍ତି। ଏଆଇ, କ୍ୱାଣ୍ଟମ ଟେକ୍ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭଳି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରାଯିବ। ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ବୃଦ୍ଧି କରାଯିବ। ମିଳିତ ବିକାଶ, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଉପରେ ଗୁରୁତ୍ୱ ଦିଆଯିବ। ବେସାମରିକ ଆଣବିକ ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ସହଭାଗିତା ବୃଦ୍ଧି ପାଇବ। ଭାରତରେ ଇସ୍ରାଏଲ୍ ସହାୟତାରେ ନିର୍ମିତ 'ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସ' ସଂଖ୍ୟା ୧୦୦କୁ ବୃଦ୍ଧି କରାଯିବ। ଗାଁ ଗାଁରେ ଆଧୁନିକ ଚାଷ ପ୍ରଣାଳୀ ପହଞ୍ଚାଇବା ପାଇଁ 'ଭିଲେଜ୍ ଅଫ୍ ଏକ୍ସିଲେନ୍ସ' ଗଠନ କରାଯିବ। ଏହାଦ୍ୱାରା ଚାଷୀଙ୍କ ଆୟ ଏବଂ ଉତ୍ପାଦନରେ ବୃଦ୍ଧି ଘଟିବ। ଉଭୟ ଦେଶ ଆଇଏମଇସି କରିଡର ଏବଂ ଆଇ୨ୟୁ୨ ଭଳି ଗୋଷ୍ଠୀକୁ ଆଗକୁ ବଢ଼ାଇବା ପାଇଁ ଆଲୋଚନା କରିଛନ୍ତି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଗସ୍ତ ସଫଳ ରହିଛି। ଏହା ହୃଦୟକୁ ଛୁଇଁ ଯାଇଛି। କାନିସିଟ୍‌ରେ ମୋଦୀ ଦେଇଥିବା ମନ୍ତବ୍ୟ ହୃଦୟକୁ ଛୁଇଁ ଯାଇଥିଲା। ପୂର୍ବରୁ ଯେଉଁ ସୀମା ଆମକୁ ଅଟକାଉଥିଲା ଏବେ ତାହା ଆଉ ସମସ୍ୟା ପାଲଟିବ ନାହିଁ। ନବୋନ୍ମେଷ କରୁଥିବା ଦେଶର ଭବିଷ୍ୟତ ହିଁ ଉତ୍ତମ ହେବ। ଏହା ସହିତ ଭାରତରେ ଜି୨ଜି ବୈଠକ ଆୟୋଜନ ପାଇଁ ଦୁଇ ନେତା ସହମତି ପ୍ରକାଶ କରିଛନ୍ତି। ସେହିପରି ଇସ୍ରାଏଲ ଆସିବା ମୋ ପାଇଁ ଗର୍ବର ବିଷୟ ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ମୋଦୀ ଜେରୁଜେଲମର ହୋଲୋକଷ୍ଟ ମେମୋରିଆଲ 'ୟାଦେ ୱାସେମ'ରେ ପହଞ୍ଚି ଥିଲେ। ସେଠାରେ ସେ ହିଟଲରଙ୍କ ନାଜି ଶାସନରେ ପ୍ରାଣ ହରାଇଥିବା ୬୦ ଲକ୍ଷ ଇହୁଦୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

## ମାଲିକଙ୍କ ଘରେ ନକଲି ଇଡି ଚଢ଼ାଉ କରାଇଲା ଚାକରାଣୀ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ରାଜଧାନୀ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀରୁ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ଚାକରାଣୀ ନିଜ ମାଲିକଙ୍କ ଘରେ ନକଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଚଢ଼ାଉ କରାଇଛି। ଏହି ଘଟଣାଟି ଗତ ଫେବୃଆରୀ ୧୧ ତାରିଖରେ ଘଟିଥିଲା। ବୁଧବାର ପୁଲିସ ଏହି ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗରେ ରେଖା ଦେବୀ ନାମକ ଚାକରାଣୀ ଓ ତାଙ୍କ ଭାଉଜ ପୂଜା ରାଜପୁତଙ୍କୁ ଗିରଫ କରିଛି। ଫବୃଆରୀ ୧୧ରେ ପୁଲିସ ୟୁନିଫର୍ମପିନ୍ଧିଥିବା୩ଜଣବ୍ୟକ୍ତିଇଡ଼ିଅଧିକାରୀଙ୍କ ପରିଚୟଦେଇ୮୬ ବର୍ଷୀୟଅବସରପ୍ରାପ୍ତ ଆର୍କିଟେକ୍ଟ ଆରସି ସଭରୱାଲଙ୍କ ଘରେ ଜୋର୍‌ଜବରଦସ୍ତି ପଶିଥିଲେ। ସେମାନେ ପରିବାର ଲୋକଙ୍କୁ ଧମକାଇବା ସହ ସମସ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ସଭରୱାଲଙ୍କ ନାତି ସନ୍ଦେହ କରି ପଚରାଉଚରା କରିବାରୁ ଅଭିଯୁକ୍ତମାନେ ୩-୪ ଲକ୍ଷ ଟଙ୍କା ନଗଦ ଓ ୭ଟି ଦାମୀ ଘଣ୍ଟା ଓ ସୁନା ଅଳଙ୍କାର ଧରି ଏକ ବାଲେନୋ କାର୍‌ରେ ଫେରାର ହୋଇଯାଇଥିଲେ। ପୁଲିସ ୩୫୦ଟିରୁ ଅଧିକ ସିସିଟିଭି କ୍ୟାମେରା ଯାଞ୍ଚ୍ କରିବା ପରେ ନୀଳ ରଙ୍ଗର ବାଲେନୋ କାର୍ ଉପରେ ସନ୍ଦେହ କରିଥିଲା। କାର୍‌ଟି ଦିଲ୍ଲୀରୁ ଉତ୍ତରପ୍ରଦେଶର ଗାଜିଆବାଦ୍ ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ମୋବାଇଲ ଟ୍ରାକିଂ ଓ କାର ପାର୍କିଙ୍ଗ୍‌କୁ ଲକ୍ଷ୍ୟ କରି ପୁଲିସ ଚାକରାଣୀ ରେଖାଙ୍କ ଭାଉଜ ପୂଜାଙ୍କ ଘରେ ପହଞ୍ଚିଥିଲା। ପୂଜାଙ୍କ ଘରେ ଚଢ଼ାଉ କରି ଲୁଟ୍ ହୋଇଥିବା ଦାମୀ ଘଣ୍ଟା, ଅଳଙ୍କାର ଓ ନକଲି ପୁଲିସ ୟୁନିଫର୍ମକୁ ଜବତ କରିଛି।

## ପାକିସ୍ତାନରେ ଆକ୍ରମଣ:୧୫ ପୋଷ୍ଟ କବ୍‌ଜା କଲା ଆଫଗାନ

କାବୁଲ, ୨୬।୨ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ପୁଣି ଉତ୍ତେଜନା ବଢ଼ିବାରେ ଲାଗିଛି। ଆଫଗାନ ସେନା ଗୁରୁବାର ରାତିରେ ପାକିସ୍ତାନରେ ଭୟଙ୍କର ଆକ୍ରମଣ କରିଛି। ଗୁଳିଗୋଳା ମାଡ଼ କରି ପାକ୍ ସେନାର ୧୫ ପୋଷ୍ଟ ଧ୍ୱଂସ କରି କବ୍‌ଜାକୁ ନେଇଛି। ନଙ୍ଗରହାର, ନୁରିସ୍ତାନ, କୁନାର, ଖୋସ୍ତ, ପକ୍ତିଆ, ପକ୍ତିକା ଭଳି ସୀମାଞ୍ଚଳରେ ଦୁଇ ଦେଶର ସେନା ମଧ୍ୟରେ ସଂଘର୍ଷ ଜାରି ରହିଛି। ନଙ୍ଗରହାରର ଗୋସ୍ତା ଜିଲ୍ଲା ଏବଂ ଡୁରାଣ୍ଡ ଲାଇନରେ ଥିବା ପୋଷ୍ଟକୁ ଆଫଗାନ କବଜା କରି ନେଇଛି। ତାଲିବାନର ଆକ୍ରମଣ ଦେଖି ପାକିସ୍ତାନ ସେନା ଭୟଭୀତ ହୋଇ ଯାଇଛି। ସୈନିକ ପୋଷ୍ଟ ଛାଡ଼ି ପଳାଇଛନ୍ତି। ତାଲିବାନ ପ୍ରବକ୍ତା ଜବିଉଲ୍ଲାହ ମୁଜାହିଦ କହିଛନ୍ତି ଯେ ନିଜ ଶୈଳୀରେ ପାକିସ୍ତାନଠାରୁ ଏୟାର ଷ୍ଟ୍ରାଇକର ପ୍ରତିଶୋଧ ନିଆଯାଉଛି। ଏଥିପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ପୂର୍ବରୁ ଗତ ରବିବାର ଆଫଗାନରେ ଏୟାର ଷ୍ଟ୍ରାଇକ କରି ପାକ୍ ୭୦ ଜଣଙ୍କୁ ମାରିଥିବା ଦାବି କରିଥିଲା।

# ଏପଷ୍ଟିନ ଫାଇଲ୍ସ: ବିକିନି ପିନ୍ଧା ମହିଳାଙ୍କ ସହ ଷ୍ଟିଫେନ ହକିଙ୍ଗ୍‌ଙ୍କ ଫଟୋ ଭାଇରାଲ

ୱାସିଂଟନ, ୨୬ ।୨(ଏଜେନ୍ସି): ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ସ୍ୱର୍ଗତ ଷ୍ଟିଫେନ ହକିଙ୍ଗ୍ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ ସାର୍ବଜନୀନ ହୋଇଥିବା ଜେଫ୍ରି ଏପଷ୍ଟିନ୍ ଫାଇଲରୁ କିଛି ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ହକିଙ୍ଗ୍ ଦୁଇଜଣ ବିକିନ ପରିହିତ ମହିଳାଙ୍କ ସହ ବସିଥିବାର ଦେଖାଯାଇଛି। ତେବେ ଏହି ଘଟଣାକୁ ନେଇ ହକିଙ୍ଗଙ୍କ ପରିବାର ତରଫରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଦି ଇଣ୍ଡିପେଣ୍ଡେଣ୍ଟ' ଖବର କାଗଜ ଅନୁଯାୟୀ, ହାତରେ କକ୍‌ଲେଟ ଧରି ସନ୍ ଲାଉଞ୍ଜରେ ଶୋଇଥିବା ହକିଙ୍ଗଙ୍କୁ ଜଣେ ମହିଳା ସ୍ଥିର ଭାବେ ଧରିଥିଲେ ଓ ଆଉ ଜଣେ ମହିଳା ପାଖରେ ଅଛନ୍ତି। ଏହି ମହିଳାମାନେ ତାଙ୍କର ଦୀର୍ଘକାଳୀନ ସେବାକାରୀ ଥିଲେ, ଯେଉଁମାନେ ହକିଙ୍ଗଙ୍କୁ ଦିନରାତି ଚିକିତ୍ସା ସହାୟତା ଯୋଗାଇବା ପାଇଁ ରହିଥିଲେ। ଏହି ଫଟୋଟି ୨୦୦୬ ମସିହାର ବୋଲି ଅନୁମାନ କରାଯାଉଛି। ସେତେବେଳେ ହକିଙ୍ଗ ଏକ ବିଜ୍ଞାନ ସମ୍ମିଳନୀରେ ଯୋଗଦେବା ପାଇଁ ସେଣ୍ଟ ଥୋମାସ୍ ଗସ୍ତ କରିଥିଲେ।



ଏବେ ହକିଙ୍ଗଙ୍କ ପରିବାର ତରଫରୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟୀକରଣ ଦିଆଯାଇଛି। ତାଙ୍କ ପରିବାରର ଜଣେ ପ୍ରତିନିଧି କହିଛନ୍ତି ଯେ ଫଟୋରେ ଥିବା ଦୁଇଜଣ ମହିଳା ହେଉଛନ୍ତି ହକିଙ୍ଗଙ୍କ ଦୀର୍ଘକାଳୀନ କେୟାର ଟେକର। ଶାରୀରିକ ଅକ୍ଷମତା ଯୋଗୁଁ ତାଙ୍କୁ ୨୪ ଘଣ୍ଟା ମେଡିକାଲ ସହାୟତା ଆବଶ୍ୟକ ହେଉଥିଲା, ତେଣୁ ସେମାନେ ସବୁବେଳେ ତାଙ୍କ ସହ ରହୁଥିଲେ। ତାଙ୍କ ପକ୍ଷରୁ ଖରାପ ଆଚରଣ କରାଯାଇଥିବା ନେଇ ଭୁଲ ଅଭିଯୋଗ ଲଗାଯାଇଛି। ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ପ୍ରକାଶିତ ଏପଷ୍ଟିନ ଫାଇଲ ସଂଗ୍ରହରେ ହକିଙ୍ଗଙ୍କ ନାମ ଅତିକମ୍‌ରେ ୨୫୦ଥର ଉଲ୍ଲେଖ କରାଯାଇଛି।

ଏପଷ୍ଟିନ ଫାଇଲରେ ହକିଙ୍ଗ୍ ନାମ ସେତେବେଳେ ଆସିଥିଲା ଯେତେବେଳେ ପ୍ରମୁଖ ଅଭିଯୋଗକାରୀ ଭର୍ଜିନିଆ ଗିଉଫ୍ରେ ଦାବି କରିଥିଲେ ଯେ, ହକିଙ୍ଗ୍ ଦିନେ ଭିର୍ଜିନ ଦୀପପୁଞ୍ଜରେ ଏକ ଅପ୍ରାପ୍ତ ବୟସ୍କ ଯୌନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏହାର ଜବାବରେ ଏପଷ୍ଟିନ ଘୋଷଣା କରିଥିଲେ ଯେ ଯିଏ ଏହି ଦାବିକୁ ମିଥ୍ୟା ବୋଲି ପ୍ରମାଣ କରିଦେବ ତାଙ୍କୁ ସେ ନଗଦ ପୁରସ୍କାର ଦେବେ। ସୂଚନାଯୋଗ୍ୟ ଯେ, ହକିଙ୍ଗ ୫୦ ବର୍ଷରୁ ଅଧିକ ସମୟ ଧରି ଏଏଲ୍‌ଏସ୍ ରୋଗରେ ପୀଡିତ ହେବା ପରେ ୨୦୧୮ରେ ୭୬ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ସେ ୨୦୦୬ ମାର୍ଚ୍ଚରେ ଏପଷ୍ଟିନଙ୍କ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଯୋଗ ଦେଇଥିଲେ। ପୂର୍ବରୁ ପ୍ରକାଶିତ ଅନ୍ୟ ଫଟୋଗୁଡ଼ିକରେ ହକିଙ୍ଗଙ୍କୁ ଏକ ସ୍ୱତନ୍ତ୍ର ବୁଡ଼ାଜାହାଜରେ ଦ୍ୱୀପର ସମୁଦ୍ର ଶଯ୍ୟାରେ ବୁଲୁଥିବାର ଦେଖାଯାଇଛି। ଉଲ୍ଲେଖଥାଉ କି, ହକିଙ୍ଗ ବିଶ୍ୱର ଜଣେ ଜଣାଶୁଣା ପଦାର୍ଥ ବିଜ୍ଞାନୀ ଥିଲେ। କୃଷ୍ଣଗର୍ତ୍ତ ବା ବ୍ଲାକ ହୋଲ୍ ଏବଂ ସାଧାରଣ ଆପେକ୍ଷିକତା (ଜେନେରାଲ ରିଲେଟିଭିଟି) ଉପରେ ତାଙ୍କ ଭୂମିକା ଆଧୁନିକ ବ୍ରହ୍ମାଣ୍ଡକୁ ଏକ ନୂଆ ରୂପ ଦେଇଥିଲା। ସେ ମୋଟର ନ୍ୟୁରୋନ ରୋଗରୁ ସବୁଠାରୁ ଦୀର୍ଘ ସମୟ ଧରି ବଞ୍ଚିଥିବା ବ୍ୟକ୍ତି ଥିଲେ। ଏହି ରୋଗ ଯୋଗୁଁ ସେ ଭେଣ୍ଟିଲିଟର, ଭଏସ୍ ସିନ୍ଥେସାଇଜର, ହୁଇଲ ଚେୟାର ଏବଂ ଦିନରାତି ଚିକିତ୍ସା ସେବା ଉପରେ ନିର୍ଭରଶୀଳ ଥିଲେ।

## 'ଦି କେରଳ ଷ୍ଟୋରୀ-୨'କୁ ଝଟ୍‌କା

କୋଚି, ୨୬ ।୨(ଏଜେନ୍ସି): କେରଳ ହାଇକୋର୍ଟ ବିବାଦୀୟ ଚଳଚ୍ଚିତ୍ର 'ଦି କେରଳ ଷ୍ଟୋରୀ-୨'ର ମୁକ୍ତିଲାଭ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତାକାଲି ଅର୍ଥାତ ଫେବୃଆରୀ ୨୭ରେ ଏହି ସିନେମା ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ଥିଲା। ଫଳରେ କୋର୍ଟଙ୍କ ଏହି ନିଷ୍ପତ୍ତି ନିର୍ମାତାଙ୍କ ପାଇଁ ଏକ ବଡ଼ ଝଟ୍‌କା ସଦୃଶ ହୋଇଛି। ସେନସର ବୋର୍ଡ ଏହି ସିନେମାକୁ ଦେଇଥିବା ପ୍ରମାଣପତ୍ରକୁ ଚ୍ୟାଲେଞ୍ଜ୍ କରି ଆଗତ ଆବେଦନର ଶୁଣାଣି ସମୟରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଜଷ୍ଟିସ୍

ରିଲିଜ ଉପରେ ସ୍ଥଗିତାଦେଶ ଜାରି କଲେ ହାଇକୋର୍ଟ



ବେଚୁ କୁରିୟାନ ଥୋମାସଙ୍କ ଜଣକିଆ ଖଣ୍ଡପୀଠ କହିଛନ୍ତି ଯେ, ସେନସର ବୋର୍ଡ ଏହି ଚଳଚ୍ଚିତ୍ରକୁ ଅନୁମତି ଦେବା ସମୟରେ ନିଜର ବୁଦ୍ଧି ବ୍ୟବହାର କରି ନ ଥିବା ମନେ ହେଉଛି। ଆବେଦନକାରୀଙ୍କ ଚିନ୍ତା ବାସ୍ତବରେ ଯଥାର୍ଥ ବୋଲି କୋର୍ଟ ଅନୁଭବ କରିଛନ୍ତି। ବିପୁଲ ଅମୃତଲାଲ ଶାହଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ଦାବି କରାଯାଇଛି ଯେ ହିନ୍ଦୁ ଯୁବତୀଙ୍କୁ ପ୍ରଲୋଭିତ କରି ଅନ୍ୟ ଧର୍ମରେ ବିବାହ କରାଯାଉଛି ଓ ପରେ ସେମାନଙ୍କୁ ନିର୍ଯାତନା ଦେଇ ଜବରଦସ୍ତି ଇସଲାମ ଧର୍ମ ଗ୍ରହଣ କରାଯାଉଛି।

## ଇନଷ୍ଟାଗ୍ରାମ୍‌ରେ ମୋଦୀଙ୍କର ୧୦ କୋଟି ଫଲୋଅର୍ସ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧମ ଇନ୍‌ଷ୍ଟାଗ୍ରାମ୍‌ରେ ୧୦୦ ମିଲିୟନ ଅର୍ଥାତ ୧୦ କୋଟି ଫଲୋଅର୍ସ ଅତିକ୍ରମ କରିଛନ୍ତି। ଏହି ମାଇଲଖୁଣ୍ଟ ଛୁଇଁବାରେ ସେ ବିଶ୍ୱର ପ୍ରଥମ ରାଜନେତା ଓ ଜନନେତା ହୋଇଛନ୍ତି। ୨୦୧୪ରେ ମୋଦୀ ଇନଷ୍ଟାଗ୍ରାମ୍‌ରେ ଯୋଗ ଦେଇଥିଲେ। ଇନଷ୍ଟାଗ୍ରାମ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ମୋଦୀଙ୍କର ଦୁଇଗୁଣାରୁ ଅଧିକ ଫଲୋଅର୍ସ ଅଛନ୍ତି। ବିଶ୍ୱର ୫ ରାଷ୍ଟ୍ରନେତାଙ୍କ ସମୁଦାୟ ଫଲୋଅର୍ସ ସଂଖ୍ୟା ମୋଦୀଙ୍କଠାରୁ ଯଥେଷ୍ଟ କମ୍ ରହିଛି। ଟ୍ରମ୍ପଙ୍କ ୪୩.୨ ନିୟୁତ, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଭା ସୁବିଆଣ୍ଟୋଙ୍କର ୧୫ ନିୟୁତ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲଭାଙ୍କର ୧୪.୪ ନିୟୁତ ଓ ତୁର୍କୀ ରାଷ୍ଟ୍ରପତି ରେସେପ ଦୟିସ୍ ଏର୍ଦୋଗାନଙ୍କର ୧୧.୬ ମିଲିୟନ ଫଲୋଅର୍ସ ଇଷ୍ଟାଗ୍ରାମରେ ରହିଛନ୍ତି।

## ଇରାନ ଆତଙ୍କବାଦର ସର୍ବବୃହତ୍ ଗଡ଼: ଆମେରିକା ଉପରାଷ୍ଟ୍ରପତି

ନ୍ୟୁୟର୍କ, ୨୬ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକାର ଯୁଦ୍ଧ ଜାହଜ ଓ ସୈନ୍ୟ ମୁତୟନ ମଧ୍ୟରେ ଉପ- ରାଷ୍ଟ୍ରପତି ଜେଡି ଭାନ୍ସ ଇରାନକୁ ଏକ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା କୂଟନୀତିକୁ ଦୁର୍ବଳ ବୋଲି ଭାବିବା ଅନୁଚିତ ଏବଂ ଆବଶ୍ୟକ ପଡ଼ିଲେ ସାମରିକ ବିକଳ୍ପ ମଧ୍ୟ ବ୍ୟବହାର କରାଯିବ। ଫକ୍ସ ନ୍ୟୁଜ୍ ସହ କଥା ହେବା ବେଳେ ଭାନ୍ସ କହିଛନ୍ତି, ଆମକୁ ଏପରି ଏକ ସ୍ଥିତିରେ ବଞ୍ଚିବାକୁ ହେବ ଯେଉଁଠାରେ ଇରାନ, ଯେକି ବିଶ୍ୱ ଆତଙ୍କବାଦ୍‌ର ସବୁଠାର ବଡ଼ ଗଡ଼। ଇରାନ ପରମାଣୁ ଆତଙ୍କବାଦ୍ ମାଧ୍ୟମରେ ବିଶ୍ୱକୁ ଭୟଭୀତ କରିପାରିବ ନାହିଁ। ଏହି ପାଗଳ, କ୍ରୂର ଓ ବିଶ୍ୱର ସବୁଠାରୁ ବିପଜ୍ଜନକ ଶାସନକୁ ପରମାଣୁ ଅସ୍ତ୍ର ରଖିବାକୁ ଅନୁମିତ ଦିଆଯାଇ ପାରିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୂଟନୈତିକ ସମାଧାନ ଚାହୁଁଛନ୍ତି, କିନ୍ତୁ ତାଙ୍କ ପାଖରେ ଅନ୍ୟ ବିକଳ୍ପ ମଧ୍ୟ ରହିଛି ଏବଂ ସେଗୁଡିକୁ ସେ ବ୍ୟବହାର କରିବାକୁ ପ୍ରସ୍ତୁତ ଅଛନ୍ତି। ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ପାଇଁ ଅନ୍ତିମ ନିଷ୍ପତ୍ତି ଟ୍ରମ୍ପ ନେବେ ବୋଲି ସେ କହିଛନ୍ତି।

## ରଶ୍ମିକାଙ୍କ ହାତ ଧରିଲେ ବିଜୟ



ଉଦୟପୁର, ୨୬ ।୨(ଏଜେନ୍ସି): ଦକ୍ଷିଣ ଭାରତୀୟ ସିନେମାର ଦୁଇ ଲୋକପ୍ରିୟ ଯୋଡ଼ି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା ଗୁରୁବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘଦିନର ପ୍ରେମ ସମ୍ପର୍କ ପରେ ରାଜସ୍ଥାନର ଉଦୟପୁରରେ ଦୁହେଁ ଏକ ପାରମ୍ପରିକ ଉତ୍ସବରେ ପରସ୍ପରକୁ ନିଜର ଜୀବନ ସାଥୀ ରୂପେ ଗ୍ରହଣ କରିଛନ୍ତି। ଏହି ତାରକା ଯୋଡ଼ି ଉଭୟ ତେଲୁଗୁ ଓ କୋଡ଼ଭା ପରମ୍ପରା ଅନୁଯାୟୀ ଦୁଇଟି ପୃଥକ ବିବାହ ସମ୍ପନ୍ନ କରିଛନ୍ତି। ନିଜ ପ୍ରଶଂସକଙ୍କ ଦ୍ୱାରା ଦିଆଯାଇଥିବା ନାମକୁ ସମ୍ମାନ ଜଣାଇ ସେମାନେ ନିଜର ଏହି ମିଳନକୁ 'ଦି ୱେଡିଂ ଅଫ୍ ଭିରୋଶ' ବୋଲି ନାମିତ କରିଛନ୍ତି।

## ଆମେରିକା ଆମ୍ବାସାଡ଼ରଙ୍କୁ ନିଷିଦ୍ଧ କଲା ଫ୍ରାନ୍ସ

ପ୍ୟାରିସ, ୨୬।୨ (ଏଜେନ୍ସି): ଆମେରିକା ଏବଂ ଫ୍ରାନ୍ସ ମଧ୍ୟରେ ଉତ୍ତେଜନା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆମେରିକା ଆମ୍ବାସାଡ଼ର ଚାର୍ଲ୍ସ କୁଶନରଙ୍କୁ କାନାଡ଼ା ନିଷିଦ୍ଧ କରିଦେଇଛି। ଫ୍ରେଞ୍ଚ ଅଧିକାରୀଙ୍କ ସହ କୌଣସି କୂଟନୈତିକ ଆଲୋଚନା କରିବା ନେଇ ତାଙ୍କ ଉପରେ କଟକଣା ଲଗାଇ ଦିଆଯାଇଛି। ଚଳିତ ମାସ ପ୍ରାରମ୍ଭରେ ପ୍ରାଣ ହରାଇଥିବା ଲିୟନର ଦକ୍ଷିଣପନ୍ଥୀ ନେତା କୁଇନଟିନ ଡେରାନକିଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଅନୁପସ୍ଥିତ ରହିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ କୁଇନଟଙ୍କ ମୃତ୍ୟୁକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲା। ଫ୍ରାନ୍ସ ସରକାର ହିଂସାତ୍ମକ ମୌଳବାଦୀ ବାମପନ୍ଥୀରେ ସାମିଲ ଥିବା ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ଆମେରିକା ଆମ୍ବାସାଡରଙ୍କୁ ସମନ ଜାରି କରି ଉପସ୍ଥିତ ହେବାକୁ କହିଥିଲା।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୪- ଝାନ୍‌ସୀ ଉପରେ ଇଷ୍ଟ ଇଣ୍ଡିଆ କମ୍ପାନିର କବ୍‌ଜା।
- ୧୯୩୧-ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ନିଧନ।
- ୧୯୭୪- ଆମେରିକାର ସାପ୍ତାହିକ ପତ୍ରିକା 'ପିପୁଲ୍' ବିକ୍ରି ଆରମ୍ଭ ହେଲା।
- ୧୯୮୮- ପ୍ରଥମ ଥର ହେଲିକପ୍ଟର ଡାକ ସେବା ଆରମ୍ଭ କରାଗଲା।
- ୨୦୦୨- ସାବରମତୀ ଏକ୍ସପ୍ରେସ୍‌ରେ ନିଆଁ ଲାଗିବାରୁ ୫୯ ଜୀବନ୍ତ ଦଗ୍ଧ।

## ନିଆରା ପରମ୍ପରା ଭିଲିଆନ୍ ହିଟିଂ

ହଂକଂରେ ଏକ ନିଆରା ପରମ୍ପରା ପ୍ରଚଳିତ। ଏହାକୁ 'ଦା ସିଓ ୟାନ୍' ବା ଭିଲିଆନ ହିଟିଂ କୁହାଯାଏ। ମାର୍ଚ୍ଚ ମାସ ପ୍ରାରମ୍ଭରେ ଏହା ପାଳନ କରାଯାଏ। ଏଥିରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥାନ୍ତି। ଏଥିରେ ଅଂଶଗ୍ରହଣ କରୁଥିବା ଲୋକେ କାଗଜରେ ଏକ ପୁତୁଳା ତିଆରି କରନ୍ତି। ଏହା ଖଳନାୟକ ତଥା ଦୁର୍ଭାଗ୍ୟ ଆଣୁଥିବା ବ୍ୟକ୍ତିର ପ୍ରତୀକ ହୋଇଥାଏ। ତେବେ ଏ କାଗଜ ପୁତୁଳା ହଇରାଣ କରୁଥିବା କୌଣସି ସହକର୍ମୀ, ପୁରୁଣା ବନ୍ଧୁ ଯେ କେହି ବି ହୋଇପାରନ୍ତି। ଏହାପରେ ଏହାର ଆୟୋଜନ କରୁଥିବା ମହିଳାମାନେ ସେହି ଅନିଷ୍ଟକାରୀ ଆତ୍ମାକୁ ଭଗାଇବା ପାଇଁ ପ୍ରାର୍ଥନା କରି କାଗଜ ପୁତୁଳାକୁ ଜୋତାରେ ପିଟନ୍ତି। ଏହାଦ୍ୱାରା ନକାରାତ୍ମକତା ଓ ଦୁର୍ଭାଗ୍ୟ ଦୂରେଇଯାଏ ବୋଲି ବିଶ୍ୱାସ ରହିଛି। ଶେଷରେ ସେହି କାଗଜ ପୁତୁଳାକୁ ପୋଡ଼ି ଦିଆଯାଏ। ଏହିପରି ଭାବେ ଖରାପର ଅନ୍ତ ଘଟୁଥିବା ବୋଲି ବିଶ୍ୱାସ ଅଛି। ତେବେ ଏହି ପରମ୍ପରା ପାରମ୍ପରିକ ଚୀନ୍ କ୍ୟାଲେଣ୍ଡରର ଜିଙ୍ଗଜେ ସମୟରୁ ଲୋକପ୍ରିୟ। ଏହିଦିନ କିଛି ଲୋକ ଧଳା ବାଘକୁ ପ୍ରସାଦ ଲାଗି କରନ୍ତି। ଯାହାକୁ ଦୁର୍ଭାଗ୍ୟରୁ ରକ୍ଷା କରିବାର ପ୍ରତୀକ ବୋଲି ବିବେଚନା କରାଯାଏ। ସେହିପରି ଏହି ପରମ୍ପରା କେବଳ କ୍ରୋଧ ପ୍ରକଟ ପାଇଁ ନୁହେଁ, ବରଂ ସାଂସ୍କୃତିକ ଐତିହ୍ୟ ଏବଂ ମାନସିକ ଶାନ୍ତିର ମାଧ୍ୟମ। ଏପରିକି ଆଧୁନିକ ଚାକଚକ୍ୟତା ଭିତରେ ବି ଲୋକମାନେ ନିଜ ମୂଳ ପରମ୍ପରା ସହିତ ଜଡ଼ିତ ଥିବା ଏହା ପ୍ରତିଫଳିତ କରେ। ସେହିପରି ଏହି ରହସ୍ୟମୟୀ ପରମ୍ପରା ଏକଥା ଦର୍ଶାଏ ଯେ, ମଣିଷ ସବୁବେଳେ ଦୁର୍ଭାଗ୍ୟ ଏବଂ ମନ୍ଦ ତଥା ନକାରାତ୍ମକତାକୁ ଦୂର କରିବା ଲାଗି ଉପାୟ ଖୋଜି ଥାଏ।





## ବଦଳିବ 'ଲାହୋର ୧୯୪୭'ର ଟାଇଟଲ୍



ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ 'ଲାହୋର୍ ୧୯୪୭' ମାଧ୍ୟମରେ ପୁଣି ଥରେ ବଡ଼ ପରଦାରେ ଧମାଲ୍ କରିବାକୁ ଯାଉଛନ୍ତି। ଏହି ଫିଲ୍ମକୁ ନେଇ ଏବେ ଏକ ଖବର ଆସିଛି। ଫିଲ୍ମର ଟାଇଟଲ୍ ବଦଳିପାରେ ବୋଲି ଏବେ ଚର୍ଚ୍ଚା ହେଉଛି। ପ୍ରଥମେ ଫିଲ୍ମର ପ୍ରଯୋଜକଙ୍କୁ 'ଲାହୋର୍ ୧୯୪୭' ନାମ ଠିକ୍ ଲାଗିଥିଲା। ବିଭାଜନ ସମୟର ପାକିସ୍ତାନର ଲାହୋର ସହର ଉପରେ ଏହାର କାହାଣୀ ହୋଇଥିବାରୁ ପ୍ରଥମେ ଏହି ଟାଇଟଲ୍ ଠିକ୍ ଲାଗୁଥିଲା। ଫିଲ୍ମର କାହାଣୀ ଆଗକୁ ବଢ଼ିବା ପରେ ପ୍ରଯୋଜକ ଏହାର ଟାଇଟଲ୍ ଆହୁରି ଦମ୍‌ଦାର ହୋଇପାରିବ ବୋଲି ଏବେ ଅନୁଭବ କରୁଛନ୍ତି। ଟିମ୍ ପାଖରେ ଏନେଇ ବହୁତଗୁଡ଼ିଏ ବିକଳ୍ପ ମଧ୍ୟ ରହିଛି। ଖୁବ୍‌ଶୀଘ୍ର ଏହାର ନୂଆ ନାମ ଘୋଷଣା ହୋଇପାରେ ବୋଲି କୁହାଯାଉଛି। ଏହା ଆସନ୍ତା ଅଗଷ୍ଟ ୧୩ରେ ମୁକ୍ତିଲାଭ କରିବ। ଏଥିରେ ସନ୍ନିଙ୍କ ବିପକ୍ଷରେ ପ୍ରୀତି ଜିନ୍‌ଟା ନଜର ଆସିବେ। ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଅମିର୍ ଏହାର ପ୍ରଯୋଜକ ହେବା ସହ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ।

## ଆଜି ଆସିଥିଲେ

## କଥାଶିଳ୍ପୀ ମନୋଜ



ଭାରତୀୟ ସାହିତ୍ୟର ଅନନ୍ୟ କଥାଶିଳ୍ପୀ ଯଶସ୍ୱୀ ସାରସ୍ୱତ ସାଧକ ପଦ୍ମଭୂଷଣ ମନୋଜ ଦାସଙ୍କର ଆଜି ଜନ୍ମ ଜୟନ୍ତୀ। ଶବ୍ଦ, ଭାଷା ଓ ଭାବରେ ତାଙ୍କର ଅତୁଳନୀୟ ବିଜ୍ଞତା ରହିଥିଲା। ସେ ଥିଲେ ଉଭୟ ଇଂରାଜୀ ଏବଂ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ କଥାକାର। ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା ପୂର୍ବକ ଅଜସ୍ର ଗଳ୍ପ, କବିତା, ରମ୍ୟ ରଚନା, ପ୍ରବନ୍ଧ, ଭ୍ରମଣ କାହାଣୀ ତଥା କିଶୋର-ସାହିତ୍ୟ ସୃଷ୍ଟିକରି ସାହିତ୍ୟର ଜଗତକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଏକ ଦ୍ୱିଭାଷିକ ଲେଖକ ଭାବେ ଓଡ଼ିଆ ସାହିତ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ଏବଂ ପ୍ରଶଂସିତ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମନୋଜ ଦାସ ବାଲେଶ୍ୱର ଜିଲ୍ଲାର ଶଙ୍ଖାରି ଗ୍ରାମଠାରେ ୧୯୩୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମଧୁସୂଦନ ଦାସ ଓ ମାତାଙ୍କ ନାମ କାଦମ୍ବିନୀ ଦେବୀ। ମାତା କାଦମ୍ବିନୀ ଦେବୀଙ୍କ ପ୍ରଭାବରେ ବାଲ୍ୟକାଳରୁ ମନୋଜ ଦାସ ରାମାୟଣ ଓ ମହାଭାରତ ପ୍ରତି ଶ୍ରଦ୍ଧା ଜାତ ହୋଇଥିଲା। ସ୍କୁଲ୍‌ରେ ପଢୁଥିବା ସମୟରେ ୧୫ ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ପାଇଥିଲା। କଲେଜରେ ଅଧ୍ୟୟନ କାଳରେ ସେ ମାର୍କ୍ସବାଦ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେ ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜରୁ ସ୍ନାତକ ଏବଂ ରେଭେନ୍‌ସା କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରେ ସେ ଆଇନ ପାଠ ପଢ଼ିଥିଲେ। ମନୋଜ କିଛି କାଳ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରିଥିଲେ। ୧୯୬୩ରେ ସେ ପଣ୍ଡିଚେରୀ ଯାଇ ଶ୍ରୀଅରବିନ୍ଦ ଅନ୍ତର୍ଜାତୀୟ ଶିକ୍ଷା କେନ୍ଦ୍ରରେ ଇଂରାଜୀ ସାହିତ୍ୟର ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦଙ୍କ ଚେତନା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ସେ ନିଛକ ଓଡ଼ିଆ ଚଳଣି ଏବଂ ଜୀବନଧାରାକୁ ନେଇ ଅନେକ ପ୍ରସିଦ୍ଧ ଗଳ୍ପ ଲେଖିଛନ୍ତି। ତାଙ୍କର ରଚିତ 'ସମୁଦ୍ରର କ୍ଷୁଧା', 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ', 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ', ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ', 'ଲକ୍ଷ୍ମୀର ଅଭିସାର', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଶେଷ ବସନ୍ତର ଚିଠି' ଆଦି ଗଳ୍ପ ପୁସ୍ତକ ବହୁ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କର କବିତା ସଙ୍କଳନଗୁଡ଼ିକ ହେଲା 'ଶତାବ୍ଦୀର ଆର୍ତ୍ତନାଦ', 'କବିତା ଉତ୍କଳ', 'ତୁମ ଗାଁ ଓ ଅନ୍ୟାନ୍ୟ କବିତା'। ଏହାବ୍ୟତୀତ ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସଗୁଡ଼ିକ ମଧ୍ୟରେ 'ତନ୍ଦ୍ରାଲୋକର ପ୍ରହରୀ', 'ଆକାଶର ଇସାରା', 'ଅମୃତ ଫଳ', 'ଗୋଧୂଳିର ବାଘ', 'ପ୍ରଭଞ୍ଜନ', 'ବୁଲଡୋଜର୍ସ' ଆଦି ଅନ୍ୟତମ। ତାଙ୍କ ରଚିତ 'ଦି ଏସ୍‌କେପିଷ୍ଟ', ' ଏ ଟାଇଗର ଏଟ୍ ଟୁଇଲାଇଟ୍', 'ସାଇକ୍ଲୋନ୍', 'ବୁଲଡୋଜର୍ସ', 'ଦି କ୍ରୋକୋଡାଇଲ୍ସ ଲେଡି' ଆଦି ଇଂରାଜୀ ଉପନ୍ୟାସ ଓ ଗଳ୍ପ ସଂକଳନ ମଧ୍ୟ ବିଶ୍ୱ ସାହିତ୍ୟରେ ଖୁବ୍ ଆଦୃତି ଲାଭ କରିଛି। ସାରସ୍ୱତ ସାଧନା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମି, କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ସମେତ ସରସ୍ୱତୀ ସମ୍ମାନ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ପଦ୍ମଶ୍ରୀ, ପଦ୍ମଭୂଷଣ ପ୍ରମୁଖ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମନୋଜ ଦାସଙ୍କୁ ତାଙ୍କର ନିଆରା ଲେଖା ଶୈଳୀ ପାଇଁ ଓଡ଼ିଆ ସାହିତ୍ୟର ବିଷ୍ଣୁ ଶର୍ମା ବୋଲି କୁହାଯାଏ। ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖରେ ପୁଡୁଚେରୀରେ ତାଙ୍କର ଦେହାନ୍ତ ହୋଇଥିଲା।

## ସଞ୍ଜୀବନୀ

## କାଶରୁ ଜଣାପଡ଼ିବ ରୋଗ



ଅଧୁନା ସ୍ୱାସ୍ଥ୍ୟକ୍ଷେତ୍ରରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢୁଛି। ଏଆଇ ରୋଗ ନିର୍ଣ୍ଣୟ, ଗବେଷଣା ଏବଂ ଚିକିତ୍ସାକୁ ଅଧିକ ସଠିକ ଏବଂ ସହଜ କରିଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏମ୍ସର ଡାକ୍ତରମାନେ କର୍ଣ୍ଣାଟକରେ ବିକଶିତ କରାଯାଇଥିବା 'ଶ୍ୱାସା' ନାମକ ଏଆଇ (ମୋବାଇଲ ଆପ୍) ଉପରେ ଅଧ୍ୟୟନ କରିଛନ୍ତି। ଏଆଇ ଆପ୍ ସ୍ମାର୍ଟଫୋନ୍ ମାଧ୍ୟମରେ ରୋଗୀଙ୍କ କାଶ ଶବ୍ଦ ଶୁଣି ଏହାକୁ ବିଶ୍ଳେଷଣ କରିଥାଏ। ପୀଡ଼ିତଙ୍କ ଫୁସ୍‌ଫୁସ୍ ଓ ଶ୍ୱାସତନ୍ତ୍ରରେ କେଉଁ ରୋଗ ହୋଇଛି ତାହାକୁ ଜାଣିପାରେ। ଏହି କୌଶଳରେ ସିଓପିଡି ପରି ଗମ୍ଭୀର ରୋଗ ଚିହ୍ନଟ କରାଯାଇପାରିବ। ଏଥିପାଇଁ ଡାକ୍ତରମାନେ ଅଧ୍ୟୟନ ପାଇଁ ୪୬୦ ଲୋକଙ୍କ କାଶ ନମୁନା ନେଇଥିଲେ। ଏଆଇ ବିଶ୍ଳେଷଣ କରି ସଠିକ ଯାଞ୍ଚ କରିଥିଲା। ଏନେଇ ଦିଲ୍ଲୀ ଏମ୍ସର ପ୍ରମୁଖ ଡାକ୍ତର ହର୍ଷଲ ରମେଶ ସାଲବେ କୁହନ୍ତି, ମୋବାଇଲ ସାମ୍ନାରେ କାଶିଲେ ଏହି ଏଆଇ ଆପ୍ କାଶକୁ ରେକର୍ଡ କରିଥାଏ। ଏହି କୌଶଳ କାଶ ଶବ୍ଦର ସୂକ୍ଷ୍ମତାକୁ ବୁଝେ। ଏହା ରୋଗୀର ଲକ୍ଷଣକୁ କାଶ ସହିତ ମିଶାଇ ଏକ ସ୍ୱାସ୍ଥ୍ୟ ସ୍କୋର ପ୍ରଦାନ କରେ। ଏଆଇ ଆପ୍ ଶ୍ୱାସକ୍ରିୟାରେ ସମସ୍ୟା ଏବଂ ଫୁସ୍‌ଫୁସର ଅସାମାନ୍ୟତାର ସଙ୍କେତକୁ ଚିହ୍ନଟ କରିବା ପାଇଁ ସୂକ୍ଷ୍ମ ସ୍ୱର ନମୁନାକୁ ବିଶ୍ଳେଷଣ କରି ମାତ୍ର ପାଞ୍ଚ ମିନିଟ୍‌ରେ ଫଳାଫଳ ଦେଇଥାଏ। ସାଧାରଣତଃ ଫୁସ୍‌ଫୁସ୍ ରୋଗ ଚିହ୍ନଟ ପାଇଁ ସ୍ପାଇରୋମିଟର ଆବଶ୍ୟକ ପଡ଼େ। ଏହି ମେସିନ୍‌ର ଦାମ୍ ଅଧିକ। ଏହାପାଇଁ ଅଭିଜ୍ଞ ଡାକ୍ତରଙ୍କ ଆବଶ୍ୟକ ହୁଅନ୍ତି। ହେଲେ ଏଆଇ ଆଧାରିତ ଏହି ପ୍ଲାଟଫର୍ମରେ ହସ୍‌ପିଟାଲରେ ଥିବା କର୍ମଚାରୀ ଯାଞ୍ଚ କରିପାରିବେ। ଏଥିରେ ଡାକ୍ତର ରୋଗ ଚିହ୍ନଟ କରିବା ସହ ଏହାର ଚିକିତ୍ସା ପଦ୍ଧତି କ'ଣ ରହିଛି ତାହା ସୁନିଶ୍ଚିତ ହୋଇଥାନ୍ତି।

## ଆଧୁନିକ ଚିକିତ୍ସାରେ ପେଟ୍ ସ୍କାନ୍



ପେଟ୍ ସ୍କାନ୍ ଏକ ଉନ୍ନତ ଇମେଜିଂ ପରୀକ୍ଷଣ। ପେଟ୍ ସ୍କାନ୍‌କୁ ପୋଜିଟ୍ରନ୍ ଏମିଶନ ଟୋମୋଗ୍ରାଫି ସ୍କାନ୍ କୁହାଯାଏ। ଏହା ମୁଖ୍ୟତଃ କର୍କଟ, ହୃଦ୍‌ରୋଗ ଏବଂ ମସ୍ତିଷ୍କ ବିକାରକୁ ଚିହ୍ନଟ କରିବାକୁ କରାଯାଏ। ଏହି ରୋଗର ଚିକିତ୍ସା ଉପରେ ନଜର ରଖିବାକୁ ବ୍ୟବହୃତ ହୁଏ। ଏଥିରେ ଏକ ସୁରକ୍ଷିତ ରେଡିଓଆକ୍ଟିଭ ଟ୍ରେସର ଉପଯୋଗ କରି ଶରୀରର କୋଷୀୟ କାର୍ଯ୍ୟପ୍ରଣାଳୀର ଫଟୋ ନିଆଯାଏ। ଏହା ଯନ୍ତ୍ରଣାଦାୟକ ନୁହେଁ। ଏଥିପାଇଁ ୩୦ରୁ ୬୦ ମିନିଟ୍ ସମୟ ଲାଗିଥାଏ। ଫଟୋ ଦେଖି ଡାକ୍ତର ରୋଗର ସ୍ଥିତି ଏବଂ ଗତିକୁ ଆକଳନ କରିପାରନ୍ତି। ପେଟ୍ ସ୍କାନ୍ କର୍କଟର ପ୍ରାରମ୍ଭିକ ଚିହ୍ନଟ, ଉପଚାରର ପ୍ରଭାବକୁ ମାପିବା, ମସ୍ତିଷ୍କ ଏବଂ ହୃଦୟ ସମସ୍ୟାର ଯାଞ୍ଚ କରେ। ଏହା ବହୁତ ସୁରକ୍ଷିତ। ହେଲେ ଏହି ପ୍ରକ୍ରିୟା ପାଇଁ ୨ରୁ ୩ଘଣ୍ଟା ସମୟ ଲାଗିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପେଟ୍ ସ୍କାନ୍‌ରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତନ୍ମଧ୍ୟରୁ ଆଲର୍ଜିକ ପ୍ରତିକ୍ରିୟା, ଶାରୀରିକ ସମସ୍ୟା, ରେଡିଏସନ୍ ଏକ୍ସପୋଜର ଆଦି ଦେଖାଯାଏ। ତେଣୁ ଶରୀରରେ କୌଣସି ପ୍ରକାର ଆଲର୍ଜି ଥିଲେ, ସ୍ତନପାନ କରାଉଥିଲେ ପେଟ୍ ସ୍କାନ୍ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ କରିବା ନିତାନ୍ତ ଆବଶ୍ୟକ।

## ସକାଳ'ର ସ୍ୱାସ୍ଥ୍ୟ

## ଆଇବିଡି

**ଆଇବିଡ଼ି ବା ଇନ୍‌ଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ୍ ଏକ ପ୍ରଦାହଜନକ ରୋଗ। ଭାରତରେ ଅଧିକାଂଶ ଲୋକ ଏହି ରୋଗରେ ପୀଡ଼ିତ। ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସାକୁ ବୁଝି ଯତ୍ନ ନେବା ଏକାନ୍ତ ଆବଶ୍ୟକ।**


ଆଇବିଡି ପାଚନ ଏବଂ ଅନ୍ତନଳୀ ସମ୍ବନ୍ଧିତ ଗମ୍ଭୀର ରୋଗ। ଏହି ରୋଗ ସୃଷ୍ଟି ହେବାରେ ଅତ୍ୟାଧୁନିକ ଜୀବନଶୈଳୀ, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ସେବନ, ବଂଶାନୁଗତ ରୋଗ, ବାହ୍ୟବାତାବରଣ ଏବଂ ଅନ୍ତଜୀବାଣୁର ଭୂମିକା ଥାଏ। ଏହା ଯେକୌଣସି ବୟସର ଲୋକଙ୍କୁ ପ୍ରଭାବିତ କରିପାରେ। ଏହି ରୋଗ ହେଲେ ପୀଡ଼ିତଙ୍କଠାରେ ତରଳଝାଡ଼ା, ମଳରେ ରକ୍ତ ଆସିବା, କୋଷ୍ଠକାଠିନ୍ୟ ସମସ୍ୟା, ଓଜନ କମ୍ ହେବା, ଗଣ୍ଠି ଯନ୍ତ୍ରଣା, ଥକ୍କାପଣ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ମୁଖ୍ୟତଃ ଏହା ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇଥିଲେ ମଧ୍ୟ ଅନେକ ଏହାକୁ ସାଧାରଣ ଭାବି ଅଣଦେଖା କରନ୍ତି। ରୋଗର ତୀବ୍ରତା ଅଧିକ ହେଲେ ଏହା ପାଚନତନ୍ତ୍ରର ଯେକୌଣସି ଅଙ୍ଗକୁ ପ୍ରଭାବିତ କରିପାରେ। ପେଟ ଫୁଲିବା ସହ କୋଷ୍ଠକାଠିନ୍ୟ ଏବଂ ପେଟରେ ଘା' ମଧ୍ୟ ହୋଇପାରେ। କିଛି ମହିଳାଙ୍କ କ୍ଷେତ୍ରରେ ଗର୍ଭବସ୍ଥା ସମୟରେ ଏହି ସମସ୍ୟା ହୋଇଥାଏ। ତେଣୁ ମହିଳାମାନଙ୍କଠାରେ ପାଚନ ଜନିତ ସମସ୍ୟା ଦେଖାଦେଲେ ଗର୍ଭଧାରଣ ପୂର୍ବରୁ ଏନେଇ ଯାଞ୍ଚ କରିବା ଜରୁରି। ରୋଗ ନିୟନ୍ତ୍ରଣ ପାଇଁ ଡାକ୍ତରଙ୍କ ପରାର୍ଶରେ ଔଷଧ ସେବନ କରିବା ସହ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଆବଶ୍ୟକ। ପ୍ରାଣାୟମ କରିପାରିବେ। ଜୀବନଶୈଳୀରେ ପରିବର୍ତ୍ତନ ଆଣି ଏହି ରୋଗ ସମସ୍ୟାକୁ ଦୂର କରିହେବ।



## ଉପକାରୀ ପିଜୁଳି ମଞ୍ଜି

**ଭାରତରେ ଆୟୁର୍ବେଦର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ଆୟୁର୍ବେଦରେ ବିଭିନ୍ନ ମଞ୍ଜିକୁ ଔଷଧ, ଖାଦ୍ୟ-ପାନୀୟ ଭାବରେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି। ଏହି କ୍ରମରେ ଆୟୁର୍ବେଦରେ ପିଜୁଳି ମଞ୍ଜିର ଅନେକ ଔଷଧୀୟ ଗୁଣ ରହିଛି।**

- ପିଜୁଳି ମଞ୍ଜିରେ ଥିବା ପ୍ରୋଟିନ୍, ପୋଷକତତ୍ତ୍ୱ, ଆଣ୍ଟି ଅକ୍ସିଡାଣ୍ଟ ପାଚନକ୍ରିୟାକୁ ସକ୍ରିୟ କରେ। କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିପାରେ।
- ପିଜୁଳି ମଞ୍ଜିରେ ଥିବା ପ୍ରାକୃତିକ ତେଲ ଏବଂ ଆଣ୍ଟିଅକ୍ସିଡାଣ୍ଟ କୋଲେଷ୍ଟ୍ରଲକୁ ସନ୍ତୁଳିତ ରଖେ। ହୃଦ୍‌ରୋଗ ଆଶଙ୍କାକୁ କମ୍ କରେ। ଏହା ରକ୍ତ ଶର୍କରାକୁ ନିୟନ୍ତ୍ରିତ ରଖି ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। ପିଜୁଳି ମଞ୍ଜି ଓଜନ ନିୟନ୍ତ୍ରଣ, ଦୃଷ୍ଟିଶକ୍ତି ବୃଦ୍ଧି, ତ୍ୱଚାକୁ ସଫା ରଖିବାରେ ସାହାଯ୍ୟ କରେ। ମାତ୍ରାଧିକ ପିଜୁଳି ମଞ୍ଜି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଏକାନ୍ତ ଆବଶ୍ୟକ।





## ଅତ୍ୟଧିକ ଚିନ୍ତା କ୍ଷତିକାରକ

**ଆଜିକାଲି ଅଧିକାଂଶ ଲୋକ ବ୍ୟସ୍ତ ଜୀବନଶୈଳୀରେ ଚିନ୍ତାଗ୍ରସ୍ତ ହୋଇ ରହିଥାନ୍ତି। ଚିନ୍ତାରେ ମୁଣ୍ଡକୁ ନାନା ଭାବନା ଆସିଥାଏ। ଛୋଟ ଛୋଟ କଥାକୁ ଜଣେ ବାରମ୍ବାର ଭାବନ୍ତି। ନକାରାତ୍ମକ ଚିନ୍ତାଧାରା ଯୋଗୁଁ ମନ ଅଶାନ୍ତି ରୁହେ। ଏହାର ପ୍ରଭାବ ନିଦ ଉପରେ ପଡ଼ିଥାଏ। ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବା କ୍ଷତିକାରକ। ଏହାଦ୍ୱାରା ଜଣେ ମାନସିକ ରୋଗର ଶିକାର ହୋଇପାରନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ କିଛି ସହଜ ଉପାୟ ଆପଣାଇପାରିବେ।**

ମନକୁ ଶାନ୍ତ ଏବଂ ସକାରାତ୍ମକ ରଖି ଚିନ୍ତାରୁ ମୁକ୍ତି ପାଇ ପାରିବେ। ନିଜକୁ ବ୍ୟସ୍ତ ରଖନ୍ତୁ। ପଢ଼ାପଢ଼ି କିମ୍ବା ଯେଉଁଥିରେ ରୁଚି ରହିଛି ସେହି କାମ କରି ପାରିବେ। ଚିନ୍ତାରୁ ମୁକ୍ତି ପାଇବା ପାଇଁ ଏକାକୀ ରହିବା ପରିବର୍ତ୍ତେ ପରିବାର ବା ବନ୍ଧୁଙ୍କ ସହ ସମୟ ବିତାନ୍ତୁ। ପ୍ରତିଦିନ ୫ରୁ ୧୦ ମିନିଟ୍ ଧୀରେ ଧୀରେ କରି ଗଭୀର ନିଃଶ୍ୱାସ ନେଇ ପାରିବେ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଚିନ୍ତା କମ୍ ହୁଏ। ଚିନ୍ତା କମାଇବାକୁ ପ୍ରକୃତି ସହିତ ସମୟ ବିତାଇବା ଭଲ। ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ ଚିନ୍ତା ହ୍ରାସ ପାଇଁ ଯୋଗ ବା ପ୍ରାଣାୟାମ କରିପାରିବେ। ଏସବୁ ସତ୍ତ୍ୱେ ଚିନ୍ତା କରୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ।

ସକାଳ
THE SAKALA
www.sakalaepaper.com

ଟି-୨୦ ବିଶ୍ୱକପ୍: ଅଭିଷେକ-ପାଣ୍ଡ୍ୟା-ତିଲକଙ୍କ ବିସ୍ଫୋରଣ; ଜିମ୍ବାୱେ ବିଦା

# ଭାରତର ସେମିଫାଇନାଲ୍ ଆଶା ଉଜ୍ଜୀବିତ



ଚେନ୍ନାଇ, ୨୬।୨ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍ ସୁପର୍-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ ଭାରତ ୭୨ ରନର ବଡ଼ ବ୍ୟବଧାନରେ ଜିମ୍ବାୱେକୁ ପରାସ୍ତ କରିଛି। ଫଳରେ ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାସ୍ତ ହୋଇଥିବାରୁ ଭାରତ ଏବେ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଗ୍ରୁପ୍-୧ରୁ ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ଟିକଟ୍ ହାସଲ କରିସାରିଛି। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ଲେଖାଏ ପାଇଥିବା ଭାରତ ଓ ୱେଷ୍ଟଇଣ୍ଡିଜ ମୁକାବିଲା ଉପରେ ସମସ୍ତଙ୍କ ନଜର ରହିଛି। ମାର୍ଚ୍ଚ ୧ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ଗ୍ରୁପ୍-୧'ରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବ।

ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୬ ରନର ବିଶାଳ ସ୍କୋର କରିଥିଲା। ଓପନର ଅଭିଷେକ ଶର୍ମା (୫୫ ରନ, ୩୦ ବଲ୍) ଓ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲରେ ଅପରାଜିତ ୫୫ ରନ) ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତିଲକ ବର୍ମା ୪ ଛକା ଓ ୩ ଚୌକା ସହ ୧୬ ବଲରୁ ୪୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳକୁ ଫେରିଥିବା ସଞ୍ଜୁ ସାମସନ ୨୪, ଇଶାନ କିଶାନ ୩୮, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୩ ରନ କରିଥିଲେ। ଅସମାପ୍ତ ୫ମ ୱିକେଟ ଯୋଡ଼ିରେ ପାଣ୍ଡ୍ୟା ଓ ତିଲକ ୩୧ ବଲରୁ ୮୪ ରନ ଉଠାଇଥିଲେ। ଯେଉଁଥି ପାଇଁ ଦଳୀୟ ସ୍କୋର ଅଢ଼େଇ ଶହ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା।

ଜବାବରେ ଜିମ୍ବାୱେ ଓପନର୍ ବ୍ରାଏନ ବେନେଟଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ୬ ୱିକେଟରେ ୧୮୪ ରନ କରିପାରିଥିଲା। ବେନେଟ ୬ ଛକା ଓ ୮ ଚୌକା ସହ ୫୯ ବଲରୁ ୯୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଧିନାୟକ ସିକନ୍ଦର ୩୧, ଟି. ମାରୁମାନି ୨୦ ରନ କରିଥିଲେ। ଅର୍ଶଦୀପ୍ ସିଂହଙ୍କୁ ୩ଟି ଏବଂ ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ ଓ ଶିଭମ ଦୁବେଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ପାଣ୍ଡ୍ୟା ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ରେକର୍ଡ ବିଶ୍ୱକପ୍ ସ୍କୋର

ଭାରତ କରିଥିବା ସ୍କୋର (୨୫୬/୪) ଟି-୨୦ ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର ହୋଇଛି। ପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୬ ୱିକେଟରେ ୨୬୦ ରନ ସଂଗ୍ରହ କରିଥିଲା। ସେହିଭଳି ଦୁଇ ଦିନ ତଳେ ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜ ୬ ୱିକେଟରେ ୨୫୪ ରନ କରି ତାଲିକାର ୩ୟ ସ୍ଥାନରେ ରହିଛି। ଅପରପକ୍ଷରେ ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ଭାରତର ଏହା ସର୍ବୋଚ୍ଚ ଦଳଗତ ସ୍କୋର ହୋଇଛି। ପୂର୍ବରୁ ୨୦୦୭ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ଭାରତ ୪ ୱିକେଟରେ ୨୧୮ ରନ କରିଥିଲା।

## ୱେଷ୍ଟଇଣ୍ଡିଜକୁ ହରାଇଲେ ସେମି ଟିକଟ୍

ବିଶ୍ୱକପ୍ ସୁପର୍-୮ ପର୍ଯ୍ୟାୟର ଗ୍ରୁପ୍-୧ ଏବେ ରୋମାଞ୍ଚକ ସ୍ଥିତିରେ ରହିଛି। ଦୁଇଟି ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଏବେ ମାର୍ଚ୍ଚ ୧ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ୨ଟି ମ୍ୟାଚରୁ ୨ ପଏଣ୍ଟ ପାଇଛନ୍ତି। ତେଣୁ ଶେଷ ମାର୍ଚ୍ଚରେ ଯେଉଁ ଦଳ ବିଜୟୀ ହେବ ସେମିଫାଇନାଲ ଟିକଟ୍ ହାସଲ କରିବ। ତେଣୁ ଉଭୟ ଦଳ ଲାଗି ଏହା କ୍ୱାର୍ଟର ସଦୃଶ ହୋଇଛି। ଯଦି ବର୍ଷା ଲାଗି ମ୍ୟାଚ୍ ବାତିଲ ହୁଏ ତେବେ ୱେଷ୍ଟଇଣ୍ଡିଜ (+୧.୭୯୧) ଉନ୍ନତ ରନରେଟ୍ ଆଧାରରେ ଭାରତ (-୦.୧୦୦)କୁ ପଛରେ ପକାଇ ସେମିଫାଇନାଲରେ ପହଞ୍ଚିବ।

### ସଂକ୍ଷିପ୍ତ ସ୍କୋର

ଭାରତ: ୨୫୬/୪, ୨୦ ଓଭର (ଅଭିଷେକ- ୫୫, ପାଣ୍ଡ୍ୟା- ଅପରାଜିତ ୫୦, ତିଲକ- ଅପରାଜିତ ୪୪, ସୂର୍ଯ୍ୟକୁମାର- ୩୩, ସାମସନ- ୨୪, ଇଶାନ- ୩୮, ସିକନ୍ଦର- ୧/୨୯)।

ଜିମ୍ବାୱେ: ୧୮୪/୬, ୨୦ ଓଭର (ବେନେଟ- ଅପରାଜିତ ୯୭, ରାଜା- ୩୧, ଟୋନୀ- ୧୧, ଅର୍ଶଦୀପ୍- ୩/୧୧)।

# ଅପରାଜେୟ ସହ ସେମିରେ ଦକ୍ଷିଣ ଆଫ୍ରିକା



ଅହମ୍ମଦାବାଦ, ୨୬।୨ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଦଳ ଏହାର ଅପରାଜେୟ ଧାରା ବଜାୟ ରଖି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ସୁପର୍-୮ ପର୍ଯ୍ୟାୟର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେ ସହଜରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ପୂର୍ବରୁ ଭାରତକୁ ୭୬ ରନରେ ହରାଇଥିବା ଦକ୍ଷିଣ ଆଫ୍ରିକା ସୁପର-୮ରେ ଏହି ଦ୍ୱିତୀୟ ବିଜୟ ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଛି।

ଏହି ମ୍ୟାଚରେ ୧୭୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଅଧିନାୟକ ଆଇଡେନ ମାର୍କରମ ଓ କ୍ୱିଣ୍ଟନ ଡି କକ୍ ପ୍ରଥମ ୱିକେଟରେ ୪୮ ବଲରୁ ୯୫ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ। ୪ଟି ଲେଖାଏ ଚୌକା ଓ ଛକା ସହ ୨୪ ବଲରୁ ୪୭ ରନ କରିଥିବାବେଳେ ଡି କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ମାର୍କରମଙ୍କ ସହ ରିକ୍‌ଲେନଟ ଯୋଗ ଦେଇ ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ବିଜୟୀ କରାଇଥିଲେ। ୧୬.୧ ଓଭରରେ ଦକ୍ଷିଣ ଆଫ୍ରିକା ସହଜରେ ଲକ୍ଷ୍ୟ ହାସଲ କରିନେଇଥିଲା। ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ମାର୍କରମ ୮୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୪୬ ବଲର ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୭ଟି ଚୌକା ଓ ୪ଟି ଛକା ମାରିଥିଲେ। ସେହିଭଳି ରିକ୍‌ଲେଟନ ୪ଟି ଚୌକା ଓ ୨ଟି ଛକା ସହ ୨୮ ବଲରୁ ୪୫ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ୱିକେଟ୍ ଭାଗୀଦାରିରେ ଏହି ଦୁଇ ବ୍ୟାଟର୍ ୪୯ ବଲରୁ ୮୨ ରନ ସଂଗ୍ରହ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୧୧ ଓଭର ଚାଲିଥିବାବେଳେ ୮୩ ରନରେ ୭ଜଣ ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ୮ମ ୱିକେଟ ଯୋଡ଼ିରେ ଜାସନ ହୋଲ୍ଡର (୩୧ ବଲରେ ୪୯ ରନ) ଓ ରୋମାରିଓ ସେଫର୍ଡ (୩୭ ବଲରେ ଅପରାଜିତ ୫୨ ରନ) ୫୭ ବଲରୁ ୮୯ ରନ ଭାଗୀଦାରି ଗଢ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୮ ୱିକେଟରେ ୧୭୬ ରନର ସମ୍ମାନଜନକ ସ୍କୋର ଠିଆ କରିପାରିଥିଲା। ଦକ୍ଷିଣ ଆଫ୍ରିକା ପାଇଁ ଲୁନଗି ଏନଗିଡି ୩ ଏବଂ କାଗିସୋ ରାବାଡା ଓ କୋର୍ବିନ ବୋଷ୍ଟ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ଆଜିର ସୁପର ଏଇଟ୍‌ସ ମ୍ୟାଚ୍

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ନ୍ୟୁଜିଲାଣ୍ଡ-ଇଂଲଣ୍ଡ | ରାତି ୭ଟା | କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ: ୧୭୬/୮, ୨୦ ଓଭର (ଶେଫର୍ଡ- ୫୨, ହୋଲ୍ଡର- ୪୯, କିଙ୍ଗ- ୨୧, ହୋପ- ୧୬, ଲୁନଗି- ୩/୩୦)।

ଦକ୍ଷିଣ ଆଫ୍ରିକା: ୧୭୭/୧, ୧୬.୧ ଓଭର (ମାର୍କରମ- ଅପରାଜିତ ୮୨, ରିକ୍‌ଲେନଟନ- ଅପରାଜିତ- ୪୫, ଡିକକ୍- ୪୭, ଚେଜ- ୧/୪୬)।

# ଶ୍ରୀଲଙ୍କା କ୍ରିକେଟ୍ ଉପରୁ ଭରସା ତୁଟାଅନି: ଶନକା



କଲମ୍ବୋ, ୨୬।୨ (ଏଜେନ୍ସି): ସହ-ଆୟୋଜକ ଶ୍ରୀଲଙ୍କା ଚଳିତ ବିଶ୍ୱକପ୍ର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଯାଇଛି। ବୁଧବାର ଏଠାରେ ଅନୁଷ୍ଠିତ ସୁପର୍-୮'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ନ୍ୟୁଜିଲାଣ୍ଡ ୬୧ ରନରେ ଶ୍ରୀଲଙ୍କାକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ସୁପର୍-୮ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଇଂଲଣ୍ଡ (୫୧ ରନରେ) ନିକଟରୁ ହାରିଥିବା ଘରୋଇ ଶ୍ରୀଲଙ୍କାର ସେମିଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଛି। ଶ୍ରୀଲଙ୍କା କ୍ରମାଗତ ୫ମଥର ଲାଗି ଟି-୨୦ ବିଶ୍ୱକପ୍ ସେମିଫାଇନାଲ ଦୌଡ଼ରୁ ବାହାର ହୋଇଛି। ଏହି ପରାଜୟକୁ କିନ୍ତୁ ଶ୍ରୀଲଙ୍କା ଦଳର ପୂର୍ବତନ କ୍ରିକେଟର୍ ଓ ପ୍ରଶଂସକ ସହଜରେ ଗ୍ରହଣ କରିପାରି ନାହାନ୍ତି। ପରାଜୟକୁ ନେଇ ପ୍ରଶଂସକମାନେ ଦଶୁନ ଶନକାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳକୁ ତୀବ୍ର ଭର୍ତ୍ସନା କରିଛନ୍ତି। ତେବେ ଅଧିନାୟକ ଶନକା ଦଳର ପ୍ରଦର୍ଶନକୁ ନେଇ ଦେଶବାସୀଙ୍କ ସାମ୍ନାରେ ମତ ରଖିଛନ୍ତି। ଫେସବୁକ୍‌ରେ ଏକ ବିବୃତ୍ତି ଜାରି କରି ଶନକା କହିଛନ୍ତି, 'ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିବାରୁ ମୁଁ ବହୁତ ଦୁଃଖିତ। ସହ-ଆୟୋଜକ ଦେଶ ଭାବେ ଆମେ ସ୍ୱଷ୍ଟ ଯୋଜନା ଓ ଦୃଢ଼ ମନୋବଳ ନେଇ ବିଶ୍ୱକପ ଖେଳିବାକୁ ପଡ଼ିଆକୁ ଓହ୍ଲାଇଥିଲୁ। କିନ୍ତୁ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲୁ ଏବଂ ଯୋଜନାକୁ କାର୍ଯ୍ୟକାରୀ କରିପାରି ନ ଥିଲୁ। ମୁଁ ଭଲ ଭାବେ ଜାଣିଛି ଯେ ଏହି ପ୍ରଦର୍ଶନ ଦେଶର ପ୍ରଶଂସକଙ୍କ ମନୋବଳ ଭାଙ୍ଗିଦେଇଛି। ସେମାନେ ଆଘାତ ଓ କ୍ରୋଧିତ ହୋଇଛନ୍ତି। କିନ୍ତୁ ମୁଁ ବିନମ୍ରତାର ସହ ଦେଶର ପ୍ରଶଂସକଙ୍କୁ କହୁଛି ଯେ ସେମାନେ ଶ୍ରୀଲଙ୍କା କ୍ରିକେଟ୍ ଉପରୁ ଭରସା ତୁଟାନ୍ତୁ ନାହିଁ। ଦେଶର କ୍ରିକେଟ୍ ଲିଗାସିକୁ ଆଗକୁ ନେବା ପାଇଁ ଖେଳାଳିମାନେ ପ୍ରତିବଦ୍ଧ' ବୋଲି ଶନକା କହିଛନ୍ତି।

# ଫୁଟ୍‌ବଲ୍ କ୍ଲବ୍ କିଣିଲେ ରୋନାଲ୍ଡୋ



ମାଡ୍ରିଦ, ୨୬।୨ (ଏଜେନ୍ସି): ପର୍ତ୍ତୁଗାଲର ମହାନ ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ଏବେ ଖେଳାଳିରୁ ମାଲିକ ବନିଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ସ୍ପେନର ଦ୍ୱିତୀୟ ଡିଭିଜନ କ୍ଲବ 'ୟୁଡି ଆଲମେରିଆ'ର ସହ-ମାଲିକ ହୋଇଛନ୍ତି। ସାଉଦି ଆରବର ଇନଭେଷ୍ଟର ମହମ୍ମଦ ଅଲ୍-ଖେରେଇଜିଙ୍କ ଏସଏମସି ଗ୍ରୁପ୍ ମାଲିକାନାରେ ଥିବା ଏହି କ୍ଲବର ୨୫ ପ୍ରତିଶତ ଅଂଶଧନ ରୋନାଲ୍ଡୋ କ୍ରୟ କରିଛନ୍ତି। ରୋନାଲ୍ଡୋଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ସିଆର୍୭ ସ୍ପୋର୍ଟ୍ସ ଇନଭେଷ୍ଟମେଣ୍ଟ କମ୍ପାନୀ' ଏହି ନିବେଶ କରିଥିବା ଜଣାପଡ଼ିଛି। ତେବେ ଏହି ନିବେଶର ଆର୍ଥିକ ବିବରଣୀ ପ୍ରକାଶ କରାଯାଇନାହିଁ। 'ପଡ଼ିଆ ବାହାରେ ଫୁଟ୍‌ବଲରେ ଅବଦାନ ଦେବା ମୋର ଦୀର୍ଘ ଦିନର ଇଚ୍ଛା ଥିଲା' ବୋଲି ରୋନାଲ୍ଡୋ ତାଙ୍କ ବିବୃତ୍ତିରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରୋନାଲ୍ଡୋ ତାଙ୍କ କ୍ୟାରିୟରରେ ଦୀର୍ଘ ୯ ବର୍ଷ ସ୍ପାନିଶ କ୍ଲବ ରିୟଲ ମାଡ୍ରିଦ ପାଇଁ ଖେଳି ୨ଥର ଲା ଲିଗା ଟ୍ରଫି ଜିତିଥିଲେ। ବର୍ତ୍ତମାନ ସେ ସାଉଦୀ ପ୍ରୋ ଲିଗ୍‌ରେ ଅଲ୍-ନାସାର କ୍ଲବ ପାଇଁ ୨୦୨୨ରୁ ପ୍ରତିନିଧିତ୍ୱ କରିଆସୁଛନ୍ତି।

# ଜର୍ମାନୀ ଓପନ: ଦ୍ୱିତୀୟ ରାଉଣ୍ଡରେ ଶ୍ରୀକାନ୍ତ

ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି): ଜର୍ମାନୀ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭେଟେରାନ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଶ୍ରୀକାନ୍ତ ୨୧-୧୨, ୨୧-୧୧ ସିଧାସଳଖ ଗେମ୍‌ରେ ପୋଲାଣ୍ଡର ମିକୋଲାଲ ଜିମାନୋୱସ୍କିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟତମ ଭାରତୀୟ କିରନ ଜର୍ଜ ଓ ତରୁନ ମାନେପାଲ୍ଲି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ତସନିମ ମିର୍, ଇଶାରାଣୀ ବରୁଆ, ଆକର୍ଷୀ କାଶ୍ୟପ, ରକ୍ଷିତା ଶ୍ରୀ, ମାଳବିକା ବଂଶୋଦ ଓ ତନଭି ଶର୍ମା ମଧ୍ୟ ପ୍ରଥମ ରାଉଣ୍ଡରେ ପରାଜୟର ସାମ୍ନା କରିଥିଲେ।

# ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ହୋବାର୍ଟ, ୨୬।୨ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ବିଶ୍ୱ ଚାମ୍ପିଅନ ଭାରତୀୟ ମହିଳା କ୍ରିକେଟ୍ ଦଳ ଏବେ ଦିନିକିଆ ସିରିଜ ପରାଜୟକୁ ଏଡ଼ାଇବା ଲକ୍ଷ୍ୟରେ ରହିଛି। ସିରିଜର ପ୍ରଥମ ଦିନିକିଆକୁ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ୬ ୱିକେଟରେ ସହଜରେ ଜିତିନେଇଥିଲା। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଶୁକ୍ରବାର ଏଠାରେ ଖେଳାଯିବ। ତେଣୁ ୧-୦ରେ ପଛୁଆ ରହିଥିବା ହରମନପ୍ରୀତ୍ କୌରଙ୍କ ଦଳ ଏହି ମ୍ୟାଚ୍ ଜିତି ସିରିଜକୁ ବରାବର୍‌ସ୍ଥିତିକୁ ଆଣିବାକୁ ଲକ୍ଷ୍ୟ ରଖିଛି। ଆଲିସା ହେଲୀଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ଜିତି ଟି-୨୦ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

# ଦୁବାଇ ଓପନ୍ ସେମିରେ ମେଡଭେଡେଭ

ଦୁବାଇ, ୨୬।୨ (ଏଜେନ୍ସି): ରୁଷିଆ ତାରକା ଡାନିଲ ମେଡଭେଡେଭ ଏଠାରେ ଚାଲିଥିବା ଦୁବାଇ ଓପନ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଲଢ଼େଇରେ ୩ ସିଡ୍ ମେଡଭେଡେଭ ୬-୨, ୬-୧ ସିଧାସଳଖ ସେଟରେ ଆମେରିକାର ଜେନସନ ବ୍ରୁକ୍ସବେଙ୍କୁ ହରାଇଥିଲେ। ଏଠାରେ ବିଜୟୀ ହେଲେ ଡାନିଲଙ୍କ କ୍ୟାରିୟରର ଏହା ୨୨ତମ ଟାଇଟଲ୍ ହେବ। ତେବେ ମେଡଭେଡେଭ ଆଜି ପର୍ଯ୍ୟନ୍ତ କ୍ୟାରିୟରରେ କୌଣସି ଟୁର୍ଣ୍ଣାମେଣ୍ଟକୁ ୨ୟଥର ଜିତିପାରିନାହାନ୍ତି। ତେଣୁ ୨୦୨୩ରେ ଏଠାରେ ଟାଇଟଲ୍ ଜିତିଥିବା ମେଡଭେଡେଭଙ୍କ ନିକଟରେ ଏବେ ଦ୍ୱିତୀୟଥର ଲାଗି ଦୁବାଇ ଓପନ୍ ଜିତିବାର ସୁଯୋଗ ସୃଷ୍ଟି ହୋଇଛି।

# ଗୋଟିଏ ଓଭରରେ ୩୬ ରନ୍ ବ୍ୟୟ କଲେ ଉମ୍ରାନ୍



ମୁମ୍ବାଇ, ୨୬।୨ (ଏଜେନ୍ସି): ଭାରତର ସବୁଠୁ ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଜମ୍ମୁ-କଶ୍ମୀରର ଉମ୍ରାନ ମଲିକ ଖରାପ ଫର୍ମ ଓ ଫିଟନେସ ଲାଗି ବର୍ତ୍ତମାନ ଜାତୀୟ ଦଳରୁ ଦୂରେଇ ରହିଛନ୍ତି। ତେବେ ମୁମ୍ବାଇରେ ଚାଲିଥିବା ଡିୱାଇ ପାଟିଲ ଟି-୨୦ କପ୍‌ରେ ବ୍ୟୟବହୁଳ ବୋଲିଂ କରି ଉମ୍ରାନ ପୁଣିଥରେ ଖବରରେ ରହିଛନ୍ତି। ଟାଟା ସ୍ପୋର୍ଟ୍ସ କ୍ଲବ ପାଇଁ ଖେଳୁଥିବା ଉମ୍ରାନ ମୁମ୍ବାଇ କଷ୍ଟମ୍ସ ବିପକ୍ଷ ମ୍ୟାଚରେ ୨ ଓଭର ବୋଲିଂ କରି ୫୯ ରନ ବ୍ୟୟ କରିଥିଲେ। ଯେଉଁଥିରେ ଉମ୍ରାନ ପ୍ରଥମ ଓଭରରେ ୨୩ ଓ ଦ୍ୱିତୀୟ ଓଭରରେ ୩୬ ରନ ଦେଇ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ଓଭରରେ ସେ ୩ଟି ଲେଖାଏ ଚୌକା ଓ ଛକା ଏବଂ ନୋ ବଲ୍ ଓ ୱାଇଡ୍ ପକାଇ ଏହି ୩୬ ରନ ବ୍ୟୟ କରିଥିଲେ। ଉମ୍ରାନଙ୍କ ଏହି ପ୍ରଦର୍ଶନ ତାଙ୍କ ଆଇପିଏଲ୍ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପାଇଁ ଚିନ୍ତାର କାରଣ ପାଲଟିଛି। ଗତ ସିଜନରେ କେକେଆର ଫ୍ରାଞ୍ଚାଇଜ ତାଙ୍କୁ ୭୫ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ୨୪ ବର୍ଷୀୟ ଉମ୍ରାନ ଭାରତ ପାଇଁ ୧୦ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଶେଷଥର ଲାଗି ସେ ୨୦୨୩ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## ■ କଳାହାଣ୍ଡି କପ୍

# ଗଜପତି, ଗଞ୍ଜାମ, ଅନୁଗୋଳ ବିଜୟୀ





ଭୁବନେଶ୍ୱର, ୨୬।୨ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ବରିଷ୍ଠ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ଗୁରୁବାର ୯ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅନୁଗୋଳ, କଟକ-ଏ, ଗଞ୍ଜାମ, ଗଜପତି ବଡ଼ ବିଜୟ ହାସଲ କରିଛି। ଅଡ଼ଶପୁର ଗ୍ରାଉଣ୍ଡରେ ଗଜପତି ୯ ୱିକେଟରେ ରାୟଗଡ଼ାକୁ, ରେଭେନସା ଗ୍ରାଉଣ୍ଡ-୨ରେ ଗଞ୍ଜାମ ୯୪ ରନରେ କିଟ୍‌କୁ, କଟକ-ଏ ୧୫୨ ରନରେ ଝାରସୁଗୁଡ଼ାକୁ, ଅନୁଗୋଳ ୯ ୱିକେଟରେ ଭଦ୍ରକକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ପୁରୀ ୭ ୱିକେଟରେ ଭୁବନେଶ୍ୱର-ବି'କୁ, ବରଗଡ଼ ୬ ୱିକେଟରେ ମୟୂରଭଞ୍ଜକୁ, କେନ୍ଦୁଝର ୬ ୱିକେଟରେ ବାଲେଶ୍ୱରକୁ, କଳାହାଣ୍ଡି ୬୨ ରନରେ ଜଗତସିଂପୁରକୁ, କନ୍ଧମାଳ ୪ ୱିକେଟରେ ନୂଆପଡ଼ାକୁ ହରାଇ ପଏଣ୍ଟ ହାସଲ କରିଛି। ଆଜିର ମ୍ୟାଚଗୁଡ଼ିକରେ ଅନୁଗୋଳର ଆକାଶ ପ୍ରଧାନ (୩/୨୨), ପୁରୀର ବିନୟ ପାଇକରାୟ (୭୩ ରନ), ବରଗଡ଼ର ଅଜିତ ଯାଦବ (୩/୨୩), କେନ୍ଦୁଝରର ଋତୁରାଜ ମହାନ୍ତି (୯୧ ରନ), କଳାହାଣ୍ଡିର ଆଶୁତୋଷ କୁମାର (୪/୪୭), କନ୍ଧମାଳର ରଶ୍ମି ସାହୁ (୫୨ ରନ), କଟକ-ଏ'ର ରାଜେଶ ଧୂପର (୬୩ ରନ), ଗଞ୍ଜାମର ରୋହିତ ସାଗର (୫/୧୧), ଗଜପତିର ଶୁଭମ ରାଉତ(୫/୧୯) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

ରଣଜୀ ଟ୍ରଫି ଫାଇନାଲ

# ଫଲୋଅନ ଦ୍ୱାରରେ କର୍ଣ୍ଣାଟକ; ମୟଙ୍କଙ୍କ ଲଢ଼େଇ ଜାରି





ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି): ଆଠଥରର ଚାମ୍ପିଅନ କର୍ଣ୍ଣାଟକ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ଜମ୍ମୁ-କଶ୍ମୀର ଦୃଢ଼ସ୍ଥିତିରେ ରହିଛି। ଜମ୍ମୁ-କଶ୍ମୀରର ୫୮୪ ରନ ଜବାବରେ କର୍ଣ୍ଣାଟକ ପ୍ରଥମ ପାଳିରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୁରୁବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା କର୍ଣ୍ଣାଟକ ୬୯ ଓଭରରେ ୫ ୱିକେଟ ହରାଇ ୨୨୦ ରନ ସଂଗ୍ରହ କରି ଫଲୋଅନ ଏଡ଼ାଇବାକୁ ସଂଘର୍ଷ କରୁଛି। ଅଭିଜ୍ଞ ବ୍ୟାଟର୍ ମୟଙ୍କ ଅଗରୱାଲ ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଫଲୋଅନରୁ ରକ୍ଷା କରିବା ଲାଗି ଲଢ଼େଇ ଜାରି ରଖିଛନ୍ତି। ଷ୍ଟମ୍ପବେଳକୁ ମୟଙ୍କ ୧୩୦ ଓ କୃତିର୍ଥ କ୍ରିଷ୍ଣା ୨୭ ରନ କରି ଅପରାଜିତ ରହିଛନ୍ତି। ଓପନିଂ ଆସିଥିବା ମୟଙ୍କ ତାଙ୍କ ୨୦୭ ବଲ୍ ପାଳିରେ ୧୭ଟି ଚୌକା ମାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଲୋକେଶ ରାହୁଲ (୧୩), ଅଧିନାୟକ ଦେବଦତ୍ତ ପଡ଼ିକଲ (୧୧) ଓ ଶ୍ରେୟସ ଗୋପାଳ (୨୭ ରନ) ନିରାଶ କରିଥିଲେ। ସେହିଭଳି କରୁଣ ନାୟାର ଓ ସ୍ମରଣ ରବିଚନ୍ଦ୍ରନ ଖାତା ଖୋଲିବା ପୂର୍ବରୁ ଜମ୍ମୁର ତାରକା ବୋଲର ଆକ୍ୱିବ ନବି ଦାରଙ୍କ ଶିକାର ବନିଥିଲେ। ନବି ସର୍ବାଧିକ ୩ଟି ଏବଂ ସୁନିଲ କୁମାର ଓ ଯୁଦ୍ଧବୀର ସିଂହଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ଏଥିସହ ଚଳିତ ରଣଜୀ ସିଜନରେ ନବିଙ୍କ ମୋଟ୍ ୱିକେଟ୍ ସଂଖ୍ୟା ୫୬ରେ ପହଞ୍ଚିଛି। ପ୍ରଥମ ପାଳିର ଆଉ ୫ ୱିକେଟ୍ ବଳକା ଥାଇ କର୍ଣ୍ଣାଟକ ଫଲୋଅନ ଏଡ଼ାଇବାକୁ ଆହୁରି ୧୬୪ ରନ ଆବଶ୍ୟକ କରୁଛି।

ପୂର୍ବ ଦିନର ଅସମାପ୍ତ ସ୍କୋର ୫୨୭/୬ରୁ ଗୁରୁବାର ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ ଆଉ ୫୭ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ଜମ୍ମୁ ପାଳିରେ ଶୁଭମ ପୁନ୍ଦିର (୧୨୧) ଶତକୀୟ ପାଳି ଖେଳିଥିଲେ। ସେହିଭଳି ୫ଜଣ ବ୍ୟାଟର୍ ୟାୱିର ହାସାନ (୮୮), ଅଧିନାୟକ ପାରସ ଡୋଗ୍ରା (୭୦), ଅବଦୁଲ ସମାଦ (୬୧), କହ୍ନେୟା ୱାଧନ (୭୦) ଓ ସାହିଲ ଲୋତ୍ରା (୭୨) ଅର୍ଦ୍ଧଶତକ ହାସଲ କରିଥିଲେ। ସଫଳ ବୋଲର ଭାବେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୫ଟି ୱିକେଟ୍ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

ଜମ୍ମୁ-କଶ୍ମୀର ପ୍ରଥମ ପାଳି: ୫୮୪/୧୦, ୧୭୩.୧ ଓଭର (ପୁନ୍ଦିର- ୧୨୧, ସମାଦ- ୬୧, ଡୋଗ୍ରା- ୭୦, କହ୍ନେୟା- ୭୦, ହାସାନ- ୮୮, ଲୋତ୍ରା- ୭୨, ପ୍ରସିଦ୍ଧ କ୍ରିଷ୍ଣା- ୫/୯୮)।

କର୍ଣ୍ଣାଟକ: ୨୨୦/୫, ୬୯ ଓଭର (ମୟଙ୍କ ଅପରାଜିତ- ୧୩୦, ରାହୁଲ- ୧୩, ପଡ଼ିକଲ- ୧୧, କରୁଣ-୦, ଗୋପାଳ- ୨୭, ଆକ୍ୱିବ- ୩/୩୨)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

### ଟ୍ରିବ୍ୟୁନାଲଙ୍କ ବିଳାସମୟ ପାରିବାରିକ ବ୍ୟୟବହୁଳ ଗସ୍ତ

# ମହାନଦୀ ବଞ୍ଚାଅ ଆନ୍ଦୋଳନର ହୁଙ୍କାର

ଭୁବନେଶ୍ୱର,୨୬।୨(ସମିସ): ମହାନଦୀ ଜଳ ବିବାଦରେ ଗଠିତ ଟ୍ରିବ୍ୟୁନାଲଙ୍କ ଓଡ଼ିଶାକୁ ପାରିବାରିକ ବିଳାସମୟ ବ୍ୟୟ ବହୁଳ ଗସ୍ତକୁ ବିରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଗୁରବାର ଅପରାହ୍ନରେ ମାଷ୍ଟର କ୍ୟାଣ୍ଟିନ ଛକରେ ବିରୋଧ ପ୍ରଦର୍ଶନ କରାଯାଇଛି।

ମହାନଦୀ ଟ୍ରିବୁନାଲ ଆଜିଠୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ିଶା ଗସ୍ତରେ ଆସୁଛନ୍ତି। ସଂଗଠନର

## ଭୁବନେଶ୍ୱରରୁ ଆରମ୍ଭ ପ୍ରତିବାଦ ସାରା ଓଡ଼ିଶାରେ ଚାଲିବ

ଅଭିଯୋଗ ଅନୁଯାୟୀ ଏହା ପୂର୍ବରୁ ୨୦୨୩ ମସିହାରେ ମଧ୍ୟ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତରେ ୫ କୋଟି ଟଙ୍କା ରାଜ୍ୟ ସରକାରଙ୍କ ଖର୍ଚ୍ଚ ହୋଇଥିଲା। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲରେ ସରିବାକୁ ବସିଥିବାବେଳେ ପୁଣିଥରେ ବିଳାସମୟ ଗସ୍ତକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ କରିଛି। ସଂଗଠନର ଗତକାଲି ବୈଠକର ନିଷ୍ପତ୍ତି ମୁତାବକ କନକ ତୋରାରୁ ଆରମ୍ଭ କରି ଝାରସୁଗୁଡା, ସମ୍ବଲପୁର, ସୋନପୁର, କଟକ, ପାରାଦ୍ୱୀପ,କୋଣାର୍କ, ଆଠମଲ୍ଲିକ ଭୁବନେଶ୍ୱର ଆଦି ପ୍ରାୟ ଦଶରୁ ଉର୍ଦ୍ଧ୍ୱ ସ୍ଥାନରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ। ମହାନଦୀ ବଞ୍ଚାଓ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସଙ୍କ ଅନୁଯାୟୀ




ମଧ୍ୟବର୍ତ୍ତୀକାଳୀନ ରାୟ ମାଧ୍ୟମରେ ଅଣ ମୌସୁମୀ ସମୟରେ ମହାନଦୀରେ ପାଣି ଏପର୍ଯ୍ୟନ୍ତ ଛାଡିବାକୁ ସାମାନ୍ୟତମ ନିର୍ଦ୍ଦେଶ ବି ଟ୍ରିବୁନାଲ ଦେଲେନାହିଁ। ଯେହେତୁ ଟ୍ରିବ୍ୟୁନାଲରୁ ଓଡ଼ିଶା କୁ ଏବଂ ମହାନଦୀକୁ କିଛି ନ୍ୟାୟ ମିଳୁନାହିଁ, ତେଣୁ ରାଜ୍ୟବାସୀଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ ଓ ସେଥିରୁ ଓଡ଼ିଶାର କଣ ଲାଭ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେଥିପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପ୍ରତିବାଦ କାର୍ଯ୍ୟକ୍ରମ ହାତକୁ ନେଇଛି। ଆସନ୍ତା ୨୮ ତାରିଖରେ କଟକରେ ବାଲି ସତ୍ୟାଗ୍ରହ ସହ ୨ତାରିଖରେ କୋଣାର୍କଠାରେ ଟ୍ରିବ୍ୟୁନାଲଙ୍କ ଗସ୍ତର ଶେଷ ଦିନରେ ବିରାଟ ପ୍ରତିବାଦ କାର୍ଯ୍ୟକ୍ରମ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ପ୍ରତିବାଦରେ ସିପିଏମ ନେତା ପ୍ରଦୀପ୍ତ ନାୟକ, ସିପିଆଇଏମ (ଲିବରେସନ) ନେତା ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ଇଞ୍ଜନ ମହାପାତ୍ର, ଆନ୍ଦୋଳନ ସହ ଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁବାର ମଧ୍ୟ ରାତ୍ରିରେ ଘନକୁହୁଡ଼ିରେ ଆଚ୍ଛାଦିତ ରାଜଧାନୀର ରାଜପଥ

## ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ

ସମ୍ବଲପୁର, ୨୬।୨ (ସମିସ) : ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ମଲ୍ଲିକା ହରିପାଲଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଗତକାଲି



ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ଅପରାହ୍ଣରେ ତାଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କ ପଛରେ ସ୍ୱାମୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଦୁଇ ପୁଅ ପାରସ ଓ ପ୍ରଭାତ, ଦୁଇବୋହୂ ଝୁନୁ ଓ ମିନୁ ତଥା ପରିବାରବର୍ଗ ରହିଛନ୍ତି।

## ଆଜିଠାରୁ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ

ଭୁବନେଶ୍ୱର,୨୬ ।୨(ସମିସ): ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଏହି ନିଷ୍ପତ୍ତି ହୋଇଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ୍ ପିଜି ଟେଷ୍ଟ (ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏହି ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ଚଳିତ ମାସ ୨୭ ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ କମନ୍ ଆପ୍ଲିକେସନ୍ ଫର୍ମ ପୂରଣ କରିପାରିବେ। ଏପ୍ରିଲ ମାସ ୨୭ ତାରିଖରୁ ମେ' ମାସ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଚଳିତ ବର୍ଷ ଜୁଲାଇ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆରମ୍ଭ କରିବା ପାଇଁ ବିଭାଗ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ସଠିକ୍ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ପାଠପଢ଼ା ସମାପ୍ତ ହେବା ସହ ସଠିକ୍ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ।

### ବଲାଙ୍ଗିରରେ ବିଡ଼ି କାରଖାନା ସ୍ଥାପନ ପ୍ରସଙ୍ଗ

## ସରକାର, ସ୍ଥାନୀୟ ନେତାଙ୍କୁ ମନ୍ତ୍ରୀଙ୍କ ଟେରଛା ବାଣ

ବଲାଙ୍ଗିର,୨୬ ।୨(ସମିସ):ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାଏକ ଗୁରୁବାର ବଲାଙ୍ଗିରରେ ରାଜ୍ୟ ବଜେଟ ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ବଲାଙ୍ଗିରରେ ଏକ ବିଡି କାରଖାନା ସ୍ଥାପନ କରିବା ପାଇଁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତାହା କେତେ ଦୂର ଗଲା ବୋଲି ପ୍ରଶ୍ନ କରିବାକରୁ ସେ ହଡ଼ବଡ଼େଇ ଯାଇଥିଲେ। ଖସି ଯିବାକୁ ଅତି ଚତୁରତାର

**■ ପୂର୍ବରୁ ନିଜେ ପ୍ରତିଶ୍ରୁତି ଦେଇଥିଲେ**
**■ ଏବେ ଅନ୍ୟ ଉପରେ ଦୋଷ ଲଦିବାକୁ ଉଦ୍ୟମ**

ସହ ସେ ସରକାର ଏବଂ ସ୍ଥାନୀୟ ନେତାଙ୍କୁ ଟେରଛା ବାଣ ମାରିଛନ୍ତି। ଉତ୍ତରରେ କହିଥିଲେ ଏ ସରକାରରେ ସବୁ ସମ୍ଭବ। ଦେଢ ଶହ କି ଦୁଇ ଶହ କୋଟି ଟଙ୍କା କିଛି ବଡ ନୁହଁ; କିନ୍ତୁ ଏଥିଲାଗି ଇଚ୍ଛାଶକ୍ତି ଦରକାର। ତାଙ୍କର ଏହି କଥା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ମନ୍ତ୍ରୀ ଶ୍ରୀ ନାୟକ ପ୍ରାୟ ଦେଢ ବର୍ଷ ପୂର୍ବେ ବଲାଙ୍ଗିର ଜିଲ୍ଲା ନୋଡାଲ ଦାୟିତ୍ୱ ପାଇଥିଲେ। ସେତେବେଳେ ସେ ବଲାଙ୍ଗିର ଗସ୍ତରେ ଆସି ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ସମୟରେ ଦାଦନ ସମସ୍ୟାକୁ ନେଇ ତାଙ୍କର କ'ଣ ରୋଡ୍‌ମ୍ୟାପ୍ ରହିଛି ଏବଂ ଏହାର ସମାଧାନ ପାଇଁ ସେ କି ପ୍ରସ୍ତାବ ଦେବେ ସେନେଇ ପ୍ରଶ୍ନ ହୋଇଥିଲେ। ଉତ୍ତରରେ ବଲାଙ୍ଗିରରେ ବହୁ ପରିମାଣର ଉନ୍ନତମାନର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ତେଣୁ ଜିଲ୍ଲାରେ ଏକ ବିଡି କାରଖାନା ପ୍ରତିଷ୍ଠା କରିବାକୁ ଉଦ୍ୟମ କରିବେ ବୋଲି ସେତେବେଳେ ସେ କହିଥିଲେ। ଏହାଦ୍ୱାରା ଲୋକେ କାମ ପାଇବେ। ଏହା ଜିଲ୍ଲା ଅର୍ଥନୀତିକୁ ବି ସୁଦୃଢ କରିବ ବୋଲି ସେ କହିଥିଲେ; କିନ୍ତୁ ଦେଢ ବର୍ଷ ହେଲା ଏନେଇ ନା ସେ ସରକାରୀସ୍ତରରେ ଆଲୋଚନା କରିଛନ୍ତି ନା ସେଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ପୁଣି ସେହି ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାଏକ ଏହି ସରକାରରେ ଇଚ୍ଛା ଥିଲେ ସବୁ ହେବ ବୋଲି କହିଛନ୍ତି। ତେବେ ଏଠି ପ୍ରଶ୍ନ ଯେ, ଏଥିପାଇଁ କାହାର ଇଚ୍ଛା ଦରାକର? ତାଙ୍କର, ସରକାରଙ୍କ ନା ସ୍ଥାନୀୟ ନେତାଙ୍କ ଇଚ୍ଛା ରହିବା କଥା ତାହା ପ୍ରଶ୍ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଆର୍ୟୁବେଦିକ କଲେଜ ବାର୍ଷିକ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ଜିଲ୍ଲାର ବିଭିନ୍ନ ବିକାଶ ପ୍ରସଙ୍ଗରେ ସ୍ଥାନୀୟ ନେତାଙ୍କୁ ଟେରଛା ବାଣ ମାରିଥିଲେ। ଏବେ ସେହି ସମ୍ବଲପୁର ଜିଲ୍ଲାର ବିଧାୟକ ତଥା ମନ୍ତ୍ରୀ ରବି ନାୟକ ଏହିଭଳି ଏକ ହାଲୁକା ପ୍ରତିକ୍ରିୟା ରଖି ସ୍ଥାନୀୟ ନେତାଙ୍କୁ ଟେରଛା ବାଣ ମାରିଛନ୍ତି। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ସାମ୍ବାଦିକ ସମ୍ମିଳନୀରେ ଝିମେଇଲେ ମନ୍ତ୍ରୀ

ବଲାଙ୍ଗିର,୨୬ ।୨(ସମିସ): କିଛି ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ବଜେଟ ଉପସ୍ଥାପନ କରାଯାଇଛି। ତେବେ ଏହି ବଜେଟକୁ ନେଇ ବଲାଙ୍ଗିର ସାମ୍ବାଦିକ ଭବନରେ ଗୁରୁବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ବଜେଟ ରାଜ୍ୟବାସୀଙ୍କ ପାଇଁ ଏକ ଲୋକାଭିମୁଖୀ



ବଜେଟ ବୋଲି ସେ କହିଛନ୍ତି। ଏଥିରେ ସାଧାରଣ ବର୍ଗ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ର, ଚାଷୀ, ମହିଳାମାନଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ବଜେଟରେ ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟାର ସମାଧାନ କରିବା ପାଇଁ 'ଡାଲଖାଇ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା କହିଥିଲେ। ସେହିପରି ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏକ ଇଞ୍ଜିନିୟରିଂ କଲେଜ ମଧ୍ୟ ଆରମ୍ଭ କରିବା ପାଇଁ ଘୋଷଣା କରାଯାଇଛି। ଏହା ଜିଲ୍ଲାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ। ସେହିପରି ଭିବିଜିରାମ ଜି ଯୋଜନାକୁ ସୁଦୃଢ କରିବା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟକାରୀ କରିବା ଦିଗରେ ମଧ୍ୟ ତତ୍ପରତା ପ୍ରକାଶ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଦୃଢ କରିବା ଦିଗରେ ଏହି ବଜେଟରେ ବ୍ୟବସ୍ଥା କରାଯାଇଛି। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତ। ତେବେ ରାଜ୍ୟ ବଜେଟକୁ ନେଇ ଦିଆଯାଇଥିବା ପ୍ରେସ ବିବୃତ୍ତିକୁ ମନ୍ତ୍ରୀ ପଢିଦେଇ ସାମ୍ବାଦିକ ସମ୍ମିଳନୀ ସାରିଦେଇଥିଲେ। ଜିଲ୍ଲାର ବିଭିନ୍ନ ସମସ୍ୟା, ପ୍ରସଙ୍ଗ ଉପରେ ମନ୍ତ୍ରୀଙ୍କୁ ପ୍ରଶ୍ନ କରିବାରୁ ସେ କୌଣସି ବି ଗୋଟିଏ ସନ୍ତୋଷଜନକ ଉତ୍ତର ରଖି ନ ଥିଲେ।

ପ୍ରସଙ୍ଗ ଏଡାଇବା ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା, ଯୋଜନାର କଥା କହି ଏଡାଇ ଯାଉଥିବା ଦେଖିବାକୁ ମିଳିଥିଲା। ଏପରିକି ଜିଲ୍ଲାର ନୋଡାଲ ମନ୍ତ୍ରୀ ଭାବେ ମଧ୍ୟ ଜିଲ୍ଲା ବିକାଶ ପାଇଁ ତାଙ୍କର ରୋଡ୍ ମ୍ୟାପ କ'ଣ ରହିଛି ସେ ନେଇ ପଚାରିବାରୁ ମଧ୍ୟ ସନ୍ତୋଷଜନକ ଉତ୍ତର ରଖିପାରି ନ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳରୁ ଦୂର ହେଉଛି ମାଓ ଭୟ

## ୨୦ ମାଓସ୍ତୂପକୁ ଧ୍ୱଂସ କଲେ ଗ୍ରାମବାସୀ

ମାଲକାନଗିରି, ୨୬ ।୨(ସମିସ): ମାଲକାନଗିରି ଜିଲ୍ଲାରେ ଆଉ ନାହିଁ ମାଓ ଭୟ। ବିଭିନ୍ନ ଦୁର୍ଗମ ଅଞ୍ଚଳର ଲୋକେ ମାଓ ଭୟରୁ ନିଜକୁ ବାହାର କରିବା ସହ ବିଭିନ୍ନ ମାଓ ସଂଗଠନ ନିର୍ମାଣ କରିଥିବା ୨୦ ସ୍ତୂପକୁ ଭାଙ୍ଗି ଦେଇଛନ୍ତି। ଏପରି ଚିତ୍ର ଆସିଛି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ସହ କାଲିମେଳା, ମାଥିଲି, ଖଇରପୁଟ ଆଦି ବିଭିନ୍ନ ସ୍ଥାନରୁ। ଯେଉଁଠାରେ ଗ୍ରାମବାସୀମାନେ ସ୍ୱେଚ୍ଛାକୃତ ଭାବରେ ମାଓ ସ୍ମାରକ ତଥା ସ୍ତୂପକୁ ଭାଙ୍ଗି ନଷ୍ଟ କରିଛନ୍ତି। ଗ୍ରାମବାସୀମାନେ ସାମୂହିକ ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନେଇ ମାଓବାଦକୁ ବିରୋଧ କରି ଏହି ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ଏସପି ବିନୋଦ ପାଟିଲ ପ୍ରକାଶ କରିଛନ୍ତି ଯେ, ଲୋକମାନେ ସଂଘର୍ଷ ଏବଂ ବିଚ୍ଛିନ୍ନତା ଅପେକ୍ଷା ବିକାଶ, ଶାନ୍ତି ଏବଂ ସୁଯୋଗ ଚାହାଁନ୍ତି। ମାଲକାନଗିରି ପୁଲିସ ଶାନ୍ତି ବଜାୟ ରଖିବା, ସୁରକ୍ଷା




ସୁନିଶ୍ଚିତ କରିବା ଏବଂ ବିକାଶକୁ ପ୍ରୋତ୍ସାହିତ କରୁଥିବା ସମସ୍ତ ପଦକ୍ଷେପକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

# ଓଡ଼ିଶା ଆସିବ ଶିରିଡ଼ି ସାଇବାବାଙ୍କ ଚରଣ ପାଦୁକା

ଭୁବନେଶ୍ୱର : ଶିରିଡ଼ି ସାଇବାବା ସଂସ୍ଥାନ ପକ୍ଷରୁ ସଦ୍‌ଗୁରୁ ଶ୍ରୀଶିରିଡ଼ି ସାଇବାବାଙ୍କର ମୂଳ ପାଦୁକା ଏବେ ଓଡ଼ିଶା ଆସୁଥିବା ସୂଚନା ମିଳିଛି। ଏହି ଖବର ମିଳିବା ପରେ ଓଡ଼ିଶାର ସାଇଭକ୍ତମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ସାଇବାବା ସଂସ୍ଥାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋରଖ ଗାଡ଼ିଲକର ଆଇଏଏସଙ୍କ ନେତୃତ୍ୱରେ

## ମାର୍ଚ୍ଚ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ

ସଂସ୍ଥାନର ପଦାଧିକାରୀ, କର୍ମଚାରୀ ଓ ପୂଜକମାନଙ୍କୁ ନେଇ ଏକ ପଚିଶି ଜଣିଆ ଟିମ୍ ପାଦୁକା ନେଇ ୧୧ ତାରିଖ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ବିମାନ ବନ୍ଦରଠାରେ ପାଦୁକାକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ ସେଠାରୁ ପାଦୁକା ସିଧା ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିବ।

ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ତିନୋଟି ସ୍ଥାନ ଭୁବନେଶ୍ୱର, ବ୍ରହ୍ମପୁର ଓ କେନ୍ଦୁଝରରେ ଏଥିନିମିତ୍ତ ଭବ୍ୟ ଆୟୋଜନ କରାଯାଉଛି। ଭୁବନେଶ୍ୱରର ଜନତା ମଇଦାନଠାରେ ମାର୍ଚ୍ଚ ୧୪ ଓ ୧୫ ତାରିଖ ଦୁଇଦିନ ଧରି ବିଶାଳ ପାଦୁକା ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ବ୍ରହ୍ମପୁର ସହରରେ ମାର୍ଚ୍ଚ ୧୨ ଓ ୧୩ ତାରିଖ ଏବଂ କେନ୍ଦୁଝରରେ ୧୬ ଓ ୧୭ ତାରିଖ ଦିନ ପାଦୁକା ଦର୍ଶନ ସମାରୋହ ଅନୁଷ୍ଠିତ ହେବ ବୋଲି ପ୍ରାରମ୍ଭିକ ସୂଚନା ମିଳିଛି।

ବ୍ରହ୍ମପୁରସ୍ଥିତ ଖଲିକୋଟ କଲେଜ ପଡ଼ିଆରେ ୧୨ ଓ ୧୩ ତାରିଖ ଦୁଇଦିନ ଧରି ଭକ୍ତମାନେ ପାଦୁକା ଦର୍ଶନ କରିବେ। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ ଭଜନ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ। ଉଲ୍ଲେଖନୀୟ ବିଷୟ ଯେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଏହି ଉତ୍ସବରେ ଉପସ୍ଥିତ ରହିବେ। ୧୩ ତାରିଖ ସନ୍ଧ୍ୟା ସମୟରେ ପାଦୁକା ବ୍ରହ୍ମପୁରରୁ ବାହାରି ଭୁବନେଶ୍ୱରରେ



ପହଞ୍ଚି ରାତ୍ରିଯାପନ କରିବେ। ୧୪ ତାରିଖ ଦିନ ସକାଳୁ ଏକ ବିରାଟ ପଟୁଆରରେ ପାଦୁକା ଜନତା ମଇଦାନସ୍ଥିତ ସୁସଜ୍ଜିତ ସମାରୋହ ସ୍ଥଳରେ ପହଞ୍ଚିବେ। ପାଦୁକା ସଭାମଣ୍ଡପରେ ବିଜେ ହେବା ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ମଧ୍ୟାହ୍ନ ୧୨ଟାରେ ମଧ୍ୟାହ୍ନ ଆରତୀ ଓ ସୂର୍ଯ୍ୟାସ୍ତ ସମୟରେ ଶିରିଡ଼ିର ରୀତି ଅନୁସାରେ ବାବାଙ୍କର ସନ୍ଧ୍ୟା ଆରତୀ କରାଯିବ। ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ୧୫ ତାରିଖ ଦିନ ମଧ୍ୟ ଦିନସାରା ଓ ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ପାଦୁକା ଦର୍ଶନର ସୁଯୋଗ ଲାଭ କରିବେ।

୧୬ ତାରିଖ ଦିନ ସକାଳୁ ଭୁବନେଶ୍ୱରରୁ ପାଦୁକା ବାହାରି କେନ୍ଦୁଝର ବାମପାରାସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ପହଞ୍ଚିବେ। ସେଠାରେ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଦର୍ଶନର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ ଶ୍ରୀସାଇବାବା ତାଙ୍କର ଜୀବନକାଳରେ ପରିଧାନ କରିଥିବା ଏହି ପାଦୁକା ଦର୍ଶନ ପାଇଁ ବିପୁଳ ଜନସମାଗମ ହେବା ଆଶା ରହିଛି।


### କୋରାପୁଟ ପୁଲିସକୁ ରେକର୍ଡ ସଫଳତା

# ୨୦୫ କୋଟି ଟଙ୍କାର ତରଳ ଗଞ୍ଜେଇ ଜବତ

କୋରାପୁଟ, ୨୬।୨(ସମିସ): ଗୁରୁବାର କୋରାପୁଟ ଜିଲ୍ଲା ପୁଲିସ ପାଇଁ ଏକ ଐତିହାସିକ ଦିନ। ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଲାଣ ରୋକିବା, ଗଞ୍ଜେଇ ଜବତ ଓ ଗଞ୍ଜେଇ ମାଫିଆ ମାନଙ୍କୁ ଗିରଫ କରି

## ଓଡ଼ିଶା-ଆନ୍ଧ୍ର ସୀମାରେ ଅସ୍ଥାୟୀ ପ୍ରସ୍ତୁତିକରଣ ୟୁନିଟ୍ ଠାବ

ପୁଲିସ ଅନେକ ସଫଳତା ପାଇଥିବା ବେଳେ ଆଜି ଗୋଟିଏ ସ୍ଥାନରୁ ଏକକାଳୀନ ୨୦୦ କୋଟି ଟଙ୍କାର ତରଳ ଗଞ୍ଜେଇ ସହ ୫କୋଟି ଟଙ୍କାର ଗଞ୍ଜେଇ ଜବତ କରି ରେକର୍ଡ ସୃଷ୍ଟି କରିଛି। ଏତେ ମୂଲ୍ୟର ବେଆଇନ ଗଞ୍ଜେଇ ଜବତ କରିବା ଏହା ରାଜ୍ୟରେ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ କନୱର ବିଶାଳ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଓଡିଶା ଆନ୍ଧ୍ର ସୀମା ପାଡୁଆ ଥାନା ଅଧୀନ ଜଲାପୁଟ ଜଳଭଣ୍ଡାର ଅଞ୍ଚଳର ଏକ ଜଙ୍ଗଲରେ ବେଆଇନ ଭାବେ ତରଳ



ଗଞ୍ଜେଇ ପ୍ରସ୍ତୁତି କରାଯାଇ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ସୂଚନା କୋରାପୁଟ ଏସ୍‌ପିଙ୍କୁ ଗୋଇନ୍ଦା ବିଭାଗ ପକ୍ଷରୁ ମିଳିଥିଲା। ସୂଚନା ଆଧାରରେ ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ପୁଲିସ ଟିମ୍ ବୁଧବାର ବିଳମ୍ବିତ ରାତିରେ ବହୁ କଷ୍ଟରେ ନୌକାରେ ଜଳଭଣ୍ଡାର ପାରି ହେବା ସହ ଜଙ୍ଗଲର ପାଦ ଚଲା ରାସ୍ତାରେ ଚାଲି ଚାଲି ଅସ୍ଥାୟୀ ପ୍ରସ୍ତୁତି କରଣ ୟୁନିଟରେ ପହଞ୍ଚି ଥିଲେ। ଉକ୍ତ ଅସ୍ଥାୟୀ ୟୁନିଟରୁ ପୁଲିସ ୧୮୦୦ ଲିଟରରୁ ଅଧିକ ହାଶିଶ ତେଲ ବା ତରଳ ଗଞ୍ଜେଇ ଏବଂ ୧୦୦୦ କିଲୋରୁ ଅଧିକ ଗଞ୍ଜେଇ ଜବତ କରିଥିଲେ। ଜବତ ତରଳ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ଓ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ ବୋଲି ଡିଆଇଜି ସୂଚନା ଦେଇଛନ୍ତି। ଅସ୍ଥାୟୀ ୟୁନିଟରୁ ବିଭିନ୍ନ ସାମଗ୍ରୀ ମଧ୍ୟ ପୁଲିସ ଜବତ କରିଥିବା ଦକ୍ଷିଣା ପଶ୍ଚିମାଞ୍ଚଳ ଡିଆଇଜି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏହାର ମୁଖ୍ୟ ସୂତ୍ରଧାରଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ହାଶିଶ ତେଲ ତିଆରିରେ ଆନ୍ତଃରାଜ୍ୟ ଯୋଗସୂତ୍ର ଥିବାର ପ୍ରାରମ୍ଭିକ ପ୍ରମାଣ ମିଳିଛି।

## ୫ କୋଟିର ଗଞ୍ଜେଇ ଜବତ

ନନ୍ଦପୁର,୨୬।୨(ସମିସ): ନନ୍ଦପୁର ଥାନା ପୁଲିସ ଗଞ୍ଜେଇ ଚାଲାଣ ରୋକିବାରେ ସଫଳ ହୋଇଛି। ଗତ ରାତିରେ ନନ୍ଦପୁର ପୁଲିସ ଦୁଇ ପିକ୍‌ଅପ୍ ଗାଡ଼ି ଉପରେ ଚଢ଼ଉ କରି ୫ କୋଟିରୁ ଅଧିକ ମୂଲ୍ୟର ଗଞ୍ଜେଇ ଜବତ କରିଛି। ଚୋରା ଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ. ଖେଳନା ବୋଝେଇ ଆଳରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଓଡି ୧୦ ଏକ୍ସ ୭୦୨୭ ଓ ଓଡି ୧୦ ଡି ୯୩୩୪ ନମ୍ବର୍ ଦୁଇଟି ମାକ୍ସ ପିକଅପ୍ ଗାଡ଼ିକୁ ଅଟକାଇ ତଲାସି କରିବା ସମୟରେ ପୁଲିସର ହୋସ୍ ଉଡି ଯାଇଥିଲା। ୪୬ଟି ଜରି ବସ୍ତାରେ ମୋଟ ୧୧୪୪ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କାରୁ ଅଧିକ ହେବ ବୋଲି ପୁଲିସ ଅନୁମାନ କରୁଛି। ଗଞ୍ଜେଇ ବୋଝେଇ ଦୁଇ ଗାଡ଼ି ସହ ଦୁଇ ଡ୍ରାଇଭର ଯଥା ସେମିଳିଗୁଡା ତଳ ସାହିର ଲୋକନାଥ ବେହେରା ଓ କୁମାର ସ୍ୱାମୀ ବେହେରାଙ୍କ ସହ ଅନ୍ୟ ଦୁଇ ଚାଲାଣକାରୀ ହରିଆଣାର ତୁଙ୍ଗଲ ରାମ ବାବା ଓ ସୁଣ୍ଡରଙ୍କୁ ପୁଲିସ ଗିରଫ କରିଛି।

### ୨୦୨୨ ଧମା ହତ୍ୟା ମାମଲା

## ୨ଜଣଙ୍କୁ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଜରିମାନା

ସମ୍ବଲପୁର, ୨୬।୨ (ସମିସ) : ସମ୍ବଲପୁର ଦ୍ୱିତୀୟ ଅତିରିକ୍ତ ସେସନ୍‌ସ ଜଜ୍ ପ୍ରିୟବ୍ରତ ଦାଶ ଗତ ୨୦୨୨ରେ ଧମା ଥାନା ଅଞ୍ଚଳରେ ଘଟିଥିବା ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ହେମନ୍ତ ଭୋଇ ଓ ଶଶିଭୂଷଣ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ଧମା ଥାନା ଅଞ୍ଚଳରେ ଘଟିଥିଲା। ୧୨ ଜୁଲାଇ ୨୦୨୨ ଦିନ ନେପାଳ ପୋଢ଼ ଓ ଜ୍ୱାଇଁ ଜିତମଲ ବର୍ଗର୍ତ୍ତୀ କ୍ଷେତକୁ ସାର ଦେବାକୁ ଯାଇଥିଲେ। କ୍ଷେତ ପାଖର ଏକ କଲଭର୍ଟରେ ଧମା ଥାନା ଅନ୍ତର୍ଗତ ପୁଢ଼ାପଡ଼ା, ଦଶପୁରର ହେମନ୍ତ ଭୋଇ ଓ କେଶାପାଲିର ଶଶିଭୂଷଣ ବାଗ ଏବଂ ଜଣେ ନାବାଳକ ବସିଥିଲେ। ସେମାନେ ନେପାଳ ପୋଢ଼ଙ୍କ ସହ କୌଣସି କାରଣ ନଥାଇ ଝଗଡ଼ା ଆରମ୍ଭ କରିଥିଲେ। ଝଗଡ଼ା ବଢ଼ିବାପରେ ଅଭିଯୁକ୍ତମାନେ ନେପାଳ ପୋଢ଼ଙ୍କୁ ଛୁରିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଜିତମଲ ବର୍ଗର୍ତ୍ତୀ ସେଠାକୁ ପହଞ୍ଚି ଯିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ମରଣାନ୍ତକ ଆକ୍ରମଣ ଯୋଗୁଁ ଉକ୍ତ ସ୍ଥାନରେ ନେପାଳ ପୋଢ଼ଙ୍କ ମୃତ୍ୟୁ ହୋଇଯାଇଥିଲା। ଧମା ଥାନାରେ ଲିଖିତ ଅଭିଯୋଗ ପରେ ଥାନାଧିକାରୀ କେସ ନଂ. ୧୧୦ / ୧୨.୭.୨୦୨୨ ଦଫା ୩୦୨ ଓ ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସମ୍ବଲପୁରରୁ ସାଇଣ୍ଟିଫିକ୍ ଦଳ ଯାଇ ସେଠାରେ ଅନୁସନ୍ଧାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାସହ ନାବାଳକକୁ ଅଟକ ରଖିଥିଲା। ଅଭିଯୁକ୍ତ ହେମନ୍ତ ଭୋଇ ଓ ଶଶିଭୂଷଣ ବାଗଙ୍କୁ କୋର୍ଟଚାଲାଣ କରାଗଲା। ଧମା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ଦ୍ୱିତୀୟ ଅତିରିକ୍ତ ସେସନ୍‌ସ ଜଜ୍ ପ୍ରିୟବ୍ରତ ଦାଶ ୧୯ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ହେମନ୍ତ ଭୋଇ ଓ ଶଶିଭୂଷଣ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨/୩୪ ଆଇପିସିରେ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୬ ମାସ ଲେଖାଏ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଆଇନଜୀବୀ ପି.କେ ଶର୍ମା ଓ ଆସୋସିଏଟ୍‌ସ୍ ମାମଲା ପରିଚାଳନା କରିଥିଲେ।